# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୭/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, June 7/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 193 | ମୂଲ୍ୟ₹୭/-


# ଆଦର୍ଶ ଆଚରଣ ବିଧି ଉଠିଲା


## ରାଜ୍ୟପାଳଙ୍କୁ ନୂତନ ବିଧାନସଭା ଗଠନ ବିଜ୍ଞପ୍ତି ପ୍ରଦାନ କଲେ ସିଇଓ

ନୂଆଦିଲ୍ଲୀ/ଭୁବନେଶ୍ୱର (ଅନିଲ ଦାସ),୬।୬

ମାର୍ଚ୍ଚ ୧୬ରେ ଲୋକ ସଭା ନିର୍ବାଚନ ଘୋଷଣା ହେବା ସହ ସାରା ଦେଶରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି (ଏମ୍‌ସିସି)କୁ ଗୁରୁବାର ଉଠାଇ ଦିଆଯାଇଛି। ଲୋକ ସଭା ସମେତ ୪ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଅରୁଣାଚଳପ୍ରଦେଶ ଓ ସିକିମ୍ ବିଧାନସଭା ନିର୍ବାଚନ ଫଳାଫଳ ଏବଂ କେତେକ ରାଜ୍ୟରେ ହୋଇଥିବା ବିଧାନସଭା ଉପନିର୍ବାଚନ ଫଳାଫଳ ଘୋଷଣା ସରିଛି। ତେଣୁ ଏମ୍‌ସିସିକୁ ତୁରନ୍ତ ଉଠାଇ ଦିଆଗଲା ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କେନ୍ଦ୍ର କ୍ୟାବିନେଟ ସଚିବ ଏବଂ ସମସ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଜଣାଇ ଦିଆଯାଇଛି।

ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଓଡ଼ିଶାର ସପ୍ତଦଶ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଓଡ଼ିଶାର ନୂଆ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ହେବା ପରେ ଓଡ଼ିଶା ଗେଜେଟରେ ମଧ୍ୟ ଏହା ପୁନଃ ବିଜ୍ଞପିତ ହୋଇଛି। ରାଜ୍ୟପାଳଙ୍କୁ ରାଜଭବନରେ ନିଜର ଟିମ୍ ସହ ଭେଟି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ରାଜ୍ୟପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଳା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ଓ ଭାରତର ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ଦିଲୀପ କୁମାର ମାହାତୋ ଉପସ୍ଥିତ ଥିଲେ।

ଆଦର୍ଶ ଆଚରଣ ବିଧି ହେଉଛି ସବୁ ରାଜନୈତିକ ଦଳଙ୍କ ସହମତିରେ ପ୍ରସ୍ତୁତ ହୋଇଥିବା ନିୟମାବଳୀ, ଯାହା ସ୍ୱଚ୍ଛ ଓ ନିରପେକ୍ଷ ☞ପୃଷ୍ଠା-୨


By Speed Post

ELECTION COMMISSION OF INDIA
NIRVACHAN SADAN, ASHOKA ROAD, NEW DELHI-110001

No.437/6/1/ECI/INST/FUNCT/MCC/2024 Dated: 6th June, 2024

To

1. The Cabinet Secretary, Government of India, Rashtrapati Bhawan, New Delhi.
2. The Chief Secretaries of all States/Union Territories.
3. The Chief Electoral Officers of all States/Union Territories.

Subject:- General Elections to House of the People (Lok Sabha), 2024 and State Legislative Assemblies in the States of Andhra Pradesh, Arunachal Pradesh, Odisha and Sikkim, and certain bye-elections- Lifting of Model Code of Conduct reg.

Madam/Sir,

I am directed to state that the provisions of Model Code of Conduct are enforced from the date of announcement of the election schedule by the Election Commission and it remains in operation till the completion of the election process.

2. Now, that the results in respect of the General Elections to the House of the People (Lok Sabha), 2024 and State Legislative Assemblies in the States of Andhra Pradesh, Arunachal Pradesh, Odisha and Sikkim, and certain bye-elections have been declared by the respective Returning Officers, the Model Code of Conduct has ceased to be in operation with immediate effect except in the Graduates' and Teachers' Constituencies of Karnataka, Maharashtra and Telangana where Model Code of Conduct is in force due to biennial/bye elections to Legislative Council from Graduates & Teachers Constituencies.


3. This may be brought to notice of all concerned.

Yours faithfully

(NARENDRA N. BUTOLIA)
SR. PRINCIPAL SECRETARY

# ଶପଥ ପୂର୍ବରୁ ସହଯୋଗୀଙ୍କ ଚାପ

**ଜାତୀୟ ଗଣମାଧ୍ୟମ ଓ ସୋସିଆଲ ମିଡିଆ ରିପୋର୍ଟକୁ ଯଦି ବିଶ୍ୱାସ କରାଯାଏ ତେବେ ମୋଦି ୩.୦ ସରକାରର ରୂପରେଖ ସମ୍ପୂର୍ଣ୍ଣ ବଦଳିଯିବା ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ଥିବା ଅନେକ ଭାଜପା ନେତାଙ୍କୁ ଏଥର କ୍ୟାବିନେଟରେ ଆଉ ସୁଯୋଗ ମିଳିବ ନାହିଁ। ସହଯୋଗୀ ଦଳଗୁଡ଼ିକର ନେତାମାନେ ସେମାନଙ୍କ ସ୍ଥାନ ନେବେ। କାରଣ ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାଜପାକୁ ସଂଖ୍ୟାଗରିଷ୍ଠତା ମିଳିନାହିଁ। ଭାଜପା ନେତା ନରେନ୍ଦ୍ର ମୋଦି ଜୁନ୍ ୯ରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ତେବେ ଏହା ପୂର୍ବରୁ ସହଯୋଗୀଙ୍କ ଚାପ ମୋଦିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏବେ ସରକାର ଚଳାଇବାକୁ ହେଲେ ମେଣ୍ଟ ଦଳଗୁଡ଼ିକର ଦାବି ଆଗରେ ସେ ମୁଣ୍ଡ ନୁଆଁଇବାକୁ ବାଧ୍ୟ, ଯାହାକି ୨୨ ବର୍ଷ କ୍ଷମତା ରାଜନୀତି କ୍ୟାରିୟରରେ ମୋଦି କେବେ ଦେଖି ନ ଥିଲେ।**



ନୂଆଦିଲ୍ଲୀ,୬।୬

ଭାଜପା ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) କେନ୍ଦ୍ରରେ ପୁନର୍ବାର ସରକାର ଗଢ଼ିବାକୁ ଯାଉଥିବାବେଳେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଅନ୍ୟ ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ଚାପ ରାଜନୀତି ଆରମ୍ଭ ହୋଇଯାଇଛି। ଏଥର ଲୋକ ସଭା ନିର୍ବାଚନରେ ସରକାର ଗଢ଼ିବା ପାଇଁ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନାହିଁ। ଏହି ଦଳ ଏକକ ସଂଖ୍ୟାଗରିଷ୍ଠ ହୋଇଥିବାବେଳେ ସରକାର ଗଢ଼ିବା ପାଇଁ ଆବଶ୍ୟକ କୁହୁକ ସଂଖ୍ୟା ୨୭୨ରୁ ୩୨ ଆସନ କମ୍ ରହିଛି। ତେଣୁ ସରକାର ଗଢ଼ିବା ପାଇଁ ଭାଜପା ସହଯୋଗୀ ଜେଡିୟୁ, ଟିଡିପି ଏବଂ ଅନ୍ୟ ଛୋଟ ଦଳଗୁଡ଼ିକ ଉପରେ ନିର୍ଭରଶୀଳ ହୋଇଛି। ଏହାର ସୁଯୋଗ ନେଇ ମେଣ୍ଟ ନେତାମାନେ ବିଭିନ୍ନ ଦାବି ଓ ସର୍ତ୍ତ ଉପସ୍ଥାପନ କରିଛନ୍ତି। ଛୋଟ ଛୋଟ ଆଞ୍ଚଳିକ ଦଳ ମଧ୍ୟ ମୋଦିଙ୍କ ସହ ମୂଲଚାଲ କରୁଥିବା ଚର୍ଚ୍ଚା ହେଉଛି।

### ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ୪ ମନ୍ତ୍ରୀ ପଦ

ବିହାରରେ ଜେଡିୟୁ ୧୨ ଆସନ ଜିତି ଭାଜପାର ଦ୍ୱିତୀୟ ବୃହତ୍ ସହଯୋଗୀ ପାଲଟିଛି। ତେଣୁ ଏହି ଦଳ କ୍ୟାବିନେଟରେ ୩ଟି ପ୍ରମୁଖ ମନ୍ତ୍ରଣାଳୟ ଦାବି କରିଛି। ମନ୍ତ୍ରିମଣ୍ଡଳ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜେଡିୟୁ ମୁଖ୍ୟ ନୀତୀଶ କୁମାର ଆଲୋଚନା କରି ନିଷ୍ପତ୍ତି ନେବେ। ତେବେ ଏହା ସମ୍ମାନଜନକ ହେବା ଆବଶ୍ୟକ ବୋଲି ଜେଡିୟୁ ନେତା ତଥା ବିହାର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରବଣକୁମାର କହିଛନ୍ତି। ୨୦୨୫ ବିହାର ବିଧାନସଭା ନିର୍ବାଚନକୁ ନଜରରେ ରଖି କେନ୍ଦ୍ର କ୍ୟାବିନେଟ୍‌ରେ ଜେଡିୟୁକୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ନୀତୀଶ କୁମାରଙ୍କ ଦଳ ମୁଖ୍ୟତଃ, ରେଳ, ଗ୍ରାମାଞ୍ଚଳ ବିକାଶ, କୃଷି, ଜଳସମ୍ପଦ ଏବଂ ଭାରି ଶିଳ୍ପ ମନ୍ତ୍ରଣାଳୟ ଚାହୁଁଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଜେଡିୟୁରୁ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ଝା, ରାଜୀବ ରଞ୍ଜନ ସିଂ 'ଲଲନ', କୌଶଲେନ୍ଦ୍ର କୁମାର, ରାମପ୍ରୀତ୍ ମଣ୍ଡଳ ଏବଂ ଲଭ୍‌ଲି ଆନନ୍ଦ ମନ୍ତ୍ରୀପଦ ଦୌଡ଼ରେ ଆଗରେ ଅଛନ୍ତି। ଏପରିକି ଅମିତ ଶାହାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ କରାଯିବାକୁ ନେଇ ମଧ୍ୟ ନୀତୀଶ ବିରୋଧ କରୁଥିବା କୁହାଯାଉଛି।

କେବଳ ମନ୍ତ୍ରୀପଦ ନୁହେଁ, ଅଗ୍ନିପଥ ଯୋଜନାର ସମୀକ୍ଷା ପାଇଁ ମଧ୍ୟ ଜେଡିୟୁ ଦାବି କରିଛି। ସେନାରେ ସ୍ୱଳ୍ପମିଆଦୀ ନିଯୁକ୍ତି ପାଇଁ ପ୍ରଚଳିତ ଅଗ୍ନିବୀର ଯୋଜନାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଲୋକଙ୍କ ଆପତ୍ତି ରହିଥିବାବେଳେ ତାହାର ସମାଧାନ ହେବା ଜେଡିୟୁ ଚାହେଁ ବୋଲି ଏହାର ନେତା କେ.ସି. ତ୍ୟାଗୀ ଗୁରୁବାର କହିଛନ୍ତି। ଏହା ବ୍ୟତୀତ ଜାତି ଜନଗଣନା କାର୍ଯ୍ୟକାରୀ କରାଯିବା ଲାଗି ଜେଡିୟୁ ସର୍ତ୍ତ ରଖିଛି। ଜେଡିୟୁ ଏକକ ଦେୱାନି ସଂହିତା (ୟୁସିସି)କୁ ବିରୋଧ କରୁ ନ ଥିବାବେଳେ ଏନେଇ ସବୁ ପକ୍ଷ, ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳ ଏବଂ ବିଭିନ୍ନ ବର୍ଗଙ୍କ ସହ ପରାମର୍ଶ କରାଯିବା ଆବଶ୍ୟକ। ଏଥିସହିତ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ଆବଶ୍ୟକ ବୋଲି ଜେଡିୟୁ ନେତା କହିଛନ୍ତି।

### ଟିଡିପିକୁ ଦରକାର ୫ ବଡ଼ ମନ୍ତ୍ରଣାଳୟ

୧୬ ଆସନ ହାତେଇ ଭାଜପାର ସବୁଠୁ ବଡ଼ ସହଯୋଗୀ ହୋଇଥିବା ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଆବାହକ ପଦ ସହ ଲୋକ ସଭା ବାଚସ୍ପତି ପଦ ପାଇଁ ଦାବି କରିଛି। ଏନ୍‌ଡିଏ ଆବାହକ ପଦ ଦାବିକୁ ନେଇ ଗୈରିକ ଦଳରେ ଅସନ୍ତୋଷ ଦେଖାଦେଇଛି। ଏହି ପଦ ପାଇଁ ଟିଡିପି ଦାବି କରିବା ଅଯୌକ୍ତିକ ବୋଲି କେତେଜଣ କହିଛନ୍ତି। ଏହା ବ୍ୟତୀତ କେନ୍ଦ୍ର କ୍ୟାବିନେଟରେ ଟିଡିପି ୫ ପ୍ରମୁଖ ମନ୍ତ୍ରଣାଳୟ ଦାବି କରିଛି। ସେହି ସେଗୁଡ଼ିକ ହେଲା ଅର୍ଥ, ସଡ଼କ ପରିବହନ, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଶିକ୍ଷା। ଏହାବାଦ୍ ଚନ୍ଦ୍ରାବାବୁ ତାଙ୍କ ପୁଅ ନର ଲୋକେଶଙ୍କ ପାଇଁ କେନ୍ଦ୍ରରେ ବଡ଼ ଭୂମିକା ଚାହୁଁଥିବା ଜଣାପଡ଼ିଛି। ଶୁକ୍ରବାର ହେବାକୁ ଥିବା ଏନ୍‌ଡିଏ ସଂସଦୀୟ ଦଳ ବୈଠକ ପୂର୍ବରୁ ଟିଡିପି ନେତୃତ୍ୱ ସବୁ ସମ୍ଭାବ୍ୟ ଦାବିକୁ ନେଇ ଅଙ୍କକଷା ଚଳାଇଛି।

### ଅନ୍ୟ ସହଯୋଗୀ ଦଳର ଦାବି

ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ସମସ୍ତ ୫ ଆସନ ଜିତିଥିବାବେଳେ ସରକାର ଗଠନ ପୂର୍ବରୁ କେତେକ ଦାବି ରଖିଛି। ଅଗ୍ନିପଥ ଯୋଜନାର ସମୀକ୍ଷା କରାଯିବା ସହ ଦେଶବ୍ୟାପୀ ଜାତି ଜନଗଣନା କାର୍ଯ୍ୟକାରୀ କରାଯିବା ଆବଶ୍ୟକ ବୋଲି ଚିରାଗ କହିଛନ୍ତି। ସେହିପରି ଅନ୍ୟତମ ସହଯୋଗୀ ଜେଡିଏସ୍ ୨ଟି ଆସନ ଜିତିଥିବାବେଳେ ଏହାର ନେତା ଏଚ୍.ଡି. କୁମାରସ୍ୱାମୀଙ୍କ ପାଇଁ କେନ୍ଦ୍ର କ୍ୟାବିନେଟରେ କୃଷିମନ୍ତ୍ରୀ ପଦ ଚାହିଁଛି। ମହାରାଷ୍ଟ୍ରର ୭ ଲୋକ ସଭା ଆସନରେ ☞ପୃଷ୍ଠା-୨

# ଇସ୍ତଫା ଦେଲେ ଆଇଟି ସଚିବ

ଭୁବନେଶ୍ୱର,୬।୬(ଅନିଲ ଦାସ)

ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର ଗୁରୁବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ସେ ଓକାକ୍ ଅଧ୍ୟକ୍ଷ ଏବଂ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ୍ ସେଣ୍ଟର(ଓର୍‌ସାକ) ସିଇଓ ପଦବୀରୁ ମଧ୍ୟ ଇସ୍ତଫା ଦେଇଥିବା ଜଣାପଡ଼ିଛି। ୨୦୨୨ ଡିସେମ୍ବର ୨୮ରେ ସର୍ବଭାରତୀୟ ରେଳବାଇ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍) ଚାକିରିରୁ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସେବେଠୁ ଓଡ଼ିଶା ସରକାର ତାଙ୍କୁ ପ୍ରମୁଖ ସଚିବ ପାହ୍ୟାରେ ଆଇଟି ବିଭାଗରେ ଅବସ୍ଥାପିତ କରିଥିଲେ। ମନୋଜ ମିଶ୍ରଙ୍କ ଇସ୍ତଫା ଜୁନ୍ ୪ତାରିଖ ଅପରାହ୍ନରୁ ଗ୍ରହଣ କରାଯାଇଥିବା ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ☞ପୃଷ୍ଠା-୨

# ବିଏସ୍‌କେୱାଇ କାର୍ଡ ଚାଲୁରହିଛି

## ଅବହେଳା କଲେ ୧୦୪କୁ ଫୋନ କର: ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର,୬।୬(ଅନିଲ ଦାସ)

ରାଜ୍ୟରେ ଶାସନ ପରିବର୍ତ୍ତନ ହୋଇଛି। ବିଜେଡିକୁ ହରାଇ ଭାଜପା କ୍ଷମତାସୀନ ହୋଇଛି। ତେବେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି କାର୍ଡରେ କେତେକ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଚିକିତ୍ସା କରିବାକୁ ମନା କରୁଥିବା ଅଭିଯୋଗ ହେଉଛି। ଫଳରେ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ ହଇରାଣ ହେଉଛନ୍ତି। ବିଏସ୍‌କେୱାଇ କାର୍ଡକୁ ନେଇ ଲାଗିରହିଥିବା ଦ୍ୱନ୍ଦ୍ୱକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଦୂର କରିଛନ୍ତି। ଜେନା କହିଛନ୍ତି, ରାଜ୍ୟରେ ବିଏସ୍‌କେୱାଇ କାର୍ଡ ବର୍ତ୍ତମାନ ବଳବତ୍ତର ରହିଛି। ସମସ୍ତ ହସ୍ପିଟାଲରେ ଏହି କାର୍ଡରେ ଚିକିତ୍ସା ସୁବିଧା ଚାଲୁରହିବ। କୌଣସି ହସ୍ପିଟାଲ ବିଏସ୍‌କେୱାଇ ହିତାଧିକାରୀଙ୍କୁ ଚିକିତ୍ସାରେ ଅବହେଳା କିମ୍ବା ଫେରାଇପାରିବେ ନାହିଁ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରୀ ଟେଲିଫୋନ ନମ୍ବର-୧୦୪ ଜାରି ହୋଇଛି। କୌଣସି ହସ୍ପିଟାଲ୍ ବିଏସ୍‌କେୱାଇରେ ଅବହେଳା କଲେ ୧୦୪କୁ କଲ୍ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହାକୁ ଅବମାନନା କଲେ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଅନ୍ୟପକ୍ଷରେ ବିଏସ୍‌କେୱାଇ କାର୍ଡକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି। ଯେପର୍ଯ୍ୟନ୍ତ ନୂଆ ନିଷ୍ପତ୍ତି ନିଆଯାଇନି ସେ ପର୍ଯ୍ୟନ୍ତ ବିଏସ୍‌କେୱାଇ କାର୍ଡରେ ସେବା ଜାରିରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ବିଏସ୍‌କେୱାଇ କାର୍ଡରେ ଯେମିତି ସୁବିଧା ମିଳୁଥିଲା ବର୍ତ୍ତମାନ ମଧ୍ୟ ସେହିଭଳି ସୁବିଧା ମିଳୁଛି। ଏନେଇ ଲୋକଙ୍କ ମଧ୍ୟରେ କିଛି ଦ୍ୱନ୍ଦ୍ୱ ନ ରହିବା ଉଚିତ୍। ପୂର୍ବରୁ ଯେମିତି ଘରୋଇ ହସ୍ପିଟାଲ ଓ ସରକାରୀ ଡାକ୍ତରଖାନାଗୁଡ଼ିକରେ ବିଏସ୍‌କେୱାଇ କାର୍ଡ ବ୍ୟବହାର କରାଯାଉଥିଲା ତାହା ଜାରି ରହିଛି। ଏହାକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ରହୁ ବୋଲି ଗୁରୁବାର ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି।

# ଜ୍ୟୋତିପ୍ରକାଶ ପଟ୍ଟନାୟକ ଭାରପ୍ରାପ୍ତ ଆଡ୍‌ଭୋକେଟ ଜେନେରାଲ




କଟକ,୬।୬(କାର୍ତ୍ତିକ ସାହୁ)

ହାଇକୋର୍ଟରେ ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକଙ୍କୁ ଭାରପ୍ରାପ୍ତ ଆଡ୍‌ଭୋକେଟ ଜେନେରାଲ ଭାବେ ନିଯୁକ୍ତି ମିଳିଛି। ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ସେ ନିଜର ପୂର୍ବ ଦାୟିତ୍ୱ ସମ୍ଭାଳିବା ସହ ଅତିରିକ୍ତ ଭାବେ ଆଡ୍‌ଭୋକେଟ ☞ପୃଷ୍ଠା-୨

# ଦିଲ୍ଲୀ ଗଲେ ପାଣ୍ଡିଆନ

ଭୁବନେଶ୍ୱର,୬।୬ (ଅନିଲ ଦାସ)



ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କୌଣସି ଏକ କାର୍ଯ୍ୟରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବୋଲି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତକୁ ନେଇ ଅତ୍ୟନ୍ତ ଅରୁଚିକର, ତଥ୍ୟବିହୀନ, ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବିଭ୍ରାନ୍ତିକର ଖବର ପ୍ରସାରଣ କରୁଛନ୍ତି। କୌଣସି ଦଳର ନେତା ବା ନେତୃବୃନ୍ଦ କୌଣସି ସ୍ଥାନକୁ ଗଲେ ଗଣମାଧ୍ୟମକୁ ସୂଚନା ଦେଇ ଯିବାର କୌଣସି ନିୟମ ନାହିଁ। ଏଭଳି ଖବର ପ୍ରସାରଣରୁ କ୍ଷାନ୍ତ ରହିବାକୁ ସେ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପାଣ୍ଡିଆନଙ୍କୁ ସାଧାରଣରେ ଦେଖିବାକୁ ମିଳି ନ ଥିଲା। ଏପରିକି ସେ ବୁଧବାର ନବୀନ ନିବାସଠାରେ ଅନୁଷ୍ଠିତ ନବନିର୍ବାଚିତ ବିଧାୟକମାନଙ୍କ ବୈଠକରେ ମଧ୍ୟ ଯୋଗ ଦେଇ ନ ଥିଲେ। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଥିଲା। ଏଭଳି ସମୟରେ ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି।




# ରବିବାର ସନ୍ଧ୍ୟାରେ ଶପଥ ନେବେ ମୋଦି

## ବହୁ ରାଷ୍ଟ୍ରନେତାଙ୍କୁ ନିମନ୍ତ୍ରଣ

**ନୂଆଦିଲ୍ଲୀ,୬।୬**

ସଦ୍ୟସମାପ୍ତ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୨୯୩ ଆସନ ଜିତି ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି। ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟା ୬ରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କ୍ରମାଗତ ୩ ଥର ପ୍ରଧାନମନ୍ତ୍ରୀ ହେବାରେ ମୋଦି ଦ୍ୱିତୀୟ ଭାରତୀୟ ହେବାକୁ ଯାଉଛନ୍ତି। ପୂର୍ବରୁ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କେବଳ କ୍ରମାଗତ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ବୁଧବାର ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକର ମୁଖ୍ୟମାନଙ୍କ ବୈଠକ ବସି ମୋଦିଙ୍କୁ ନେତା ଚୟନ କରାଯାଇଥିଲା। ଏହା ପରେ ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତ ଆରମ୍ଭ ହୋଇଯାଇଛି। ଶୁକ୍ରବାର ଏନ୍‌ଡିଏ ସଂସଦୀୟ ଦଳ ବୈଠକ ବସି ମୋଦିଙ୍କୁ ଆନୁଷ୍ଠାନିକ ଭାବେ ନେତା ନିର୍ବାଚନ କରାଯିବ। ଏହା ପରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କ ପଛରେ ରହିଥିବା ସହଯୋଗୀ ଦଳଗୁଡ଼ିକର ସମର୍ଥନର ତାଲିକା ଦେବା ସହ ପରବର୍ତ୍ତୀ ସରକାର ଗଢ଼ିବା ପାଇଁ ଦାବି ଜଣାଇବେ। ପୂର୍ବରୁ ଶନିବାର ରାତି ୮ଟାରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଖବର ପ୍ରକାଶ ପାଇଥିବାବେଳେ ଏହି ସମୟରେ ପରିବର୍ତ୍ତନ କରାଯାଇଛି।



ନରେନ୍ଦ୍ର ମୋଦି

ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ବହୁ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂହେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ', ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ। ସୂଚନାଯୋଗ୍ୟ, ୨୦୧୪ରେ ମୋଦିଙ୍କ ପ୍ରଥମ ଶପଥ ଗ୍ରହଣ ଉତ୍ସବକୁ ସାର୍କ ରାଷ୍ଟ୍ରଗୁଡ଼ିକର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ୨୦୧୯ରେ ବିମ୍‌ଷ୍ଟେକ୍ ଦେଶଗୁଡ଼ିକ ସମେତ ମରିସସ୍ ଏବଂ କିର୍ଗିଜସ୍ତାନର ନେତାମାନେ ନିମନ୍ତ୍ରିତ ହୋଇଥିଲେ।

ଏଥର ନିର୍ବାଚନରେ ଭାଜପା ଆସନ ସଂଖ୍ୟା ୨୪୦କୁ ହ୍ରାସ ପାଇଥିବାରୁ ଏହା ସରକାର ଗଠନ ଲାଗି ସହଯୋଗୀ ଦଳଗୁଡ଼ିକ ଉପରେ ନିର୍ଭରଶୀଳ ହୋଇପଡ଼ିଛି। ତେଣୁ ମୋଦି ୩.୦ ସରକାର ପୂର୍ବଭଳି ସୁଦୃଢ଼ ହେବ ନାହିଁ। କଠୋର ନିଷ୍ପତ୍ତି ଗ୍ରହଣ କରିବା ଏହି ସରକାର ପାଇଁ କଷ୍ଟକର ହୋଇପାରେ ବୋଲି କୁହାଯାଉଛି। କାରଣ ସରକାର ଗଠନ ପୂର୍ବରୁ ସହଯୋଗୀ ଦଳଗୁଡ଼ିକ ମୂଲଚାଲ କରିବା ଆରମ୍ଭ କରିଦେଲେଣି। ଏପରିକି ୨ ପ୍ରମୁଖ ସହଯୋଗୀ ଟିଡିପି ଏବଂ ଜେଡିଏସ୍ ଯେଉଁ ଦାବି କରିଛନ୍ତି, ସେଗୁଡ଼ିକୁ ପୂରଣ କରିବା ମୋଦିଙ୍କ ପାଇଁ ସହଜ ହୋଇ ନ ପାରେ। ସହଯୋଗୀ ଦଳଗୁଡ଼ିକୁ ସନ୍ତୁଷ୍ଟ କରି ରଖି ନ ପାରିଲେ, ସରକାର ଭାଙ୍ଗିଯିବା ଭୟ ମଧ୍ୟ ରହିବ। ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକର ନେତାମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ ଜାରି ରହିଥିବା କୁହାଯାଉଛି।

## ପାର୍ଲାମେଣ୍ଟ ପରିସରରେ ଗାନ୍ଧୀ, ଆମ୍ବେଡ୍‌କର, ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର

**ନୂଆଦିଲ୍ଲୀ,୬।୬(ପି.ଟି.)**

ପାର୍ଲାମେଣ୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ବି.ଆର୍. ଆମ୍ବେଡ୍‌କର ଏବଂ ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତିକୁ ସେମାନଙ୍କ ମୂଳ ସ୍ଥାନରୁ ହଟାଇ ଦିଆଯାଇଛି। ସେଗୁଡ଼ିକୁ ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂ ନିକଟରେ ଥିବା ଲନ୍‌କୁ ସ୍ଥାନାନ୍ତର କରାଯାଇଛି। ପ୍ରତିମୂର୍ତ୍ତିଗୁଡ଼ିକର ସ୍ଥାନ ପରିବର୍ତ୍ତନକୁ ନେଇ କଂଗ୍ରେସ କଡ଼ା ସମାଲୋଚନା କରିଛି। ଆଦିବାସୀ ନେତା ବିର୍ସା ମୁଣ୍ଡା, ମହାରାଣା ପ୍ରତାପଙ୍କ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାନାନ୍ତର ହୋଇଛି। ଏହା ଅତ୍ୟନ୍ତ ନିର୍ଦ୍ଦୟ ଘଟଣା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଟୁଇଟ୍ କରିଛନ୍ତି। ମହାରାଷ୍ଟ୍ର ଭୋଟରମାନେ ଭାଜପାକୁ ଭୋଟ ନ ଦେବାରୁ ଶିବାଜୀ ଏବଂ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିକୁ ସେମାନଙ୍କ ମୂଳ ସ୍ଥାନରୁ ହଟାଇ ଦିଆଗଲା ବୋଲି କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ପୱନ ଖେରା କହିଛନ୍ତି।

## କର୍ନାଟକ ମନ୍ତ୍ରୀ ବି. ନାଗେନ୍ଦ୍ରଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୬।୬**

କର୍ନାଟକ ସରକାରଙ୍କ ଅନୁସୂଚିତ ଜନଜାତି ତଥା ଯୁବ ବ୍ୟାପାର ମନ୍ତ୍ରୀ ବି. ନାଗେନ୍ଦ୍ର ଗୁରୁବାର ମନ୍ତ୍ରୀପଦରୁ ଇସ୍ତଫା ଦେଇଛନ୍ତି।



ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ମହର୍ଷି ବାଲ୍ମୀକି ଅନୁସୂଚିତ ଜନଜାତି ବିକାଶ ନିଗମ ଲିମିଟେଡରେ ହୋଇଥିବା ବେଆଇନ ଟଙ୍କା ସ୍ଥାନାନ୍ତରଣ ମାମଲାରେ ନାଗେନ୍ଦ୍ରଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ଭିତ୍ତିକରି ନାଗେନ୍ଦ୍ର ନିଜ ଇସ୍ତଫା ପତ୍ର ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟାଙ୍କୁ ପଠାଇଛନ୍ତି। ସୂଚନାଯୋଗ୍ୟ, ଏହି ଜାଲିଆତି ମାମଲାରେ ରାଜ୍ୟର ବିରୋଧୀ ଦଳ ଭାଜପା ବୁଧବାର ନାଗେନ୍ଦ୍ରଙ୍କ ଇସ୍ତଫା ଦାବି କରି ବିଧାନସଭାରୁ ରାଜଭବନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲା।



ଇସ୍ରାଏଲର ମିଶାଇଲ ମାଡ଼ରେ ଗୁରୁବାର ଗାଜାର ଏକ ୟୁଏନ୍‌ଆର୍‌ଡବ୍ଲ୍ୟୁଏ ସ୍କୁଲ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ଗାଜାରେ ୟୁଏନ୍ ସ୍କୁଲକୁ ଇସ୍ରାଏଲର ମିଶାଇଲ ମାଡ଼, ୪୫ ମୃତ

**ରାଫାହ, ୬।୬**

ଗାଜାର ଏକ ସ୍କୁଲକୁ ଗୁରୁବାର ଇସ୍ରାଏଲ ମିଶାଇଲ ମାଡ଼ କରିଛି। ଫଳରେ ୧୪ରୁ ଅଧିକ ଶିଶୁଙ୍କ ସହ ୪୫ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ସେହିପରି ଆହତମାନଙ୍କୁ ସ୍ଥାନୀୟ ଅଲ୍ ଅକ୍ସା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ସୂଚନା ଦେଇଛନ୍ତି। ଏହି ୟୁଏନ୍‌ଆର୍‌ଡବ୍ଲ୍ୟୁଏ ସ୍କୁଲ୍‌ଟି ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଜାତିସଂଘର ଏଜେନ୍ସି ଦ୍ୱାରା ପରିଚାଳିତ ହେଉଥିଲା। ଏୟାର ଷ୍ଟ୍ରାଇକ୍‌କୁ ଇସ୍ରାଏଲ ସ୍ୱୀକାର କରିଛି। ସେଠାରେ ହମାସ ପକ୍ଷରୁ ଆତଙ୍କବାଦୀ ଗତିବିଧି ଦୀର୍ଘଦିନ ଧରି ଚାଲିଥିବାରୁ ମିଶାଇଲ ମାଡ଼ କରାଯାଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।

## କାନାଡ଼ା ପାଇଁ ଭାରତ ଦ୍ୱିତୀୟ ସବୁଠାରୁ ବଡ଼ ବିଦେଶୀ ବିପଦ

**ଅଟାୱା, ୬।୬**

କାନାଡ଼ାର ଏକ ଉଚ୍ଚସ୍ତରୀୟ ସଂସଦୀୟ ସମିତି ରିପୋର୍ଟ ଗୁରୁବାର ଭାରତକୁ ଦ୍ୱିତୀୟ ସବୁଠାରୁ ବଡ଼ ବିଦେଶୀ ବିପଦ ହୋଇଥିବା ଦର୍ଶାଇଛି। ଏହି ତାଲିକାରେ ଚାଇନାକୁ ପ୍ରଥମ ସ୍ଥାନରେ ରଖାଯାଇଛି। କାନାଡ଼ାର ଜାତୀୟ ସୁରକ୍ଷା ଏବଂ ଗୋଇନ୍ଦା ସଂସଦୀୟ କମିଟି(ଏନ୍‌ଏସ୍‌ଆଇସିଓପି) ଗୁରୁବାର ଜାରି କରିଥିବା ନିଜ ରିପୋର୍ଟରେ କହିଛି, ରୁଷିଆକୁ ହଟାଇ ଭାରତ କାନାଡ଼ାର ଗଣତାନ୍ତ୍ରିକ ଅନୁଷ୍ଠାନ ତଥା ପ୍ରକ୍ରିୟା ପାଇଁ ଚାଇନା ପରେ ଦ୍ୱିତୀୟ ସବୁଠାରୁ ବଡ଼ ବିଦେଶୀ ବିପଦ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ସମ୍ପ୍ରତି ଭାରତ ଓ କାନାଡ଼ା ମଧ୍ୟରେ ତିକ୍ତ ସମ୍ପର୍କ ଲାଗିରହିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ମାମଲାରେ ଭାରତୀୟ ସରକାରୀ ଏଜେଣ୍ଟଙ୍କ ସମ୍ପୃକ୍ତି ଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ପୂର୍ବରୁ ଅଭିଯୋଗ ଆଣିଥିଲେ। ଭାରତ ପକ୍ଷରୁ ଟ୍ରୁଡୋଙ୍କ ଏହି ଅଭିଯୋଗ ଭିତ୍ତିହୀନ ହୋଇଥିବା କୁହାଯାଇଥିଲା।

## କେଜ୍‌ରିୱାଲଙ୍କର ମାରାତ୍ମକ ରୋଗ ନାହିଁ: କୋର୍ଟ

**ନୂଆଦିଲ୍ଲୀ,୬।୬(ପି.ଟି.)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅନ୍ତରୀଣ ଜାମିନରେ ଆସି ଜୋର୍‌ଦାର ପ୍ରଚାର ଚଳାଇଥିଲେ। ସେ କୌଣସି ମାରାତ୍ମକ ରୋଗରେ ପୀଡ଼ିତ ନ ଥିବା ଏଥିରୁ ସୂଚନା ମିଳୁଛି ବୋଲି ଦିଲ୍ଲୀର ଏକ କୋର୍ଟ କହିବା ସହ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। ଅବକାରୀ ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ତିହାର ଜେଲରେ ଥିବା କେଜ୍‌ରିୱାଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନରେ ଯିବା ଲାଗି ଆବେଦନ କରିଥିଲେ। ତାଙ୍କର କୌଣସି ଗୁରୁତର ରୋଗ ନ ଥିବା କହି ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ପିଟିଶନକୁ ଖାରଜ କରିଦେଇଛନ୍ତି। ଏଥିସହିତ କେଜ୍‌ରିୱାଲଙ୍କ ବିଚାରବିଭାଗୀୟ ହାଜତ ମିଆଦକୁ ଅଦାଲତ ଜୁନ୍ ୧୯ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

## ଦଣ୍ଡ ହ୍ରାସ ପାଇଁ କ୍ଷତିପୂରଣକୁ ବିଚାରକୁ ନିଆଯାଇ ପାରିବ ନାହିଁ

**ନୂଆଦିଲ୍ଲୀ,୬।୬(ପି.ଟି.)**

ଅଭିଯୁକ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେଇଥିଲେ, ଏହାକୁ ଦଣ୍ଡ ହ୍ରାସ ପାଇଁ ବିଚାରକୁ ନିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯଦି କ୍ଷତିପୂରଣକୁ ଦଣ୍ଡ ହ୍ରାସ ପାଇଁ ବିଚାରକୁ ନିଆଯାଏ, ତେବେ ଏହା ଆପରାଧିକ ନ୍ୟାୟ ପ୍ରଶାସନକୁ ଗୁରୁତର ପ୍ରଭାବିତ କରିବ। କ୍ଷତିପୂରଣ ଦେବାର ଉଦ୍ଦେଶ୍ୟ ହେଲା, ଅପରାଧର ଶିକାର ହୋଇ ଯେଉଁମାନେ କ୍ଷତିଗ୍ରସ୍ତ ବା ଆହତ ହୋଇଛନ୍ତି, ସେମାନଙ୍କୁ ପୁନର୍ବାସରେ ସହାୟତା କରିବା। ଏପରି ହେଲେ ଯେଉଁ ଅପରାଧୀମାନଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ଅଛି, ସେମାନେ ଆଇନକୁ କିଣିନେବେ ଏବଂ ଅପରାଧିକ ଆଇନର ଉଦ୍ଦେଶ୍ୟ ସାଧିତ ହେବ ନାହିଁ ବୋଲି ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି।

## ଦିଲ୍ଲୀକୁ ହିମାଚଳ ଛାଡ଼ିବ ୧୩୭ କ୍ୟୁସେକ ଜଳ

### ନିର୍ଦ୍ଦେଶଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୬।୬**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଦିଲ୍ଲୀରେ ଜଳସଙ୍କଟ ପରିସ୍ଥିତି ଦେଖାଦେଇଥିବାବେଳେ ଗୁରୁବାର ଏନେଇ ସୁପ୍ରିମକୋର୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଦିଲ୍ଲୀ ପାଇଁ ଅତିରିକ୍ତ ୧୩୭ କ୍ୟୁସେକ ଜଳ ଛାଡ଼ିବାକୁ ସୁପ୍ରିମକୋର୍ଟ ହିମାଚଳ ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହିମାଚଳ ପ୍ରଦେଶ ପକ୍ଷରୁ ଛଡ଼ା ଯାଇଥିବା ଏହି ଜଳର ପରିମାଣକୁ ମାପିବା ପାଇଁ ସର୍ବୋଚ୍ଚ କୋର୍ଟ ଅପର୍ ଯମୁନା ରିଭର ବୋର୍ଡ(ୟୁୱାଇଆର୍‌ବି)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ପ୍ରଶାନ୍ତ ମିଶ୍ର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥଙ୍କ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ହରିୟାଣାର ହାଥନିକୁଣ୍ଡଠାରୁ



ଦିଲ୍ଲୀର ୱାଜିରାବାଦ ପର୍ଯ୍ୟନ୍ତ ବଳକା ଜଳର ନିରବିଚ୍ଛିନ୍ନ ପ୍ରବାହକୁ ସୁଗମ କରିବା ପାଇଁ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଲୋକ ସଭାରେ ୨୮୦ ନୂଆ ମୁହଁ

- ୧୦୫ ବିଜୟୀ ପ୍ରାର୍ଥୀଙ୍କ ଶିକ୍ଷା ୫ମରୁ ଦ୍ୱାଦଶ
- ୯୩% ବିଜେତା କୋଟିପତି

**ନୂଆଦିଲ୍ଲୀ,୬।୬(ପି.ଟି.)**

ସଦ୍ୟସମାପ୍ତ ନିର୍ବାଚନରେ ଲୋକ ସଭାକୁ ପ୍ରଥମ ଥର ପାଇଁ ୨୮୦ ସଦସ୍ୟ ନିର୍ବାଚିତ ହୋଇଛନ୍ତି, ଯାହା କି ମୋଟ ସଦସ୍ୟ ସଂଖ୍ୟାର ୫୨ ପ୍ରତିଶତ। ନୂଆ ମୁହଁ ମଧ୍ୟରେ ଅଛନ୍ତି ଲୋକପ୍ରିୟ ଟିଭି ସିରିଏଲ୍ ରାମାୟଣର ରାମ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲ, ଦଳିତ ଅଧିକାର କର୍ମୀ ଚନ୍ଦ୍ରଶେଖର ଆଜାଦ, ରାଜପରିବାର ସଦସ୍ୟ ଯାଦୁବୀର କୃଷ୍ଣଦତ୍ତ ଚାମରାଜା ୱାଡିୟର ଏବଂ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରମୁଖ। ଏହା ବ୍ୟତୀତ ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭା ସଦସ୍ୟ, ଶିଳ୍ପପତି, ହାଇକୋର୍ଟର ପୂର୍ବତନ ବିଚାରପତି ମଧ୍ୟ ଲୋକ ସଭାକୁ ପ୍ରଥମ ଥର ପାଇଁ ଯାଇଛନ୍ତି। ଉତ୍ତରପ୍ରଦେଶରୁ ନିର୍ବାଚିତ ହୋଇଥିବା ସର୍ବାଧିକ ୮୦ ସଦସ୍ୟଙ୍କ ମଧ୍ୟରୁ ୪୫ ନୂଆ ମୁହଁ ହୋଇଥିବାବେଳେ ମହାରାଷ୍ଟ୍ରରୁ ୩୩ ଜଣ ପ୍ରଥମ କରି ନିମ୍ନ ସଦନକୁ ନିର୍ବାଚିତ ହୋଇଛନ୍ତି।

ଲୋକ ସଭାକୁ ଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ହେଲେ ନାରାୟଣ ରାଣେ, ତ୍ରିବେନ୍ଦ୍ର ସିଂ ରାୱତ୍, ମନୋହରଲାଲ୍, ବିପ୍ଳବ କୁମାର ଦେବ, ଜିତନ ରାମ ମାନ୍‌ଝି, ବାସବରାଜ ବୋମାଇ, ଜଗଦୀଶ ଶେଟ୍ଟାର ଏବଂ ଚରନଜିତ୍ ସିଂ ଚନ୍ନି। ରାଜ୍ୟ ସଭାର ପୂର୍ବତନ ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ଅନିଲ ଦେଶାଇ, ମିଶା ଭାରତୀ, ଭୂପେନ୍ଦ୍ର ଯାଦବ, ଧର୍ମେନ୍ଦ୍ର ପ୍ରଧାନ, ମନ୍‌ସୁଖ ମାଣ୍ଡବ୍ୟ, ପରଷୋତ୍ତମ ରୁପାଲା। ସେହିପରି ଅଭିନେତା ଅଭିନେତ୍ରୀଙ୍କ ମଧ୍ୟରେ ଅଛନ୍ତି, କଙ୍ଗନା ରାଣାୱତ୍, ଜୁନ୍ ମାଲିହା, ସାୟନି



ଘୋଷ, ରଚନା ବାନାର୍ଜୀ। କାଲ୍‌କାଟା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ୍ ଗଙ୍ଗୋପାଧ୍ୟାୟ ପ୍ରଥମ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୯୩ ପ୍ରତିଶତ କୋଟିପତି। ୨୦୧୯ ନିର୍ବାଚନରେ ନିର୍ବାଚିତ ଏମ୍‌ପିଙ୍କ ମଧ୍ୟରୁ କୋଟିପତିଙ୍କ ସଂଖ୍ୟା ୮୮ ପ୍ରତିଶତ ରହିଥିଲା ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)ର ଏକ ବିଶ୍ଳେଷଣରୁ ଜଣାପଡ଼ିଛି। ସବୁଠୁ ଧନୀ ୩ ନିର୍ବାଚିତ ସଦସ୍ୟ ହେଲେ ଟିଡିପିର ଚନ୍ଦ୍ରଶେଖର ପେମାସାନି, ଭାଜପାର କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ ଏବଂ ନବୀନ ଜିନ୍ଦଲ। ଚନ୍ଦ୍ରଶେଖରଙ୍କ ସମ୍ପତ୍ତି ୫,୭୦୫ କୋଟି ଟଙ୍କା ହୋଇଥିବାବେଳେ କୋଣ୍ଡା ବିଶ୍ୱେଶ୍ୱରଙ୍କ ସମ୍ପତ୍ତି ୪,୫୬୮ କୋଟି ଏବଂ ଜିନ୍ଦଲଙ୍କ ସମ୍ପତ୍ତି ୧,୨୪୧ କୋଟି ଟଙ୍କା। ୫୪୩ ସଦସ୍ୟଙ୍କ ମଧ୍ୟରୁ ୫୦୪ ଜଣ କୋଟିପତି ଥିବା ବିଶ୍ଳେଷଣରୁ ଜଣାପଡ଼ିଛି।


ସେହିପରି ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୫ ଜଣ ବା ୧୯%ଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ପାସ୍ ବୋଲି ଜଣାପଡ଼ିଛି। ୪୨୦ ଜଣ ବା ୭୭ ପ୍ରତିଶତଙ୍କ ଯୋଗ୍ୟତା ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ବୋଲି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ୧୭ ଜଣ ଡିପ୍ଲୋମାଧାରୀ ହୋଇଥିବା ବେଳେ ଜଣେ ନାମକୁ ମାତ୍ର ଶିକ୍ଷା ଗ୍ରହଣ କରିଛନ୍ତି। ଏଥର ୧୨୧ ଜଣ ନିରକ୍ଷର ନିର୍ବାଚନ ଲଢ଼ିଥିବାବେଳେ ସମସ୍ତେ ହାରିଯାଇଛନ୍ତି।

## ଫୁର୍‌ସତ

## ବିଶ୍ୱର ସବୁଠୁ ବୟସ୍କ ବିଲେଇ

**ଲଣ୍ଡନ:** ସାଧାରଣତଃ ବିଲେଇମାନେ ୧୩ରୁ ୧୫ ବର୍ଷ ଯାଏ ବଞ୍ଚିଥାନ୍ତି। କିନ୍ତୁ ଏବେ ଚର୍ଚ୍ଚାରେ ଏପରି ଏକ ବିଲେଇ ରହିଛି, ଯାହାର ବୟସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବିଲେଇ ବିଶ୍ୱର ସବୁଠାରୁ ବୟସ୍କ ବିଲେଇ ହୋଇଥିବା ଦାବି କରାଯାଉଛି। ୨୮ ବର୍ଷୀୟ ଏହି ବିଲେଇଟି ଖୁବ୍‌ଶୀଘ୍ର ବିଶ୍ୱର ସବୁଠାରୁ ବୟସ୍କ ବିଲେଇ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ପଞ୍ଜୀକରଣ କରିପାରିବ ବୋଲି ଚର୍ଚ୍ଚା ହେଉଛି।

ଇଂଲଣ୍ଡର ଲେସ୍‌ଲି ଗ୍ରୀନ୍‌ହଫ୍(୬୯) ନାମକ ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ ତାଙ୍କ ବିଲେଇ ମିଲି ହେଉଛି ବିଶ୍ୱର ସବୁଠାରୁ ବୟସ୍କ ବିଲେଇ। ୧୯୯୫ରେ ମାତ୍ର ୩ ମାସର ହୋଇଥିବା ବେଳେ ଗ୍ରୀନ୍‌ହଫ୍‌ଙ୍କ ସ୍ତ୍ରୀ ମିଲିକୁ ତାଙ୍କ ଘରକୁ ଆଣିଥିଲେ। ସେ ଓ ତାଙ୍କ ସ୍ତ୍ରୀ ସର୍ବଦା ମିଲିକୁ ପରିବାରର ସଦସ୍ୟ ଭାବେ ସ୍ନେହ କରିଥାନ୍ତି ବୋଲି ଗ୍ରୀନ୍‌ହଫ୍ କହିଛନ୍ତି। ତେବେ କୋଭିଡ-୧୯ ମହାମାରୀ ସମୟରେ ଗ୍ରୀନ୍‌ହଫ୍‌ଙ୍କ ସ୍ତ୍ରୀଙ୍କର ଦେହାନ୍ତ ହୋଇଯାଇଛି। ଏହି ଅବସରରେ ସେ ତାଙ୍କ ସ୍ତ୍ରୀଙ୍କ ସ୍ମୃତିରେ ମିଲିକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସବୁଠୁ ବୟସ୍କ ବିଲେଇର ଟାଇଟଲ୍ ଦେବାକୁ ଚାହୁଁଥିବା ଗ୍ରୀନ୍‌ହଫ୍ କହିଛନ୍ତି।



ମିଲି ବିଶ୍ୱର ସବଠାରୁ ବୟସ୍କ ଜୀବନ୍ତ ବିଲେଇ ଖୁବ୍‌ଶୀଘ୍ର ହେବେ ଏବଂ ଏହାଦ୍ୱାରା ମିଲି ବିଷୟରେ ସମସ୍ତେ ଜାଣିବାକୁ ପାଇବେ ବୋଲି ଗ୍ରୀନ୍‌ହଫ୍ କହିଛନ୍ତି। ସୂଚନାଯୋଗ୍ୟ, ଏବେ ବିଶ୍ୱର ସବୁଠାରୁ ବୟସ୍କ ବିଲେଇର ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଫ୍ଲୋସି ନାମକ ବିଲେଇ ପାଖରେ ରହିଛି। ଖୁବ୍‌ଶୀଘ୍ର ମିଲିକୁ ଏହି ଟାଇଟେଲ ମିଳିବା ତାଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହେବ ବୋଲି ଗ୍ରୀନ୍‌ହଫ୍ କହିଛନ୍ତି। ତେବେ ମିଲି ଏବେ ମଧ୍ୟ ଡେଇଁ ପାରନ୍ତି, କିନ୍ତୁ ସମୟ ସହ ଏବେ ତାର ଗତି ଟିକେ ମନ୍ଥର ହୋଇଯାଇଥିବା ଗ୍ରୀନ୍‌ହଫ୍ କହିଛନ୍ତି। ସେହିପରି ବର୍ତ୍ତମାନ ମିଲି ଟିକେ କମ୍ ଶୁଣି ପାରୁଥିବା ସେ କହିଛନ୍ତି।

## ଖାଦ୍ୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

### ଆଜି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



ମାନବ ଶରୀର ଗଠନରେ ଖାଦ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ପ୍ରକୃତି ବିଭିନ୍ନ ପ୍ରକାରର ଖାଦ୍ୟ ସୃଷ୍ଟି କରିଛି, ଯେଉଁଥିରେ କୋଷ ଏବଂ ଶରୀରର ଟିସୁ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥା ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ରହିଥାଏ। ତେଣୁ ଶକ୍ତି ପାଇବା ପାଇଁ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଖାଇବା ଆବଶ୍ୟକ। କିନ୍ତୁ ଖାଦ୍ୟ ଯଦି ଦୂଷିତ ହୋଇଯାଏ, ତାହା ଶରୀରରେ ଅନେକ ପ୍ରକାରର ରୋଗ ସୃଷ୍ଟି କରେ। ବିଶ୍ୱରେ ୧୦ ଜଣଙ୍କ ମଧ୍ୟରୁ ଜଣେ ଦୂଷିତ ଖାଦ୍ୟ ଖାଇବା ପରେ ଅସୁସ୍ଥ ହୋଇଯାଆନ୍ତି ଏବଂ ପ୍ରତିବର୍ଷ ୪୨୦,୦୦୦ ମୃତ୍ୟୁବରଣ କରନ୍ତି। ଖାଦ୍ୟର ଗୁଣ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ପ୍ରତିବର୍ଷ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଜୁନ ୭ରେ ସମଗ୍ର ବିଶ୍ୱରେ ପାଳନ କରାଯାଏ। ୭ ଜୁନ ୨୦୧୯ରେ ପ୍ରଥମ ଥର ପାଇଁ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା, ଯାହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ଉଦ୍ୟମରେ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଛି। ଚଳିତବର୍ଷ ଖାଦ୍ୟ ସୁରକ୍ଷା ଦିବସର ବିଷୟବସ୍ତୁ 'ଖାଦ୍ୟ ସୁରକ୍ଷା: ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତି' ରହିଛି।

## ରଣବୀର କିଣିଲେ ଅଢ଼େଇ କୋଟିର କାର୍



ରଣବୀର କପୁର


**ମୁମ୍ବାଇ:** ବଲିଉଡ୍‌ର ଫେମସ୍ କପଲଙ୍କ ମଧ୍ୟରୁ ଅଭିନେତା ରଣବୀର କପୁର ଓ ଅଭିନେତ୍ରୀ ଆଲିଆ ଭଟ୍ଟ ଅନ୍ୟତମ। ପ୍ରଶଂସକମାନେ ଉଭୟଙ୍କ ଅନ୍ ସ୍କ୍ରିନ୍ ଓ ଅଫ୍ ସ୍କ୍ରିନ୍ କେମେଷ୍ଟ୍ରିକୁ ବେଶ୍ ପସନ୍ଦ କରିଥାନ୍ତି। ବର୍ତ୍ତମାନ ଏହି ଦମ୍ପତି ଏକ ନୂଆ ବ୍ରାଣ୍ଡର କାର୍ କିଣିଛନ୍ତି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଷ୍ଟାର୍ ଦମ୍ପତି ଏକ ବିଳାସପୂର୍ଣ୍ଣ ଲେକ୍ସସ୍ ଏଲ୍‌ଏମ୍ କାର୍ କିଣିଥିବାର ରିପୋର୍ଟ ପ୍ରକାଶ ପାଇଛି।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଉଭୟ ରଣବୀର ଓ ଆଲିଆ ନିଜ ନୂଆ ବିଳାସପୂର୍ଣ୍ଣ ଲେକ୍ସସ୍ ଏଲ୍‌ଏମ୍ କାରରେ ସେମାନଙ୍କ ଘରେ ପ୍ରବେଶ କରୁଛନ୍ତି। ଏହି କାର୍‌ର ମୂଲ୍ୟ ପ୍ରାୟ ୨.୫୦ କୋଟି ଟଙ୍କାରୁ ଅଧିକ ରହିଛି। ଏହାପୂର୍ବରୁ ରଣବୀର ଚଳିତ ବର୍ଷ ଏପ୍ରିଲରେ ବେଣ୍ଟଲି କାର କିଣିଥିଲେ, ଯାହାର ମୂଲ୍ୟ ପ୍ରାୟ ୬ କୋଟି ଟଙ୍କା ଥିଲା। ଗତ ବର୍ଷ ସେ ୪ କୋଟି ମୂଲ୍ୟର ବିଳାସପୂର୍ଣ୍ଣ ରେଞ୍ଜରୋଭର କାର୍ ମଧ୍ୟ କିଣିଥିଲେ। ରିପୋର୍ଟ ଅନୁଯାୟୀ, ରଣବୀରଙ୍କ ନିକଟରେ ୩.୨୭ କୋଟି ମୂଲ୍ୟର ଲ୍ୟାଣ୍ଡ ରୋଭର ରେଞ୍ଜ ରୋଭର ଅଟୋବିଓଗ୍ରାଫି, ୧.୭୧ କୋଟି ମୂଲ୍ୟର ଅଡି -ଏ୮-ଏଲ୍, ୨.୨୮ କୋଟି ମୂଲ୍ୟର ମର୍ସିଡିଜ-ଏମଜି-ଜି -୬୩, ୨.୭୨ କୋଟି ମୂଲ୍ୟର ଅଡି ଆର୍୮ ଭଳି କାର୍ ରହିଛି। ସେହିପରି ଆଲିଆଙ୍କ କାର୍ କଲେକ୍ସନରେ ୨.୮ କୋଟି ମୂଲ୍ୟର ଲ୍ୟାଣ୍ଡ ରୋଭର-ରେଞ୍ଜ ରୋଭର ଭୋଗ୍, ୭୦ ଲକ୍ଷ ମୂଲ୍ୟର ଅଡି ଏ୬, ୧.୮ କୋଟି ମୂଲ୍ୟର ବିଏମଡବ୍ଲ୍ୟୁ ୭-ସିରିଜ୍, ୭୯ ଲକ୍ଷ ମୂଲ୍ୟର ଅଡି କ୍ୟୁ୫ ଏବଂ ୯୪ ଲକ୍ଷ ମୂଲ୍ୟର ଅଡି କ୍ୟୁ୭ ରହିଛି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୭/୨୦୨୪ | Bhubaneswar, Friday, June 7/2024 | ପୃଷ୍ଠା-୧


# କଙ୍ଗନାଙ୍କୁ ଚାପୁଡ଼ା


କୁଲବିନ୍ଦର କୌର


କଙ୍ଗନା ରାଣାଓ୍ୱାତ

**ଚଣ୍ଡିଗଡ଼, ୬।୬**


ବଲିଉଡ୍ ଅଭିନେତ୍ରୀ ତଥା ନବନିର୍ବାଚିତ ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱାତଙ୍କୁ ଗୁରୁବାର ଚଣ୍ଡିଗଡ଼ ଏୟାରପୋର୍ଟରେ ଚାପୁଡ଼ା ମାଡ଼ ହୋଇଛି। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସ୍‌ଏଫ୍)ର ମହିଳା ଗାର୍ଡ କୁଲବିନ୍ଦର କୌର କଙ୍ଗନାଙ୍କ ନିକଟକୁ ଆସି ତାଙ୍କୁ ଚାପୁଡ଼ା ମାରିଛନ୍ତି। ଏୟାରପୋର୍ଟରେ କଙ୍ଗନାଙ୍କ ସିକ୍ୟୁରିଟି ଯାଞ୍ଚ ବେଳେ ଏଭଳି ଘଟଣା ଘଟିଛି।

୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ କୃଷକମାନେ ଆନ୍ଦୋଳନ ଚଳାଇଥିବାବେଳେ କଙ୍ଗନା ଉକ୍ତ ଆନ୍ଦୋଳନକୁ ବିରୋଧ କରିଥିଲେ। ସେ ସେତେବେଳେ ଆନ୍ଦୋଳନକାରୀ ଚାଷୀଙ୍କ ବିରୋଧରେ ଟୁଇଟ୍ କରିଥିଲେ, ଯାହା କୁଲ୍‌ବିନ୍ଦରଙ୍କୁ କ୍ଷୁବ୍ଧ କରିଥିଲା। ହିମାଚଳ ପ୍ରଦେଶର ମଣ୍ଡି ଆସନରେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିବା କଙ୍ଗନା ଦିଲ୍ଲୀ ଯାଉଥିବାବେଳେ ବିମାନବନ୍ଦରରେ ତାଙ୍କୁ ଦେଖିବା ପରେ ମହିଳା ଗାର୍ଡ ଜଣକ ଉତ୍ତେଜିତ ହୋଇ ଆକ୍ରମଣ କରିଥିଲେ। କ'ଣ ପାଇଁ ମାରିଲ ବୋଲି ପଚାରିବାରୁ କୁଲବିନ୍ଦର ଏହା କହିଛନ୍ତି। ସମ୍ପୂର୍ଣ୍ଣ ଘଟଣାକୁ ନେଇ କଙ୍ଗନା ଏକ ଭିଡିଓ ବାର୍ତ୍ତା ନିଜ ଏକ୍ସ' ଆକାଉଣ୍ଟରେ ଜାରି କରିଛନ୍ତି। ସେ ସୁରକ୍ଷିତ ଅଛନ୍ତି ଏବଂ ଏହି ଘଟଣା ପଞ୍ଜାବରେ ବୃଦ୍ଧି ପାଉଥିବା ଉଗ୍ରବାଦର ଜ୍ୱଳନ୍ତ ଉଦାହରଣ ବୋଲି କଙ୍ଗନା କହିଛନ୍ତି। ସେ ଦିଲ୍ଲୀ ପହଞ୍ଚିବା ପରେ ସିଆଇଏସ୍‌ଏଫ୍ ମହାନିର୍ଦ୍ଦେଶକ ନିନା ସିଂଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଅଭିଯୁକ୍ତ ଗାର୍ଡ କୁଲବିନ୍ଦରଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ପୋଲିସ ତାଙ୍କୁ ଗିରଫ କରିଥିବା ସିଆଇଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ ସିଆଇଏସ୍‌ଏଫ୍ ପକ୍ଷରୁ ଏକ କମିଟି ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଶେୟାର ବଜାର ଦୁର୍ନୀତିରେ ମୋଦି, ଶାହା

## ନିବେଶକ ହରାଇଛନ୍ତି ୩୦ ଲକ୍ଷ କୋଟି: ରାହୁଲ

**ନୂଆଦିଲ୍ଲୀ,୬।୬(ପି.ଟି.)**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସର୍ବବୃହତ୍ ଷ୍ଟକ୍ ମାର୍କେଟ ଦୁର୍ନୀତି ସହ ସିଧାସଳଖ ସମ୍ପୃକ୍ତ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଅଭିଯୋଗ କରିଛନ୍ତି। ସେମାନଙ୍କ ପରାମର୍ଶକ୍ରମେ ଶେୟାର ବଜାରରେ ପୁଞ୍ଜି ଲଗାଇଥିବା ଖୁଚୁରା ନିବେଶକମାନେ ଭୋଟଗଣତି ଦିନ ୩୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିର ସମ୍ମୁଖୀନ ହୋଇଥିଲେ। ତେଣୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯିବାକୁ ରାହୁଲ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। କେବଳ ମୋଦି, ଶାହା ନୁହନ୍ତି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଧ୍ୟ ନିର୍ବାଚନ ପୂର୍ବରୁ ଷ୍ଟକ୍ ମାର୍କେଟ ଉପରେ ମନ୍ତବ୍ୟ ଦେଇଥିଲେ, ଯାହା କି ପୂର୍ବରୁ କେବେ ହୋଇ ନ ଥିଲା। ଜାଲ୍ ଏକ୍‌ଜିଟ୍ ପୋଲ୍ ପରେ ଷ୍ଟକ୍ ମାର୍କେଟ କାରବାର ବେଶ୍ ବଢ଼ିଥିଲା ଏବଂ ୪ ତାରିଖ ଭୋଟଗଣତି ସହ ପରିଣାମ ଆସିବା ଆରମ୍ଭ ହେବାରୁ ସାଧାରଣ ନିବେଶକମାନେ ବିପୁଳ କ୍ଷତି ସହିଥିଲେ। ଏକ୍‌ଜିଟ୍ ପୋଲ୍ ପ୍ରସ୍ତୁତିରେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିମାନଙ୍କୁ ମଧ୍ୟରେ ତଦନ୍ତରେ ସାମିଲ କରିବାକୁ ରାହୁଲ ଦାବି କରିଛନ୍ତି। ୫ କୋଟି ପରିବାରକୁ ଷ୍ଟକ୍ ମାର୍କେଟରେ ନିବେଶ କରିବାକୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ନିବେଶ ଉପଦେଶ ଦେଲେ କାହିଁକି? ନିବେଶ ସମ୍ପର୍କରେ ପରାମର୍ଶ ଦେବା ସେମାନଙ୍କ କାର୍ଯ୍ୟ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଶେୟାର ବଜାର ଜାଲିଆତିରେ ସମ୍ପୃକ୍ତ ଥାଇ ସେବି ତଦନ୍ତର ସମ୍ମୁଖୀନ ହୋଇଥିବା ଗ୍ରୁପ୍ ମାଲିକାନାରେ ଥିବା ମିଡିଆ ହାଉସ୍‌କୁ ମୋଦି ଓ ଶାହା ସାକ୍ଷାତ୍‌କାର ଦେଇଥିଲେ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

# ବାଲେଶ୍ୱର, ଭଦ୍ରକରେ ପ୍ରଚଣ୍ଡ ଶବ୍ଦ

**ବାଲେଶ୍ୱର(ମାନସ ବିଶ୍ୱାଳ)/ ଭଦ୍ରକ(ସନାତନ ରାଉତ),୬।୬**

ବାଲେଶ୍ୱର ଓ ଭଦ୍ରକ ଜିଲାରେ ଗୁରୁବାର ଅପରାହ୍ନରେ ହଠାତ୍ ଶୁଭିଲା ପ୍ରଚଣ୍ଡ ଶବ୍ଦ। ବାଲେଶ୍ୱରରେ ପ୍ରାୟ ୩ଟା ସମୟରେ ପ୍ରଚଣ୍ଡ ଶବ୍ଦ ପରେ ଥରି ଉଠିଲା ଆଖପାଖ ଅଞ୍ଚଳ। ଏହି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ପାଖରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଥିବାରୁ ଗୋଳାବାରୁଦ ପରୀକ୍ଷଣ ହେଉଥିବା ଅନୁମାନ କରାଯାଉଥିଲା। ଭଦ୍ରକକୁ ଏହି ଶବ୍ଦ କମ୍ ଶୁଭିଥିବା ବେଳେ ଜିଲାର ବାସୁଦେବପୁର ଅଞ୍ଚଳରେ ଖୁବ୍ ଜୋରରେ ଶୁଣାଯାଇଥିଲା। ଏହି ଶବ୍ଦ କିଛି ସମୟ ପର୍ଯ୍ୟନ୍ତ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

**ବିଶ୍ୱତାପନ ଲକ୍ଷ୍ୟ**











**ଆଜିର ମନ୍ତବ୍ୟ**

"କଂଗ୍ରେସ ସହ ଆପ୍‌ର ମେଣ୍ଟ କେବଳ ଲୋକ ସଭା ନିର୍ବାଚନ ପାଇଁ ଥିଲା। ଆସନ୍ତା ବର୍ଷ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳ ସମସ୍ତ ଆସନରେ ଏକାକି ଲଢ଼ିବ।

– ଗୋପାଳ ରାୟ, ବରିଷ୍ଠ ଆପ୍ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୪୫।
- ଏସ୍‌ଏସ୍ ଡ୍ୟାନ୍ସ ଆଣ୍ଡ ଫିଟନେସ ଏକାଡେମୀର ୨ୟ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରଜ ମହୋତ୍ସବ ଉପଲକ୍ଷେ ପିଣ୍ଡିକି ୟୁଥ୍‌କ୍ଲବ ପକ୍ଷରୁ ବାର୍ଷିକ ଡ୍ରାମା, ସ୍ଥାନ: ଦାରୁଠେଙ୍ଗ ଯାତ୍ରାପଡ଼ିଆ, ସମୟ: ରାତି ୯ଟା।

## କଟକ

- ଦୟାନିଧି ସ୍ମୃତି କଳା ପରିଷଦ ଆନୁକୂଲ୍ୟରେ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ବାର୍ଷିକୀ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ମାନବିକ ଅଧିକାର ସୁରକ୍ଷା ସଂଘ ଓ ସନାତନ ପରିବାର ପକ୍ଷରୁ ସଂକଳ୍ପ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାୟ ପ୍ରଦାନ ଦାବିରେ ପୀଡ଼ିତ ପରିବାର ପକ୍ଷରୁ ପଦଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ରଜ ମହୋତ୍ସବ ଅବସରରେ ନୀଳାଦ୍ରି କଲ୍ଚରାଲ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସିଦ୍ଧମହାବୀର ନିକଟ, ପୁରୀ, ସମୟ: ଅପରାହ୍ନ ୪ଟା।
- ସାମୂହିକ ଆଚାର୍ଯ୍ୟ କର୍ମଶାଳା, ସ୍ଥାନ: ହରଚଣ୍ଡି ସାହି, ସରସ୍ୱତୀ ଶିଶୁ ମନ୍ଦିର ପରିସର, ପୁରୀ, ସମୟ: ସନ୍ଧ୍ୟା ୭ଟା। ୦

## ଖୋର୍ଦ୍ଧା

- ବନବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ୟାମସୁନ୍ଦରପୁର ନର୍ସରୀ, ବୋଲଗଡ଼, ସମୟ: ସକାଳ ୭ଟା।
- ଜାଗୃତି ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମନଗର ସ୍ଥିତ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି ଏବଂ ଅଷ୍ଟତ୍ରିଂଶ ଶମ୍ଭୁମିଳନ ଉତ୍ସବ, ସ୍ଥାନ: ପ୍ରତାପେଶ୍ୱର ଦେବଙ୍କ ପୀଠ, ହରିପୁର, ଚିଲିକା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ବୁଝାମଣାପତ୍ର ସ୍ୱାକ୍ଷର, ସ୍ଥାନ: ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର୍ଗତ ଡ. ଜ୍ୟୋତିଷ୍କର ମହାପାତ୍ରଙ୍କ ଏକାଦଶାହ ଶୋକାଞ୍ଜଳି ସଭା, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ରାଜାବଗିଚା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ବାରିପଦା ଶପିଂ ଫେଷ୍ଟିଭାଲର ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତୋଟାସାହି ସତୀ ସାବିତ୍ରୀ ପୀଠ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜପ, ଆରତୀ, ଆଧାତ୍ମିକ ବେଦ ପ୍ରଶିକ୍ଷକ ତାଲିମ ଶିବିର, ସ୍ଥାନ: ସତସଙ୍ଗ ବିହାର, ଆନନ୍ଦପୁର, ସମୟ: ପ୍ରାତଃ ୫ ଟା।
- ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନଶିପ ଉଦ୍‌ଘାଟନ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଅଷ୍ଟମପ୍ରହର ନାମଯଜ୍ଞ, ଶୁଭ ଅଧିବାସ, ସ୍ଥାନ: କପୁଣ୍ଡି, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର

- ସବୁଜ ବାହିନୀର ଖବରଦାତା ସମ୍ମିଳନୀ, ସ୍ଥାନ: ଗିରିମାର୍କେଟ ଆନ୍ଧ୍ର ମହିଳା ସମାଜ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ଭେଜିପୁଟ ଯାତ୍ରା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି, ସ୍ଥାନ: ଯାତ୍ରା ମଣ୍ଡପ, ଫୁଲବାଣୀ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମା' ଠାକୁରାଣୀଙ୍କ ଘଟ ପର୍ବ ଆବାହନ, ସ୍ଥାନ: ବାମୁଣୀଡ଼ଙ୍ଗର, ଗୁଡାରି ବ୍ଲକ୍, ସମୟ: ଅପରାହ୍ନ ୩ ଟା।

## କୋରାପୁଟ

- ଶ୍ରୀ ପଦ୍ଧତିରେ ଧାନ ଓ ମାଣ୍ଡିଆ ଚାଷ ନେଇ ତାଲିମ ଶିବିର, ସ୍ଥାନ: କୋଟସ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସିଦ୍ଧି ବିନାୟକ, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ଓ ନବନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ସକାଳ ୬ଟାରୁ ଆରମ୍ଭ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ସଚେତନତା, ସ୍ଥାନ: ମାନେଶ୍ୱର ବ୍ଲକ ଅର୍ନ୍ତଗତ ନୂଆଁ ତିହୁରା, ସମୟ: ପ୍ରାତଃ ୫ଟା।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଛକ, ସମ୍ବଲପୁର, ସମୟ : ରାତି୮ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର, ସ୍ଥାନ: ଟାଉନ୍ ବାଳକ ଉଚ୍ଚ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ଶୀତଳ ଷଷ୍ଠୀ ଯାତ୍ରା ପାଇଁ କୋଷାଗାରରୁ ବାହାରିବେ ନାଗ ପ୍ରତିମା ଓ ଅଳଙ୍କାର, ସ୍ଥାନ: ସୁବର୍ଣ୍ଣପୁର କୋଷାଗାର, ସମୟ: ସକାଳ ୯ଟା।
- କେପିଏଲ ଧମାକାର ଫାଇନାଲ ମ୍ୟାଚ, ସ୍ଥାନ: କୋଟସମଲାଇ ହନୁମାନ ଛକ ପଡିଆ, ଉଲୁଣ୍ଡା, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ବରପାଲି ଶୀତଳଷଷ୍ଠୀ ଯାତ୍ରାରେ ଶ୍ରୀ ଶ୍ରୀ ନଟରାଜ ଶିବଙ୍କ ମୂର୍ତ୍ତି ସଂସ୍ଥାପନ, ସ୍ଥାନ ନୃପରାଜ କ୍ଲବ, ବରପାଲି, ସମୟ: ସକାଳ ୮ଟା ୩୦।
- ବରଗଡ଼ ଶୀତଳଷଷ୍ଠୀ ଯାତ୍ରା, ପାର୍ବତୀଙ୍କ ନବୀନ ବସ୍ତ୍ରାଳଙ୍କାର ଧାରଣ, ସ୍ଥାନ: ବରଗଡ, ସମୟ: ଅପରାହ୍ନ ୪ଟା ୪୫ ।
- ପଦ୍ମପୁର ଶୀତଳଷଷ୍ଠୀ ମହୋତ୍ସବ, ତାରକାସୁର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡପଡା, ପଦ୍ମପୁର, ସମୟ: ରାତି ୮ଟା।

## ଝାରସୁଗୁଡ଼ା

- ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ଓ ହଟଲୀପଡ଼ା ମସ୍‌ଜିଦ, ସମୟ: ଅପରାହ୍ନ ୧ଟା ୩୦।

## ରାଉରକେଲା

- ପରିବେଶ ସଚେତନତା କର୍ମଶାଳା, ସ୍ଥାନ: ଦିଲୀ ପବ୍ଲିକ୍ ସ୍କୁଲ ପରିସର, ସମୟ: ସକାଳ ୭ଟା ୩୦।
- ମାଗଣା ରକ୍ତଦାନ ଶିବିର,ସ୍ଥାନ: ମଣିକଲୋନୀ, ଓରାମପଡା, ସମୟ: ସକାଳ ୮ଟା।
- ମାସିକ ସାହିତ୍ୟ ଆସର ଆଲୋଚନା ଚକ୍ର, ସ୍ଥାନ: ନୋବେଲ କ୍ଲବ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଜଗତ ଜନନୀ ମା'ପାର୍ବତୀ ଦେବୀଙ୍କ ଦେବାଧିଦେବ ମହାଦେବ ଶ୍ରୀଶ୍ରୀ ମୁକ୍ତେଶ୍ୱର ବାବାଙ୍କ ସହିତ ଶୁଭବିବାହ (ଶୀତଳ ଷଷ୍ଠୀ) ଅବସରରେ ପତରପେଣ୍ଡି, ଅଳଙ୍କାର ଧାରଣ, ସ୍ଥାନ: ଦେବଗଡ଼ ତଳଭିଟିରିଆ ସାହି କନ୍ୟା ମାତାପିତାଙ୍କ ଘର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ସରକାରୀ ଅନୁଦାନପ୍ରାପ୍ତ ଡେଣ୍ଟାଲ କିଓର ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ସହର, ସାପ୍ତାହିକ ବଜାର ନିକଟ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୋଡେନ ବ୍ଲକ ମା' ଦ୍ୱାରସେନି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୮ଟା।

## ବୌଦ୍ଧ

- ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ପରିଚାଳନା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତପସ୍ୱିନୀ ପରିବାର ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୌଦ୍ଧ, ସମୟ: ଅପରାହ୍ନ ୪ଟା ୩୦।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କୁ ନେଇ ବସ୍ତି ସଫେଇ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସକାଳ ୮ଟା।
- ଶୀତଳଷଷ୍ଠୀରେ ଶିବ,ପାର୍ବତୀଙ୍କ ବିବାହ ପାଇଁ ନିର୍ବନ୍ଧ ଉତ୍ସବ, ସ୍ଥାନ: ଶାରଳା ମନ୍ଦିର, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜୟରାଷ୍ଟ୍ର ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର ପରିସର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଘରର ଅକୁହା କଥାକୁ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ନିକଟରେ ଅଟକି ରହିଥିବା ଅର୍ଥପ୍ରାପ୍ତିରେ ବିବାଦ ଦେଖାଦେବ। ସଭାସମିତିରେ ଆଦର ଅଭ୍ୟର୍ଥନା ମିଳିବ, ମାତ୍ର ମନ ଭଲ ନ ଥିବାରୁ ବିଶେଷ ଉପଭୋଗ୍ୟ ନ ହୋଇପାରେ।

**ବୃଷ**

ଅର୍ଥ ସମ୍ପର୍କିତ ବିବାଦକୁ ଉଜ୍ଜୀବିତ କରିବାରେ ବନ୍ଧୁଙ୍କ ପରୋକ୍ଷ ପ୍ରେରଣାରୁ ଦୁଃଖ ପ୍ରକାଶ କରିବେ। ଅଫିସରେ ବାଧବାଧକତାରେ କେତେକ କାମ କରିବାକୁ ପଡିପାରେ। ଅନ୍ୟମାନଙ୍କ ଦାୟିତ୍ୱହୀନ କାମ ଲାଗି ନିଜକୁ ଦାୟୀ ହେବାକୁ ପଡିପାରେ। ପରିବାରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିପାରନ୍ତି।

**ମିଥୁନ**

କୌଶଳରେ କାମ ହାସଲ କଲେ ମଧ୍ୟ ଦିନଟିରେ ବିଶେଷ ପରିଶ୍ରମ କରିବାକୁ ପଡିବ। ଆୟକର ବିଭାଗ ଦ୍ୱାରା ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଦୀର୍ଘ ଦିନ ହେଲା ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ବହୁତ ସମାଲୋଚନା କରିପାରନ୍ତି। ଆବଶ୍ୟକତା ପୂରଣ କ୍ଷେତ୍ରରେ ଆପଣଙ୍କର ଚେଷ୍ଟା କଦାପି ବ୍ୟର୍ଥ ହେବ ନାହିଁ।

**କର୍କଟ**

ସମୟର ପ୍ରତିକୂଳତା ସାଙ୍ଗକୁ ବାରମ୍ବାର ସ୍ୱାସ୍ଥ୍ୟହାନି ମନୋବଳକୁ କ୍ଷୁର୍ଣ୍ଣ କରିପାରେ। ଯାହା ଖୋଜୁଥିଲେ ତାହା ନିର୍ଦ୍ଦିଷ୍ଟ ସମୟରେ ନ ପାଇଲେ ମଧ୍ୟ ବିଳମ୍ବରେ ପାଇବେ। ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଆର୍ଥିକ ଉନ୍ନତି, ପରିବହନରେ ଲାଭ, ଯାତ୍ରାରେ ସଫଳତା ମିଳିବା ଯୋଗୁ ଖୁସି ରହିପାରନ୍ତି।

**ସିଂହ**

ପରିବାରର ଖର୍ଚ୍ଚ ସୀମା ଲଙ୍ଘନ ହେଲେ ମଧ୍ୟ ପୂର୍ବାପେକ୍ଷା ଅସୁବିଧା ବହୁପରିମାଣରେ ଦୂରେଇଯିବ। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ବ୍ୟବସାୟିକ ଦିଗଟ ମନ୍ଦ ହେବନାହିଁ ଏବଂ ଚେଷ୍ଟା କରୁଥିବା କାର୍ଯ୍ୟ ଜୋରରେ ଆଗକୁ ବଢିଚାଲିବ।

**କନ୍ୟା**

ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ବ୍ୟତିକ୍ରମ ହାଲୁକା ମନେହେବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଯେତେ ସତର୍କରେ ଚଳିଲେ ମଧ୍ୟ ପ୍ରତି କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ବନ୍ଧୁଙ୍କ ନିକଟରୁ ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହୋଇପାରନ୍ତି।

**ତୁଳା**

ପରିବାର ଓ କର୍ମକ୍ଷେତ୍ରରେ ଦୁଶ୍ଚିନ୍ତାଜନିତ ସମୟ କାଟିବାକୁ ପଡ଼ିପାରେ। ଅପରିଣାମଦର୍ଶିତା କାର୍ଯ୍ୟ ଦ୍ୱାରା ଅନ୍ୟର ରୋଷର କାରଣ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିଲେ ମଧ୍ୟ ରାୟ ସପକ୍ଷରେ ଯାଇପାରେ। ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା**

ଆର୍ଥିକ ସାହାଯ୍ୟ ଲାଭକରି ଅଟକିଥିବା କାମକୁ ଦ୍ରୁତତର କରିପାରନ୍ତି। ଯାତ୍ରା ସମୟରେ ଜଣେ ଅପରିଚିତ ବ୍ୟକ୍ତି ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ରାଜନୀତି କ୍ଷେତ୍ରରୁ ସମସ୍ୟା ଦୂରେଇବା ସକାଶେ ପ୍ରୟତ୍ନ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ସଂକଟ ଦୂରେଇଯିବାର ସୂଚନା ରହିଛି।

**ଧନୁ**

ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତିରେ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ ମାତ୍ର ନିଜ ଲୋକମାନେ ଭିନ୍ନ ଦୃଷ୍ଟିରୁ ଅପପ୍ରଚାର କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି।

**ମକର**

ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ଖୁସି ରହିବେ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ସ୍ଥାନରେ ମନାନ୍ତର ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବନାହିଁ। ପୂର୍ବନିର୍ଦ୍ଧାରିତ ଯୋଜନାନୁଯାୟୀ ପରିବାରରେ ବନ୍ଧୁମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ଆଲୋଚନାକାଳରେ ବନ୍ଧୁମାନଙ୍କ ପରାମର୍ଶକୁ ବାଧହୋଇ ଗ୍ରହଣ କରିବାକୁ ପଡିପାରେ।

**କୁମ୍ଭ**

ଧୈର୍ଯ୍ୟର ସହ କାମକୁ ଚାଲୁ ରଖିପାରିଲେ ସବୁକିଛି ଠିକ୍ ହୋଇଯିବ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏଣୁ ସେହି ଦିଗରେ ବିଚାରକରି କାମ କରିବା ଭଲ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଆତ୍ମୀୟମାନଙ୍କ ଉପରେ ଭରସା କରିବାକୁ ପଛେଇ ଯାଇପାରନ୍ତି।

**ମୀନ**

ପାରିବାରିକ ସମସ୍ୟାଗୁଡ଼ିକ ଆତ୍ମୀୟଙ୍କ ସହାୟତାରୁ ସମାଧାନ ହେବାର ଆଶା ରହିଛି। ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ କିଛି ବ୍ୟତିକ୍ରମ ମଧ୍ୟ ଦେଇ ଚଳିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରକଳ୍ପ, ଉଦ୍ୟୋଗ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

ଆଜି ଜୁନ୍ ୭ ତାରିଖ, ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା ଶୁକ୍ରବାର, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୩ମି. ଗତେ ଘ.୦୬।୫୬ମି. ମଧ୍ୟେ, ଘ.୧୨।୧୧ମି. ଗତେ ଘ.୦୨।୪୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୬ମି. ଗତେ ଘ.୧୧।୪୫ମି. ମଧ୍ୟେ ରାହୁକାଳ।

# ଏସ୍‌ସିବିରେ ନିଯୁକ୍ତି ପାଇବେ ୧୫୦ରୁ ଅଧିକ ଡାକ୍ତର

**କଟକ, ୬।୬(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବଡ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ ହେବ। ଏଠାରେ ଅଧ୍ୟାପକ, ସହକାରୀ ଅଧ୍ୟାପକ, ଆସୋସିଏଟ୍ ପ୍ରଫେସର ଓ ସିନିୟର ରେସିଡେଣ୍ଟଙ୍କୁ ନିଯୁକ୍ତି ଦିଆଯିବ। ମେଡିକାଲରେ ୧୫୦ରୁ ଅଧିକ ଡାକ୍ତର ନିଯୁକ୍ତି ପାଇବେ। ସୁପର ସ୍ପେଶାଲିଷ୍ଟ ବିଭାଗରେ ୪୬, କ୍ଲିନିକାଲ ବିଭାଗରେ ୯୫ ଓ ପାରା କ୍ଲିନିକାଲ ବିଭାଗରେ ୨୪ ଜଣ ଡାକ୍ତର ନିଯୁକ୍ତି ପାଇବେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶକ୍ରମେ ମେଡିକାଲ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୱାକ୍ ଇନ୍ ଇଣ୍ଟରଭ୍ୟୁ କରାଯାଇ ଏହି ନିଯୁକ୍ତି କରାଯିବ। ଖୁବ୍‌ଶୀଘ୍ର ମେଡିକାଲ କର୍ତ୍ତୃପକ୍ଷ ସାକ୍ଷାତ୍‌କାର ତାରିଖ ଘୋଷଣା କରିବେ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ବହୁସଂଖ୍ୟକ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ସ୍ୱାସ୍ଥ୍ୟସେବାରେ ସମସ୍ୟା ହେଉଛି। ଏହାକୁ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। କ୍ଲିନିକାଲର ନିଶ୍ଚେତକ ବିଭାଗରେ ୧୪, ଜରୁରିକାଳୀନ ମେଡିସିନ ବିଭାଗରେ ୨, ମେଡିସିନ ବିଭାଗରେ ୧୫, ସର୍ଜରି ବିଭାଗରେ ୧୫, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୧, ଚକ୍ଷୁ ଚିକିତ୍ସାରେ ୪, ଅର୍ଥୋପେଡିକରେ ୯, ଶିଶୁ ରୋଗରେ ୧୧, ମାନସିକ ରୋଗ ବିଭାଗରେ ୩, ଶ୍ୱାସକ୍ରିୟା ଚିକିତ୍ସାରେ ୭, ରେଡିଓ ଡାଇଗ୍ନୋସିସ ୧୧, ଚର୍ମ ରୋଗରେ ୨, ଟ୍ରାନ୍ସଫ୍ୟୁଜନ ମେଡିସିନ୍‌ରେ ଜଣେ ନିଯୁକ୍ତି ପାଇବେ। ସେହିପରି ପାରା କ୍ଲିନିକାଲ ଆନାଟୋମିରେ ୪, ବାୟୋକେମେଷ୍ଟ୍ରିରେ ୩, ଫିଜିଓଲୋଜିରେ ୨, କମ୍ୟୁନିଟି ମେଡିସିନ୍‌ରେ ୩, ଏଫ୍‌ଏମ୍‌ଟିରେ ୪, ମାଇକ୍ରୋବାୟୋଲୋଜିରେ ୫, ପାଥୋଲୋଜିରେ ୨, ଫାର୍ମାକୋଲୋଜିରେ ଜଣେ ନିଯୁକ୍ତି ପାଇବେ। ସୁପର ସ୍ପେଶାଲିଷ୍ଟ ହୃଦ୍‌ରୋଗ ବିଭାଗରେ ୨, କ୍ଲିନିକାଲ ହେମାଟୋଲୋଜିରେ ୨, ସିଟିଭିଏସ୍‌ରେ ୪, ଏଣ୍ଡୋକ୍ରାଇନୋଲୋଜିରେ ୨, ଏଣ୍ଡୋକ୍ରାଇନୋ ସର୍ଜରିରେ ୩, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ ୪, ଜିଆଇ ଅସ୍ତ୍ରୋପଚାର ପାଇଁ ୩, ହେପାଟୋଲୋଜିରେ ୨, ନେଫ୍ରୋଲୋଜିରେ ୭, ନ୍ୟୁରୋ ସର୍ଜରିରେ ୭, ନ୍ୟୁରୋଲୋଜିରେ ୧, ଶିଶୁ ସର୍ଜରିରେ ୧, ପ୍ଲାଷ୍ଟିକ ସର୍ଜରିରେ ୧, ପଲମୋନାରି ମେଡିସିନରେ ୨, ରୁମାଟୋଲୋଜିରେ ୧ ଏବଂ ୟୁରୋଲୋଜିରେ ୩ ଜଣ ଡାକ୍ତର ନିଯୁକ୍ତି ପାଇବେ ବୋଲି ଜଣାପଡିଛି।

ପ୍ରଥମ ପୃଷ୍ଠାରୁ...

## ବାଲେଶ୍ୱର, ଭଦ୍ରକରେ...

ଶୁଭିଥିବା ବେଳେ ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ୍ୟ ୨/୩ ଥର ଏପରି ଶବ୍ଦ ଆକାଶ ମାର୍ଗରୁ ଶୁଭିଛି। ବାଲେଶ୍ୱରସ୍ଥିତ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ କ୍ଷେପଣାସ୍ତ୍ର କିମ୍ବା ଆକାଶମାର୍ଗରେ କୌଣସି ରକେଟ୍‌ର ବିସ୍ଫୋରଣ ଶବ୍ଦ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ବଜ୍ରପାତ ଯୋଗୁ ଏଭଳି ଶବ୍ଦ ହୋଇଥିବା ନେଇ ବାଲେଶ୍ୱର ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଶପଥ ପୂର୍ବରୁ...

ଜିତିଥିବା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା କେନ୍ଦ୍ରରେ ୨ ମନ୍ତ୍ରୀପଦ ଚାହୁଁଛନ୍ତି। ୨ ଆସନ ଜିତିଥିବା ପଓ୍ୱନ କଲ୍ୟାଣଙ୍କ ଜନସେନା କେନ୍ଦ୍ରୀୟ ଭୂମିକା ଚାହୁଁଥିବା ଜଣାପଡ଼ିଛି। ତେବେ ଭାଜପା ପ୍ରମୁଖ ମନ୍ତ୍ରଣାଳୟ ଏବଂ ଭୂମିକା ଦେବା ମାନସିକତାରେ ନ ଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ନୂଆ ସରକାର ଗଠନ ପୂର୍ବରୁ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଲାଣି।

## ଆଦର୍ଶ ଆଚରଣ...

ନିର୍ବାଚନ ପରିଚାଳନା ପାଇଁ କାର୍ଯ୍ୟକାରୀ ହୋଇଥାଏ। ନିର୍ବାଚନୀ ପ୍ରଚାର, ମତଦାନ, ଭୋଟଗଣତି ପ୍ରକ୍ରିୟାକୁ ସୁସଙ୍ଗତ କରିବା, ସ୍ୱଚ୍ଛତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ତଥା ସରକାରୀ କଳ ଓ ଦଳଗୁଡ଼ିକର ଅର୍ଥବଳ ଆଦିକୁ ନିୟନ୍ତ୍ରଣ କରିବା ଏମ୍‌ସିସିର ଲକ୍ଷ୍ୟ। ଏମ୍‌ସିସି ଉଲ୍ଲଂଘନ ହେଲେ ଏହାର ତଦନ୍ତ କରି ଦଣ୍ଡ ବିଧାନ କରିବାର ସମ୍ପୂର୍ଣ୍ଣ କ୍ଷମତା ନିର୍ବାଚନ କମିଶନଙ୍କ ହାତରେ ରହିଛି। ଆଦର୍ଶ ଆଚରଣ ବିଧି ପାଳନରେ ପବିତ୍ରତା ବଜାୟ ରଖିବା ପାଇଁ ସୁପ୍ରିମକୋର୍ଟ ଏକାଧିକ ଥର କହିଛନ୍ତି।

## ଇସ୍ତଫା ଦେଲେ...

ଅଫିସ୍‌ର ମୁଖ୍ୟ ପରାମର୍ଶଦାତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାକୁ ସାଧାରଣ ପ୍ରଶାସନ ବିଭାଗ ଗ୍ରହଣ କରି ନେଇଛି। ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆର୍. ବାଲକ୍ରିଷ୍ଣନଙ୍କ ଇସ୍ତଫା ପତ୍ରକୁ ମଧ୍ୟ ଗ୍ରହଣ କରାଯାଇଛି।

## ଜ୍ୟୋତିପ୍ରକାଶ...

ଜେନେରାଲଙ୍କ କାର୍ଯ୍ୟ ସମ୍ଭାଳିବେ। ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜା ନିଜ ପଦରୁ ଇସ୍ତଫା ଦେବା ପରେ ତାହା ଖାଲି ପଡ଼ିଥିଲା। ତେବେ ଉକ୍ତ ପଦ ପୂରଣ ହେବା ଯାଏ ଆଡ୍‌ଭୋକେଟ୍ ଜେନେରାଲ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟଭାର ପଟ୍ଟନାୟକ ତୁଲାଇବେ। ସୂଚନାଯୋଗ୍ୟଯେ, ବିଜେଡି ସରକାର ୨୦୧୯ ରେ ପରିଜାଙ୍କୁ ଆଡ୍‌ଭୋକେଟ ଜେନେରାଲ ଭାବେ ନିଯୁକ୍ତି ଦେଇଥିଲେ। ଆଡ୍‌ଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ରଙ୍କ ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ।

# ୩ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ମୌସୁମୀ

### ଶନିବାରଠାରୁ ଉପକୂଳରେ ବର୍ଷା, ପଶ୍ଚିମରେ ବଢ଼ିବ ତାତି

**ଭୁବନେଶ୍ୱର,୬।୬(ଅନୁରାଧା ମହାରଣା)**

ଏଥର ଶୀଘ୍ର ଆସିବ ମୌସୁମୀ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଉଛି। ସ୍ୱାଭାବିକ ସମୟର ୨ଦିନ ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁବାକୁ ପାଗ ଅନୁକୂଳ ରହିଛି। ମୌସୁମୀକୁ ବାଟ କଢ଼େଇଆଣିବାରେ କାଳବୈଶାଖୀ ସହାୟକ ହେବ। ତେଣୁ ଏହା ପ୍ରଭାବରେ ୩ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାରଠାରୁ ସାଧାରଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାରେ ଦିନ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି। ବରଗଡ, ବଲାଙ୍ଗୀର ଓ ନୂଆପଡାରେ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଏହି ସମୟରେ ୪୦ରୁ ୪୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ରେକର୍ଡ ହୋଇପାରେ। ୫ଦିନ ଗରମ ଓ ଗୁଳୁଗୁଳି ଓଡ଼ିଶାବାସୀଙ୍କୁ କଲବଲ କରିବ। ଏଥିସହ ବଜ୍ରପାତ ନେଇ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସୂଚନା ଥାଉକି, ରାଜ୍ୟରେ ଏବର୍ଷ ସର୍ବାଧିକ ଦିନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗୁରୁବାର ମଧ୍ୟ ୧୨ରୁ ଅଧିକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ପଶ୍ଚିମ ଓଡ଼ିଶାରେ ପ୍ରବଳ ଖରା ହୋଇଥିବାବେଳେ ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱରରେ ମଧ୍ୟ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିଛି।

# ନିଷ୍ଠାର ସହ ପାଳିଲେ ସାବିତ୍ରୀ ବ୍ରତ



**ଭୁବନେଶ୍ୱର,୬।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜଧାନୀରେ ବେଶ୍ ଉତ୍ସାହ ଓ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରିଛନ୍ତି ମହିଳା। ସକାଳେ ମନ୍ଦିର ଯାଇ ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ପ୍ରାର୍ଥନା କରିଛନ୍ତି। ଠାକୁରଙ୍କୁ ପୂଜାର୍ଚ୍ଚନା ସହ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ସଧବା ନାରୀ। ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ମନ୍ଦିରରେ ବ୍ରତଧାରୀଙ୍କ ଭିଡ ଲାଗିଥିଲା। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାଂଶ ମନ୍ଦିରରେ ଧାଡ଼ିରେ ବହୁ ସମୟ ଅପେକ୍ଷା କରିବାକୁ ପଡିଥିଲା। ନୂଆ ଶାଢ଼ୀ, ସିନ୍ଦୁର, ଶଙ୍ଖା, ଫଳ ଓ ପୂଜାସାମଗ୍ରୀ ହାତରେ ଧରିଥିବା ଦେଖିବାକୁ ମିଳିଥିଲା। ଶୃଙ୍ଖଳିତ ଢଙ୍ଗରେ ଧାଡି ବାନ୍ଧି ଦୀପ, ଧୂପରେ ଆରାଧନା ସହ ଉପାସ ରହି ମା'ଙ୍କ ପାଖରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା ସହ ପରିବାରର ମଙ୍ଗଳ କାମନା କରିଥିଲେ। ପୁରାଣ କଥା ଅନୁସାରେ, ସାବିତ୍ରୀ ଯମରାଜଙ୍କ ପାଖରୁ ନିଜ ନିଷ୍ଠା ଓ ଭକ୍ତି ବଳରେ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଆଉ ଏହି ବିଶ୍ୱାସକୁ ନେଇ ପ୍ରତି ଓଡ଼ିଆ ଘରେ ଏହି ବ୍ରତକୁ ସଧବା ସ୍ତ୍ରୀମାନେ ଏକ ପବିତ୍ର ବ୍ରତ ରୂପେ ପାଳନ କରିଥାନ୍ତି।

### ବିଶ୍ୱ କଲ୍ୟାଣ ସହ ଗୁରୁଙ୍କ ଦୀର୍ଘାୟୁ କାମନା କଲେ କିନ୍ନର

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରାଜଧାନୀରେ କିନ୍ନରମାନେ ସାବିତ୍ରୀ ପୂଜା କରିଛନ୍ତି। କିନ୍ନର ସମ୍ପ୍ରଦାୟ ପକ୍ଷରୁ ଏଥିପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ସଧବା ମହିଳାମାନେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିବାବେଳେ କିନ୍ନରମାନେ ବର ଗଛ ମୂଳେ ସାବିତ୍ରୀ ପାଳିଥିଲେ। ବିଶ୍ୱର କଲ୍ୟାଣ ସହ ଗୁରୁଙ୍କ ଦୀର୍ଘାୟୁ କାମନା କରି ରାଜଧାନୀର ପଳାଶପଲ୍ଲି ନିକଟରେ କିନ୍ନର ଆଖଡ଼ା ପକ୍ଷରୁ ସାବିତ୍ରୀ ବ୍ରତ ମହା ଆଡମ୍ବରରେ ପାଳନ କରାଯାଇଥିଲା। ଗୁରୁଙ୍କ ସହ ସମସ୍ତ ପୁରୁଷ ସମାଜଙ୍କ ପାଇଁ କିନ୍ନରମାନେ ଦୀର୍ଘାୟୁ କାମନା କରିଥିଲେ। ହିନ୍ଦୁ ପରମ୍ପରା ଅନୁଯାୟୀ, ସପ୍ତ ଶିଙ୍ଗାରରେ ସଜେଇ ହୋଇ ସାବିତ୍ରୀ ପାଳିଥିଲେ କିନ୍ନର। ନିଷ୍ଠା ଓ ଶ୍ରଦ୍ଧାର ସହ ଏମାନେ ପୂଜା କରୁଥିବା ବେଳେ ଧୂପ, ଦୀପ, ନୈବେଦ୍ୟ ସାଙ୍ଗକୁ ଘଣ୍ଟ ଘଣ୍ଟି ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ପୂରା ପରିବେଶ। ନିଷ୍ଠାର ସହ ପୂଜା କଲେ ନିଶ୍ଚୟ ଭଲପାଉଥିବା ମଣିଷ ଭଲରେ ଓ ସୁସ୍ଥରେ ରହିବ ବୋଲି ଆଖଡ଼ା ସଭାପତି ମୀରା ପରିଡା କହିଛନ୍ତି।




# ନବୀନଙ୍କୁ ଭେଟିଲେ ବିଜେଡି ପରାଜିତ ପ୍ରାର୍ଥୀ

**ଭୁବନେଶ୍ୱର,୬।୬(ଅନିଲ ଦାସ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଚଳିତ ନିର୍ବାଚନରେ ଦଳର ନବ ନିର୍ବାଚିତ ବିଧାୟକଙ୍କୁ ଡାକି ବୁଧବାର ନବୀନ ନିବାସରେ ଆଲୋଚନା କରିଥିବା ବେଳେ ଗୁରୁବାର ପରାଜିତ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଡାକି ଆଲୋଚନା କରିଛନ୍ତି। ପରାଜିତ ପ୍ରାର୍ଥୀମାନେ ନବୀନ ନିବାସ ଯାଇ ଦଳର ସଭାପତିଙ୍କୁ ସାକ୍ଷାତ କରିଛନ୍ତି। ହତୋତ୍ସାହିତ ନ ହୋଇ ନିଜ ଅଞ୍ଚଳରେ ଲୋକମାନଙ୍କ ପାଇଁ କାମ କରିବାକୁ ପରାଜିତ ପ୍ରାର୍ଥୀମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ କିପରି ମଜଭୁତ କରାଯାଇ ପାରିବ ସେ ନେଇ ଯୋଜନା ପ୍ରସ୍ତୁତ କରାଯିବ। ଏଥିସହିତ କେଉଁ କାରଣ ପାଇଁ ଏଭଳି ବିପର୍ଯ୍ୟୟ ହେଲା ସେ ନେଇ ମଧ୍ୟ ରଣନୀତି ପ୍ରସ୍ତୁତ ହେବ। ବରିଷ୍ଠ ନେତାଙ୍କୁ ନେଇ ହେବାକୁ ଥିବା କମିଟି ଏ ନେଇ ରିପୋର୍ଟ ଦେବ। ବୈଠକ ଶେଷରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଦଳର ଆଗାମୀ ରଣନୀତି ସମ୍ପର୍କରେ ସଭାପତିଙ୍କ ସହ ଆଲୋଚନା ହୋଇଛି। ଦଳର ସଭାପତି ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ପରାଜୟ ତର୍ଜମା କରି ରିପୋର୍ଟ ଦେବ। ୨୫ ବର୍ଷ ସରକାର କ'ଣ କରିଛି, କେମିତି ଆଗକୁ ଲଢ଼େଇ ଜାରି ରହିବ ସେ ବିଷୟରେ ଆଲୋଚନା ହୋଇଛି। ସେ ସବୁବେଳେ ଆମ ଆଗରେ ରହି ଲଢ଼େଇ ଜାରି ରଖିବେ। ଆଗକୁ ଆମେମାନେ କ'ଣ କରିବୁ ସେ ନେଇ ମଧ୍ୟ ସଭାପତି ପରାମର୍ଶ ଦେଇଛନ୍ତି।' ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ରୋହିତ ପୂଜାରୀ, ପ୍ରୀତିରଞ୍ଜନ ଘଡ଼ାଇ, ପଦ୍ମନାଭ ବେହେରା, ବିଷ୍ଣୁବ୍ରତ ରାଉତରାୟ, ବିକ୍ରମ କେଶରୀ ଆରୁଖ, ଶ୍ରୀକାନ୍ତ ସାହୁ, ପ୍ରଭୁ ଜାନି, ବିକ୍ରମ ପଣ୍ଡା, ସୁବାସ ବେହେରା, ଅଶୋକ ପଣ୍ଡା, ସୁଶାନ୍ତ ବେହେରା, କୌଶଲ୍ୟା ହିକକା, ପ୍ରଦୀପ ମାଝି, ଜୟଶ୍ରୀ କହଁର, କୌଶଲ୍ୟା ପ୍ରଧାନ, ସୁଦାମ ମାରାଣ୍ଡି, ସୁବ୍ରତ ତରାଇ, ଲମ୍ବୋଦର ନିଆଲ, ଅବିନାଶ ସାମଲ, ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ମଞ୍ଜୁଲତା ମଣ୍ଡଳ, ଲେଖାଶ୍ରୀ ସାମନ୍ତସିଂହାର, ଶର୍ମିଷ୍ଠା ସେଠୀ, ସଂତୃପ୍ତ ମିଶ୍ର, ଅଙ୍କିତ ପ୍ରତାପ ଜେନା ଏବଂ ଭୃଗୁ ବକ୍ସିପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଆଗାମୀ ରଣନୀତି ନେଇ ଆଲୋଚନା



ନବୀନ ନିବାସରେ ଗୁରୁବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ପରାଜିତ ପ୍ରାର୍ଥୀଙ୍କ ସହ ଆଲୋଚନା କରୁଛନ୍ତି।

# ସାପ କାମୁଡ଼ାରେ ଭାଇମୃତ, ଭଉଣୀ ଗୁରୁତର

**ଟେନ୍‌ସା,୬।୬**
**(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା କଟୁରିଧୂଆଁ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ବୁଧବାର ବିଳମ୍ବିତ ରାତିରେ ସାପ କାମୁଡାରେ ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଭଉଣୀ ଅଲିଶା ଓରାମ(୧୨) ଗୁରୁତର ହୋଇଛନ୍ତି। ସେ ଏବେ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ହସ୍ପିଟାଲ(ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସନ୍ଦୀପ ଓରାମ(୪)। ସୂଚନା ଅନୁଯାୟୀ, ବୁଧବାର ରାତିରେ ସନ୍ଦୀପ ଓ ଅଲିଶା ରାତ୍ରଭୋଜନ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଉଭୟଙ୍କୁ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଦୀପଙ୍କ ମୃତ୍ୟୁ ଘଟିଥିଲା। ପ୍ରାଥମିକ ଚିକିତ୍ସା ପରେ ଅଲିଶାଙ୍କୁ ଆର୍‌ଜିଏଚ୍ ସ୍ଥାନାନ୍ତର କରାଯାଇଥିଲା।

# ପ୍ରସନ୍ନ କୁମାର ନନ୍ଦ ୱାଇଜ୍‌ମ୍ୟାନ୍ ଆଞ୍ଚଳିକ ନିର୍ଦ୍ଦେଶକ

**କଟକ,୬।୬ (କାର୍ତ୍ତିକ ସାହୁ)**



ଜାତିସଂଘ ଅନୁବନ୍ଧିତ ଅନୁଷ୍ଠାନ ୱାଇଜ୍‌ମ୍ୟାନ ଇଣ୍ଟରନ୍ୟାଶନାଲର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଭାରତର ଉତ୍ତର, ପୂର୍ବ, ଉତ୍ତର-ପୂର୍ବର ୧୭ଟି ରାଜ୍ୟଗୁଡ଼ିକୁ ନେଇ ଗଠିତ ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ପଦବୀରେ ସେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଏ ନେଇ ୱାଇଜ୍‌ମ୍ୟାନ ଇଣ୍ଟରନ୍ୟାଶନାଲ ପକ୍ଷରୁ ଜାରି ବିଜ୍ଞପ୍ତିରେ ଗୁରୁବାର ସୂଚନା ଦିଆଯାଇଛି। ଏହି ପଦବୀରେ ଅଧିଷ୍ଠିତ ହେବାରେ ନନ୍ଦ ହେଉଛନ୍ତି ପ୍ରଥମ ଓଡ଼ିଆ। ସେ ଛାତ୍ରାବସ୍ଥାରୁ ସଡ଼କ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ସେ ୨୦୧୩ରେ ମନ୍ଦିର ଭଙ୍ଗା ପ୍ରସଙ୍ଗକୁ ସୁପ୍ରିମକୋର୍ଟରେ ଉପସ୍ଥାପନ କରି ୧୪ ହଜାର ମନ୍ଦିର ସୁରକ୍ଷା ଦେବାରେ ଉଦ୍ୟମ କରି ସଫଳ ହୋଇଥିଲେ। ସେହିପରି ୨୦୧୨ରେ ରାଉରକେଲା ପୋଲିସ ମାଜିଷ୍ଟ୍ରେଟ ବିବାଦ ନେଇ ଗଠିତ ତଦନ୍ତ କମିଶନରେ ପୋଲିସ ପାଇଁ ଲଢ଼ି ସଫଳତା ଅର୍ଜନ କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି ଓ ଜେଲ୍ ସଂସ୍କାର କ୍ଷେତ୍ରରେ ଅବଦାନ ପାଇଁ ୨୦୦୬ ଓ ୨୦୧୦ ମସିହାରେ ବ୍ରଦରହୁଡ୍ ଫେଲୋଶିପ୍ ଅନ୍ତର୍ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇ କୋରିଆ ଓ ଜାପାନରେ ପୁରସ୍କୃତ ହୋଇଥିଲେ। ୧୯୯୬ରେ ରୋଟାରୀ ଇଣ୍ଟରନ୍ୟାଶନାଲ ପକ୍ଷରୁ ଏସିଆର ଶ୍ରେଷ୍ଠ ରୋଟାରୀ ସଦସ୍ୟ ଭାବେ ସମ୍ମାନିତ ହୋଇଥିଲେ। ସେ ଜଣେ ଭଲ ସାମାଜିକ କର୍ମୀ ଭାବେ ପରିଚିତ। ନନ୍ଦ ବହୁ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ସହ ଜଡ଼ିତ। ଭାରତର ସର୍ବପୁରାତନ ଅନାଥ ଆଶ୍ରମ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସଭାପତି ଭାବେ ମଧ୍ୟ ସେ ଏବେ କାର୍ଯ୍ୟରତ ।

# ଉତ୍‌କେଲାରୁ ରାୟପୁରକୁ ଉଡ଼ିଲା ବିମାନ




ଉତ୍‌କେଲା ଏୟାରପୋର୍ଟରେ ଏୟାର ୱାନ ଇଣ୍ଡିଆ ବିମାନ।

**କେସିଙ୍ଗା,୬।୬**
**(ଡୁମେଶର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉତ୍‌କେଲା ଉଡାଯାହାଜ ପଡିଆରୁ ପ୍ରଥମ କରି ଏୟାର ୱାନ ଇଣ୍ଡିଆ ବିମାନ ଗୁରୁବାର ସକାଳ ସାଢେ ୯ଟା ସମୟରେ ରାୟପୁରକୁ ଯାତ୍ରା କରିଛି। ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉଡାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଉତ୍‌କେଲା ଏୟାରପୋର୍ଟ ଡାଇରେକ୍ଟର ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହା ଉତ୍‌କେଲାରୁ ସକାଳ ସାଢେ ୯ଟାରେ ଛାଡିବାକୁ ଥିବାବେଳେ ରାୟପୁରରୁ ୧୦ଟା ୫୫ରେ ଉତ୍‌କେଲା ଅଭିମୁଖେ ଯାତ୍ରା କରିବ। ଏହି ବିମାନ ସାପ୍ତାହିକ ଭାବେ ପ୍ରତ୍ୟେକ ଗୁରୁବାର ଉଡାଣ କରିବ ବୋଲି ଜଣାପଡ଼ିଛି।

# ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା

**ଧରାକୋଟ,୬।୬**
**(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁ ପଞ୍ଚାୟତ ତଥା ବଡ଼ଗଡ଼ ଥାନା ଅଧୀନ ସୁଣ୍ଡିପଲ୍ଲୀ ଗ୍ରାମର ମିଟୁ ବିଷୋୟୀ(୩୫)। ପୋଲିସ ଗୁରୁବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସେହି ଗ୍ରାମର କାଳୁ ନାୟକଙ୍କୁ ଅଟକ ରଖିଛି। ହତ୍ୟାରେ ବ୍ୟବହୃତ ଠେଙ୍ଗା ଓ କାଠଫାଳିଆ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ବୁଧବାର ରାତିରେ ମିଟୁ ଗାଁ ମୁଣ୍ଡରେ ଥିବାବେଳେ ପୋଖରୀରୁ ଗାଧୋଇ ଫେରୁଥିବା କାଳୁଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ପୂର୍ବ ଶତ୍ରୁତାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ହୋଇ ମିଟୁ ଏକ ଠେଙ୍ଗାରେ କାଳୁଙ୍କୁ ପିଟିଥିଲେ। କାଳୁ ଠେଙ୍ଗା ଓ କାଠ ଫାଳିଆରେ ପ୍ରତିଆକ୍ରମଣ କରିବାରୁ ମିଟୁ ଗୁରୁତର ହୋଇଥିଲେ। ଘରଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସିତ ହୋଇ ଗୁରୁବାର ଘରକୁ ଆସିବା ରାସ୍ତାରେ ମିଟୁଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ବଡଗଡ ଥାନାରେ ମିଟୁଙ୍କ ସାନଭାଇ ଟିଟୁ ବିଶୋୟୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୨୮୪/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ

**▪ନନ୍ଦପଡା ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି**
**▪ଆଜି ନୃସିଂହ ନିୟୁତା**

**ସମ୍ବଲପୁର, ୬।୬ (ବ୍ୟୁରୋ)**

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ରୀତିନୀତି ଓ ପରମ୍ପରାରେ ଗୁରୁବାର ରାତିରୁ ଆରମ୍ଭ ହୋଇଛି। ଏଥିସହ ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି(ନିର୍ବନ୍ଧ) ସମ୍ପନ୍ନ ହୋଇଛି। ସକାଳେ ଓ ସନ୍ଧ୍ୟାରେ ବାଲୁଙ୍କେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ, ଶଙ୍ଖ ଧ୍ୱନିରେ ମନ୍ଦିର ପରିସର ମୁଖରିତ ହୋଇଥିଲା। ଏଥିସହ ପାରମ୍ପରିକ ଢୁଲଢୁଲି ବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପତରପେଡ଼ି ଶୋଭାଯାତ୍ରା ରାତି ୮ଟାରେ ବାହାରିଥିଲା। ବରପିତା ରାମଚରଣ ମିଶ୍ର ନିର୍ବନ୍ଧ ପାଇଁ ବାହାରିଥିଲେ। ସପ୍ତର୍ଷି ବିଜୟ କୁମାର ମିଶ୍ର, ଗୋଲକବିହାରୀ ମିଶ୍ର, କାମ୍ପାଳ ହୋତା, ଅଶୋକ ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର ଓ ଅମରେନ୍ଦ୍ର ପୂଜାରୀଙ୍କ ସମେତ ପଡାର ମୁରବିମାନେ ଏଥିରେ ସାମିଲ ଥିଲେ। ରାତିରେ ଚାରଭାଟିସ୍ଥିତ କନ୍ୟାମାତା ନୀତିପ୍ରିୟା ଦେବୀ ଓ କନ୍ୟାପିତାଙ୍କ ଘରେ ପତରପେଡ଼ି ଶୋଭାଯାତ୍ରା ପହଞ୍ଚିଥିଲା। ସୁସଜ୍ଜିତ ଆଲୋକମାଳାରେ ଝଟକୁ ଥିଲା କନ୍ୟାବାସ ଗୃହ। ବାଜା ରୋଶଣି ସହିତ କନ୍ୟାପକ୍ଷ ପତରପେଡ଼ି ଶୋଭାଯାତ୍ରାକୁ ଅପେକ୍ଷା କରିଥିଲେ। ହରିବୋଲ, ହୁଳହୁଳି, ଢୁଲଢୁଲି ବାଜାରେ ପ୍ରକମ୍ପିତ ହୋଇଥିଲା ଉତ୍ସବସ୍ଥଳ। ଏହି ସମୟରେ ଶୋଭାଯାତ୍ରା ପହଞ୍ଚିବା ପରେ କନ୍ୟାପକ୍ଷ ପୁଷ୍ପବୃଷ୍ଟି କରି ପତରପେଡ଼ି ଶୋଭାଯାତ୍ରା ଓ ସପ୍ତର୍ଷି ଏବଂ ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ। ପୁରୋହିତମାନଙ୍କ ସମବେତ ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ସେମାନଙ୍କ ଆଗମନର ଅଭିପ୍ରାୟ ବିଷୟରେ ଜଣାଇଥିଲେ। ବିବାହଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ଲାଗି ଯୋଗ୍ୟା ପାତ୍ରୀ ପାଇଁ ସେମାନେ ଆସିଥିବା କହିଥିଲେ। ତତ୍‌କ୍ଷଣାତ କନ୍ୟାପକ୍ଷର ପଣ୍ଡିତମାନେ ବର ପାତ୍ରଙ୍କ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସପ୍ତଋଷିଗଣ ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବ ଦେବ ମହାଦେବଙ୍କ ମହିମା ଗୁଣଗାନ କରିଥିଲେ। ମହାଦେବଙ୍କ ସହିତ ଜଗତ୍‌ଜନନୀ ମାତା ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ରାଜି ହୋଇଥିଲେ। ଏହାପରେ ବରପିତା ରାମ ଚରଣ ତମ୍ବା ଥାଳରେ ଶାଳପତ୍ର ପେଣ୍ଡା, ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମାତା ନୀତିପ୍ରିୟା ଓ ସୁମନ୍ତ୍ରଙ୍କୁ ପ୍ରଦାନ କରି ବିବାହ ଚୂଡାନ୍ତ କରିଥିଲେ। ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ବାଲୁଙ୍କେଶ୍ୱର ମନ୍ଦିର ପୂଜକ ଲକ୍ଷ୍ୟପତି ମହାପାତ୍ର ସହଯୋଗ କରିଥିଲେ। ଶୋଭାଯାତ୍ରାରେ ଢୁଲଢୁଲି, ଧମାଲବାଦ୍ୟ, ଗୌରବାଡି ନୃତ୍ୟ ସହ ଶଙ୍ଖ, ଝଣ୍ଡା, ଛତ୍ର, ବୈରଖ ସାମିଲ ହୋଇଥିଲା। ଶୋଭାଯାତ୍ରା ନନ୍ଦପଡା ଛକରୁ ବାହାରି ହାଟପଡା, ଦଲେଇପଡା, ମ୍ୟୁନିସିପାଲିଟି ଛକ, କଚେରି ଛକ, ଜେଲଛକ ପରିକ୍ରମା କରି ଚାରଭାଟିରେ ପହଞ୍ଚି ଥିଲା। ନନ୍ଦପଡା ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ଫଣି ଭୂଷଣ ମିଶ୍ର, ଉପସଭାପତି ଆଶିଷ ବାବୁ ଓ ବିଷ୍ଣୁ ପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ରାଜୀବ ଲୋଚନ ମାଝି, କୋଷାଧ୍ୟକ୍ଷ ଭୁବନମୋହନ ମିଶ୍ର, ପ୍ରଶାନ୍ତ ବରେଇ, ନିଗମାନନ୍ଦ ମିଶ୍ର, ଅବିନାଶ ମିଶ୍ର, ସ୍ୱରୂପ ପାଢ଼ୀ, ସୁଶ୍ରିତ ମିଶ୍ର, ଡ. ଶଶାଙ୍କ ଶେଖର ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ସମ୍ବଲପୁର ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି ଶୋଭାଯାତ୍ରା।

# ସୁରକ୍ଷା ବଳ ଶିବିରରେ ମାଓବାଦୀ ଆକ୍ରମଣ

**ମାଲକାନଗିରି, ୬।୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡରରେ ପୁଣି ମାଓବାଦୀଙ୍କ ବର୍ବର କାଣ୍ଡ ଦେଖିବାକୁ ମିଳିଛି। ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଇରାକବତୀ ସୁରକ୍ଷା ଶିବିର ଉପରକୁ ବିଜିଏଲ୍ ଲଞ୍ଚର ଓ ଗୁଳି ଚଳାଇ ଆକ୍ରମଣ କରିଛନ୍ତି। ସୂଚନାନୁସାରେ, ଛତିଶଗଡ ନାରାୟଣପୁର ଜିଲା କୋହକେମେଟା ପୋଲିସ ଷ୍ଟେଶନ ଅଧୀନରେ ଥିବା ନୂତନ ପ୍ରତିଷ୍ଠିତ ଇରାକବତୀ ସୁରକ୍ଷା ବଳ ଶିବିର ଉପରେ ଗୁରୁବାର ମାଓବାଦୀମାନେ ୪ ଟି ଦେଶୀ ବିଜିଏଲ୍ ଲଞ୍ଚର ପକାଇବା ସହ ଗୁଳି ଚଳାଇଥିଲେ। ତେବେ ଏହି ଆକ୍ରମଣରେ କ୍ୟାମ୍ପ କିମ୍ବା କୌଣସି ଯବାନଙ୍କର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

WANTED
ଧରିତ୍ରୀ DHARITRI Oriya daily
is looking for
HR EXECUTIVE
- MBA Graduates having 2-3 years+ experience in HR & Administration.
- Responsibilities will include:
  - Recruitment, screening, compiling & conducting joining formalities.
  - Well versed with sourcing & job posting on popular job portals & social networking sites.
  - Coordinating/ scheduling interviews & following upon the process status.
  - Administrative duties such as updating employee records and other official registers / documents.
  - Should have excellent verbal / written communication & interpersonal skills.
  - Should be flexible for working hours based on the need.
  - Good analytical skills with grasp on MS Office (Word, Excel, PPT) is a must.

Apply immediately to :
recruitment@dharitri.com
Attractive salary commensurate with experience

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ଚନ୍ଦ୍ରଦର୍ଶନ



# ବିଶ୍ୱତାପନ ଲକ୍ଷ୍ୟ



ଜୋଏରି ରୋଗେଲ୍‌ଜି

ଦୁନିଆ ଜଳୁଛି ଏବଂ ଆମର ରାଜନୈତିକ ନେତାମାନେ ଆମକୁ ବିଫଳ କରୁଛନ୍ତି। ତାପମାତ୍ରା ଉଦ୍‌ବେଗଜନକ ହାରରେ ବଢୁଥିବାରୁ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ସମ୍ଭବ ବୋଲି ଖୁବ୍ କମ୍ ଲୋକ ବିଶ୍ୱାସ କରୁଥିବା ମନେହେଉଛି। ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ଅନୁଯାୟୀ ବିଶ୍ୱର ସରକାରଗୁଡ଼ିକ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ବିଫଳ ହୋଇଥିବାରୁ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ତଳେ ରଖିବା ପାଇଁ ବାଟ ବନ୍ଦ ହୋଇଯାଇଛି। କିନ୍ତୁ କେତେଜଣ ବିଶିଷ୍ଟ ସମୀକ୍ଷକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଟାର୍ଗେଟ ଶେଷ ହୋଇଯାଇଛି ବୋଲି ଘୋଷଣା କରୁଥିବାବେଳେ ମୁଁ ବିପରୀତ ସିଦ୍ଧାନ୍ତରେ ପହଞ୍ଚିଛି ଯେ, ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ମଧ୍ୟରେ ବିଶ୍ୱତାପନକୁ ରଖିବାର ଆଶା ମଉଳି ଯିବ ନାହିଁ। ଏହା ନିଶ୍ଚିତ ଯେ, ବିଶ୍ୱ ଏକ ଗମ୍ଭୀର ଅବସ୍ଥାରେ ଅଛି। ବୈଶ୍ୱିକ ଜଳବାୟୁ ପରିବର୍ତ୍ତନ ସୂଚକାଙ୍କ ଉପରେ ପ୍ରକାଶିତ ଚଳିତବର୍ଷର ରିପୋର୍ଟ ଅନୁଯାୟୀ, ଶିଳ୍ପ ବିପ୍ଳବ ଆରମ୍ଭରୁ ବାୟୁମଣ୍ଡଳକୁ ନିର୍ଗମନ ହୋଇଥିବା ଗ୍ରୀନ୍ ହାଉସ୍-ଗ୍ୟାସ୍ ବା ସବୁଜ ଗୃହ ବାଷ୍ପ (ଜିଏଚ୍‌ଜି) ନିର୍ଗମନ ପୃଥିବୀକୁ ପ୍ରାୟ ୧.୩ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ କରିସାରିଛି। ମୋ ସମେତ ଅନ୍ୟ ଜଳବାୟୁ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନଗୁଡିକ ଦର୍ଶାଏ ଯେ, ସ୍ଥିରୀକୃତ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଲକ୍ଷ୍ୟ ପୂରଣ ହେଉନାହିଁ। ସାମ୍ପ୍ରତିକ ନୀତି ଅନୁଯାୟୀ, ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପମାତ୍ରା ୨.୫-୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ବିଶ୍ୱର ସରକାରଗୁଡ଼ିକ ସମସ୍ତ ଜଳବାୟୁ ପ୍ରତିଶ୍ରୁତି ପୂରଣ କଲେ ମଧ୍ୟ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍‌ରେ ରଖିବାରେ ସଫଳ ହେବା ସମ୍ଭାବନା କମ୍। ଏହା ସହିତ ଜୀବାଶ୍ମ-ଇନ୍ଧନ ଶିଳ୍ପ ପଦକ୍ଷେପରେ ବିଳମ୍ବ, ସେମାନଙ୍କ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ବ୍ୟବସାୟିକ କାର୍ଯ୍ୟକଳାପ ଏବଂ ନିଜେ ସ୍ଥିର କରୁଥିବା ନିର୍ଗମନ ଲକ୍ଷ୍ୟ ଉପରେ ପଛଘୁଞ୍ଚା ଦେଉଛନ୍ତି। ଏହା ମଧ୍ୟ ଅଧିକ ସ୍ପଷ୍ଟ ଯେ, ୧.୫ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିବାର ଆଶା ବାସ୍ତବରେ କ୍ଷୀଣ। ଫଳସ୍ୱରୂପ, ଜଳବାୟୁ ବୈଜ୍ଞାନିକମାନେ ଅନୁମାନ କରନ୍ତି ଯେ, ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ଅତିକ୍ରମ କରିବାକୁ ଯାଉଛି। କିନ୍ତୁ ସୁରକ୍ଷା ସୀମା ଅତିକ୍ରମ କଲେ ଯେପରି ବିପଦଗୁଡ଼ିକ ଟଳେ ନାହିଁ, ସେମିତି ଆମେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିବା ପରେ ବି ପ୍ୟାରିସ୍ ଚୁକ୍ତିନାମାର ଜଳବାୟୁ ପ୍ରତିଶ୍ରୁତି ଶେଷ ହୋଇ ନାହିଁ ବୋଲି ଧରିନେବାକୁ ହେବ। ୧.୫ ଡିଗ୍ରୀ ସେଲ୍‌ସିୟସ୍ ଏକ ରାଜନୈତିକ ଲକ୍ଷ୍ୟ ହୋଇଥିବାବେଳେ ଏହାକୁ ହଠାତ୍ କିମ୍ବା ଅପ୍ରତ୍ୟାଶିତ ଭାବେ ନିଆଯାଇନଥିଲା। ଏହା ହେଉଛି ଏକ ବୈଜ୍ଞାନିକସମ୍ମତ ସୂଚିତ ସୀମା।



ପ୍ରଥମେ ଛୋଟ ଦ୍ୱୀପଦେଶଗୁଡ଼ିକ ଏହାକୁ ସମର୍ଥନ କରିଥିଲେ ଏବଂ ପରେ ଉଚ୍ଚାଭିଳାଷୀ ଦେଶଗୁଡ଼ିକର ଏକ ମିଳିତ ମଞ୍ଚ ଦ୍ୱାରା ଏହା ସମର୍ଥନ ପାଇଥିଲା।

ବର୍ତ୍ତମାନ ସୁଦ୍ଧା ଅନେକ ସରକାରଙ୍କ ପାଇଁ ଏହା ସ୍ପଷ୍ଟ ହୋଇଛି ଯେ, ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେବାକୁ ଦେଲେ ଅସହନୀୟ ସାମାଜିକ ବିପଦ ସୃଷ୍ଟି ହେବ, ବିକାଶ ବାଧାପ୍ରାପ୍ତ ହେବ ଏବଂ ଦୁର୍ବଳ ସମ୍ପ୍ରଦାୟ ତଥା ସେମାନଙ୍କ ସଂସ୍କୃତି ଉପରେ ଏକ ବଡ଼ ବିପଦ ଆଣିବ। ତେବେ ନିରାପଦ ଏବଂ ବିପଜ୍ଜନକ ତାପନର ସୀମାରେଖା ଦିନକୁଦିନ ଅସ୍ପଷ୍ଟ ହୋଇଯାଉଛି। ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଦେଖାଯାଉଥିବାରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟ ବିପଜ୍ଜନକ ଏବଂ ଏହାକୁ ଆୟତ୍ତ କରିବା ପାଇଁ ଆମ ସମାଜଗୁଡ଼ିକ ପ୍ରସ୍ତୁତ ନୁହନ୍ତି। ବିଶ୍ୱ ୧ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ ହେଲେ କ'ଣ ଘଟେ, ତାହା ଆମେ ବିଗତ ୨୦ ବର୍ଷ ମଧ୍ୟରେ ଅନୁଭବ କରିଛୁ। କୌଣସି ଅଞ୍ଚଳ ଏହାର ପ୍ରଭାବରୁ ରକ୍ଷା ପାଇନାହାନ୍ତି। ଅତ୍ୟଧିକ ଦେଶ ଅଗ୍ନିକାଣ୍ଡ, ବନ୍ୟା ଏବଂ ଝଡ଼ର ସମ୍ମୁଖୀନ ହେଉଛନ୍ତି। ଫଳସ୍ୱରୂପ ବ୍ୟାପକ ଧନ ଜୀବନ କ୍ଷତି ଘଟୁଛି। ୨୦୦୦ରୁ ୨୦୧୯ ମଧ୍ୟରେ ଜଳବାୟୁଜନିତ ବିପର୍ଯ୍ୟୟ ଯୋଗୁ ୫ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେବା ସହ ଆନୁମାନିକ ୨ ଟ୍ରିଲିୟନ ଡଲାରରୁ ଅଧିକ କ୍ଷତି ଘଟିଛି ଏବଂ ଏହା ଦ୍ୱାରା ବିଶ୍ୱର ପ୍ରାୟ ୪ ବିଲିୟନ ଲୋକ ପ୍ରଭାବିତ ହୋଇଛନ୍ତି। ଏପରିକି ୧.୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ, ୭ଟି ପ୍ରଜାତି ଜୀବଙ୍କ ମଧ୍ୟରୁ ଗୋଟିଏ ପ୍ରଜାତି ବିଲୁପ୍ତ ହେବ, ଟ୍ରପିକାଲ ପ୍ରବାଳ ପାଚେରି (କୋରାଲ ରିଫ୍) ପରି ଜଟିଳ ଇକୋସିଷ୍ଟମ ବା ଜୈବମଣ୍ଡଳ ବିନାଶର ସମ୍ମୁଖୀନ ହେବ। ଏହା ସହ ଆମ ପ୍ରପିତାମହମାନେ ଜୀବନରେ ଥରେ ଅନୁଭବ କରିଥିବା ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଭଳି ସ୍ଥିତିକୁ ହାରାହାରି ପ୍ରତି ଛଅ ବର୍ଷରେ ଆମେ ଅନୁଭବ କରିବୁ। ଅନେକ ଶତାବ୍ଦୀ ଧରି ଜମାଟ ବାନ୍ଧିଥିବା ବରଫ ତରଳିବା ଯୋଗୁ ସମୁଦ୍ର ପତ୍ତନ ବୃଦ୍ଧି ପାଇବ ଏବଂ ଲଣ୍ଡନ, ନ୍ୟୁୟର୍କ, ସାଂଘାଇ ଓ କୋଲକାତା ସହରକୁ ବୁଡାଇ ଦେବ। ଦୁର୍ବଳ ତଥା ଅସହାୟ ସମ୍ପ୍ରଦାୟ ଦାରିଦ୍ର୍ୟରୁ ମୁକ୍ତି ପାଇବା ଲାଗି କରୁଥିବା ଉଦ୍ୟମ ହ୍ରାସ ହେବ ଏବଂ ପ୍ରତ୍ୟେକ ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ।

ଏସବୁକୁ ବିଚାର କଲେ ଏହା ସ୍ପଷ୍ଟ ଯେ, ବିଶ୍ୱତାପନକୁ ସୀମିତ କରିବା ହେଉଛି ଏକ ସାମାଜିକ ନ୍ୟାୟ, ମାନବ ଅଧିକାର ଏବଂ ଦୀର୍ଘମିଆଦୀ ବିକାଶର ବିଷୟ। ଏବଂ ଆମେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ଅତିକ୍ରମ କଲେ ମଧ୍ୟ ଏହିସବୁ ବିଷୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେଲେ ଅପ୍ରତ୍ୟାଶିତ ରାଜନୈତିକ ପରିଣାମ ସାମ୍ନାକୁ ଆସିବ, କାରଣ ଜଳବାୟୁ ସମ୍ବନ୍ଧୀୟ କ୍ଷୟକ୍ଷତି ବଢୁଥିବାରୁ କ୍ଷତିପୂରଣ ଦାବି ବୃଦ୍ଧି ପାଇବ। ଏହା ବ୍ୟତୀତ ସବୁଜ ବାଷ୍ପ ନିର୍ଗମନ ହ୍ରାସ କରିବାର ରାଜନୈତିକ ପଦକ୍ଷେପଗୁଡ଼ିକ ପୂର୍ବରୁ ହୋଇଥିବା ପ୍ୟାରିସ୍ ଚୁକ୍ତିନାମା ଅନୁଯାୟୀ ସୁସଙ୍ଗତ ହେବ। ବିଶ୍ୱତାପନକୁ ରୋକିବା ଲାଗି ପ୍ୟାରିସ୍ ଚୁକ୍ତିନାମା ଆଶା କରେ ଯେ, ଦେଶଗୁଡ଼ିକ ନିର୍ଗମନ-ହ୍ରାସ ଯୋଜନା କାର୍ଯ୍ୟକାରୀ କରିବେ, ଯାହା ସେମାନଙ୍କର ସର୍ବୋଚ୍ଚ ଅଭିଳାଷକୁ ପ୍ରତିପାଦିତ କରେ। ସରକାରଗୁଡ଼ିକ ଏହି ଲକ୍ଷ୍ୟ ପୂରଣ କରିବାରେ ବିଫଳ ହେଉଥିବାବେଳେ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ହେଲେ ବି ସେମାନଙ୍କର ଦାୟିତ୍ୱରେ କୌଣସି ପରିବର୍ତ୍ତନ ହେବ ନାହିଁ। ପ୍ରକୃତରେ, ତାପମାତ୍ରା ବଢୁଥିବାରୁ ଏହିସବୁ ପ୍ରତିବଦ୍ଧତା ପୂରଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ପାଖାପାଖି ରଖିବାର ସମ୍ଭାବନାକୁ ଦୃଢ଼ କରିବାର ଏକମାତ୍ର ଉପାୟ ହେଉଛି ଭବିଷ୍ୟତରେ ୨୦୩୫ ପର୍ଯ୍ୟନ୍ତ ପ୍ରତିବର୍ଷ ନିର୍ଗମନ ହ୍ରାସ ଉପରେ ମହତ୍ତ୍ୱାକାଂକ୍ଷୀ ପ୍ରତିଶ୍ରୁତି ଦେବା ଏବଂ ତାହାକୁ କାର୍ଯ୍ୟକାରୀ କରିବା।

ଆମେ ୧.୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଧୀରେ ଧୀରେ ଟପିବାକୁ ଯାଉଛୁ। ଯଦି ଏହି ଧାରାକୁ ରୋକି ନ ପାରିଲେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଲକ୍ଷ୍ୟ ପ୍ରାସଙ୍ଗିକ ହୋଇ ରହିବ। ଏକ ଡିଗ୍ରୀର ପ୍ରତ୍ୟେକ ଭାଗ ଗଣନା କରାଯାଏ ଏବଂ ସେଥିପାଇଁ ବୈଶ୍ୱିକ ଜଳବାୟୁ ପଦକ୍ଷେପଗୁଡ଼ିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମାକୁ ସୀମିତ ରଖିବା ଏବଂ ଯଥାଶୀଘ୍ର ନିରାପଦ ସ୍ତରକୁ ଫେରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ବିଶ୍ୱର ସବୁଜ ଗୃହ ବାଷ୍ପର ଶୂନ ନିର୍ଗମନ ସ୍ତର ହାସଲ କରିବା ପାଇଁ ପ୍ୟାରିସ୍ ଚୁକ୍ତିନାମାର ଲକ୍ଷ୍ୟ ବିଶେଷକରି ଅତ୍ୟଧିକ ଉତ୍ତାପ ରୋକିବାରେ ସାହାଯ୍ୟ କରିପାରେ। ଏକ ନିରାପଦ ଏବଂ ଜୀବନ୍ତ ଗ୍ରହ ବଜାୟ ରଖିବା ପାଇଁ ଆମକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ଉପରେ ନଜର ରଖିବାକୁ ହେବ ଏବଂ ନିଶ୍ଚିତ ଯେ, ଏହାକୁ ଅନୁସରଣ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା।

**ପ୍ରଫେସର, ଗ୍ରନ୍ଥାମ ଇନ୍‌ଷ୍ଟିଚ୍ୟୁଟ ଫର୍ କ୍ଲାଇମେଟ ଚେଞ୍ଜ ଆଣ୍ଡ ଦି ଏନ୍‌ଭାଇରନ୍‌ମେଣ୍ଟ (ଇମ୍ପେରିଆଲ କଲେଜ ଲଣ୍ଡନ)**

# ଜନାଦେଶର ସନ୍ଦେଶ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଏହା ନିଃସନ୍ଦେହ, ୨୦୨୪ ଲୋକ ସଭା ନିର୍ବାଚନରେ କୌଣସି ଏକକ ଦଳ ସ୍ପଷ୍ଟ ଜନାଦେଶ ପାଇନାହିଁ। କିନ୍ତୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କ୍ରମାଗତ ତୃତୀୟଥର ପାଇଁ କେନ୍ଦ୍ରରେ କ୍ଷମତାସୀନ ହେବାକୁ ସମର୍ଥ ହୋଇଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏକାକୀ ୨୮୨ଟି ଏବଂ ୨୦୧୯ରେ ଏକାକୀ ୩୦୩ଟି ଆସନରେ ବିଜୟୀ ହୋଇଥିବାବେଳେ ଏଥର କୁହୁକ ଅଙ୍କଠାରୁ ବହୁ ଦୂରରେ ରହିଛି ଅର୍ଥାତ୍ ୨୪୦ଟି ଆସନରେ ବିଜୟୀ ହୋଇଛି। ଗତ ୨୦୧୪ ଓ ୨୦୧୯ରେ କେନ୍ଦ୍ରରେ ଭାଜପା ଏନ୍‌ଡିଏ ସହଯୋଗୀଙ୍କୁ ନେଇ ସରକାର ଗଢିଥିବା ସତ୍ତ୍ୱେ ଏକ ଦୃଢ଼ ଓ ସ୍ଥିର କରିଥିଲା। ବହୁ କ୍ଷେତ୍ରରେ ସହଯୋଗୀଙ୍କ ବିନା ସହମତିରେ କେତେକ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସମର୍ଥ ହୋଇଥିଲା। ମାତ୍ର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର ଗଠନ କରିବାକୁ ଯାଉଥିବାବେଳେ ପୂର୍ବ ଦୁଇ ସରକାରଙ୍କ ପରି ଏହା ଦୃଢ଼ ଏବଂ ସ୍ଥିର ସରକାର ହେବା ଆଶା କରାଯାଇ ନ ପାରେ। ମନଇଚ୍ଛା ଏଣିକି ନିଜ ଦଳକୁ ସୁହାଇବା ପରି କୌଣସି ନିଷ୍ପତ୍ତି ସହଯୋଗୀଙ୍କ ବିନା ସହମତିରେ ନେଇପାରିବେ ନାହିଁ। ଯେକୌଣସି ନିଷ୍ପତ୍ତି ପାଇଁ ସହଯୋଗୀଙ୍କ ସହମତି ଆବଶ୍ୟକ। ସେହିପରି ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏନ୍‌ଡିଏରେ ସାମିଲ ହୋଇଥିବା ଦୁଇ ସହଯୋଗୀ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି(ଟିଡିପି) ଏବଂ ନୀତୀଶ କୁମାରଙ୍କ ଜେଡିୟୁ ସରକାରରେ କିଙ୍ଗ୍ ମେକର ହେବା ଆଶଂକାକୁ ଅଣଦେଖା କରାଯାଇ ନ ପାରେ। ଅତୀତରେ ମୋଦିଙ୍କୁ ବିରୋଧ କରି ଉଭୟେ ଏନ୍‌ଡିଏ ଛାଡ଼ିଥିଲେ। ପୁନଶ୍ଚ କ୍ଷମତା ପାଇଁ ଉଭୟ ନେତା ଯେକୌଣସି ପଦକ୍ଷେପ ନେଇପାରନ୍ତି। ସେମାନେ କେବେହେଲେ ଭରସା ଯୋଗ୍ୟ ନୁହନ୍ତି। ପୁନଶ୍ଚ ଚଳିତ ନିର୍ବାଚନର ଜନାଦେଶ ଯେ ଭାଜପା ବିରୋଧରେ ଏହା ନିଃସନ୍ଦେହରେ କୁହାଯାଇପାରିବ। ଅବ୍ କି ବାର୍-୪୦୦ ପାର୍ ନାରାଦେଇ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ ହୋଇଥିବା ଭାଜପା ୩୦୦ଅଙ୍କକୁ ଛୁଇଁ ପାରିନାହିଁ। ଅପରପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୨୩୨ଟି ଆସନ ଦଖଲ କରିବା ଯୋଗୁ ଦେଶରେ ବିରୋଧୀ ଦଳ ଏକ ଦୃଢ଼ ସ୍ଥିତିରେ ରହିବ। ଦୀର୍ଘ ୧୦ବର୍ଷ ଧରି କ୍ଷମତାରୁ ଦୂରେଇ ରହିଥିବା କଂଗ୍ରେସ ପୁନଶ୍ଚ ସ୍ଥିତି ମଜଭୁତ କରିଛି। ୨୦୨୪ ନିର୍ବାଚନରେ ଏହି ସନ୍ଦେଶ ପ୍ରଦାନ କରିଥିବା ମନେହୁଏ। ତେବେ ଚଳିତ ଲୋକ ସଭା ଏକକାଳୀନ ଅନୁଷ୍ଠିତ ହୋଇଥିବା ୪ଟି ରାଜ୍ୟର ବିଧାନସଭା ନିର୍ବାଚନରେ ଜନାଦେଶ ପ୍ରକାଶ ପାଇଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଶାସକ ଦଳ କ୍ଷମତାଚ୍ୟୁତ ହୋଇଥିବାବେଳେ ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ ରାଜ୍ୟବାସୀ ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ଅରୁଣାଚଳ ଓ ଓଡ଼ିଶାରେ ଭାଜପା କ୍ଷମତାସୀନ ହୋଇଥିବାବେଳେ ଆନ୍ଧ୍ରରେ ଟିଡିପି ଏବଂ ସିକିମ୍‌ରେ ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା କ୍ଷମତାସୀନ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଲଗାତର ୫ଟି ପାଳିରେ ଦୀର୍ଘ ୨୪ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି ଓଡ଼ିଶାରେ କ୍ଷମତାଚ୍ୟୁତ ହୋଇଛି। ପ୍ରଥମଥର ପାଇଁ ଭାଜପା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ଓଡ଼ିଶା ରାଜନୀତିରେ ନୂତନ ଇତିହାସ ସୃଷ୍ଟି କରିଛି। ଭାଜପା ସପକ୍ଷରେ କୌଣସି ଲହର ନ ଥିବାବେଳେ ଦଳର କେନ୍ଦ୍ରୀୟ ନେତୃବର୍ଗ ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦଳର କର୍ମକର୍ତ୍ତା, ଭାଜପା ଶାସିତ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଆ ଅସ୍ମିତା, ଶ୍ରୀମନ୍ଦିର ଚାବି ହଜିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଯେଉଁଭଳି ମାହୋଲ ସୃଷ୍ଟି ସୁଚିନ୍ତିତ ନିର୍ବାଚନ ପ୍ରଚାର ରଣକୌଶଳ କରିଥିଲେ, ତାହା ରାଜ୍ୟର ଜନସାଧାରଣଙ୍କୁ ପ୍ରଭାବିତ କରିଛି। ଯେଉଁଥିପାଇଁ କି ରାଜ୍ୟରେ ବିଜେଡି ୧୪୭ଟି ଆସନ ମଧ୍ୟରୁ ୫୧ଟିରେ ସୀମିତ ରହିଥିବାବେଳେ ଲୋକ ସଭାରେ ସମ୍ପୂର୍ଣ୍ଣ ସଫା ହରାଇଛି। ଭାଜପାର ମୁଖ୍ୟମନ୍ତ୍ରୀ ପାର୍ଥୀ ପାଇଁ ଦଳର ବହୁ ନେତା ଆଶାୟୀ ଅଛନ୍ତି ଏବଂ ଏବେଠାରୁ ଲବି ଆରମ୍ଭ କରିଦେଇଥିବା ଜଣାଯାଏ। ବିଧାନସଭା କିମ୍ବା ଲୋକ ସଭାକୁ ନିର୍ବାଚିତ ହୋଇ ନ ଥିବା ଦୁଇ ଜଣ ଅଣ ରାଜନୈତିକ ଓଡ଼ିଆ ବ୍ୟକ୍ତିଙ୍କ ନାମ ଏବେ ଚର୍ଚ୍ଚାରେ ରହିଛି। ଯଦି ଏହି ଚର୍ଚ୍ଚା ସତ୍ୟ ହୁଏ, ତେବେ ଏଥିରେ ବିସ୍ମିତ ହେବାରେ କିଛି ନାହିଁ। କାରଣ ଭାଜପା ଶାସିତ ରାଜ୍ୟରେ ଭାଜପା ବିଧାୟକ ଦଳ ନୁହେଁ, ଦଳର କେନ୍ଦ୍ରୀୟ ନେତୃତ୍ୱ ହିଁ ମୁଖ୍ୟମନ୍ତ୍ରୀ ଚୟନ କରିବା ବହୁ ନଜିର ରହିଛି।

ସମ୍ମାନ ଭବନ, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

## ଏଇ ଭାରତରେ

ଉତ୍ତରପ୍ରଦେଶ ବିଜ୍‌ନୋରରେ ରହୁଥିବା ଅଲି କୁମୈଲଙ୍କ ଶିକ୍ଷାଗତ ଯୋଗ୍ୟତା କହିଲେ ଦଶମ ପାସ୍। ବୃତ୍ତିରେ ସେ ଜଣେ ଏସି ମେକାନିକ। କିନ୍ତୁ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି କରିଛନ୍ତି ଏକ ଟ୍ରାକ୍ଟର। ଏହି ଟ୍ରାକ୍ଟରର ବିଶେଷତ୍ୱ ହେଉଛି, ତାହା ସମ୍ପୂର୍ଣ୍ଣ ପୁରୁଣା ପାର୍ଟ୍ସରେ କରାଯାଇଛି। ଏହି ଟ୍ରାକ୍ଟର ବିଦ୍ୟୁତ୍‌ରେ ଚାଲୁଛି। ଟ୍ରାକ୍ଟର ନିର୍ମାଣରେ ୪୦% କାଠ ଓ ୬୦% ଲୁହା ବ୍ୟବହାର ହୋଇଛି। କୁମୈଲ ଆର୍ଥିକ ଅଭାବ ଯୋଗୁ ଦଶମରୁ ପଢ଼ା ଛାଡ଼ି ଦେଇଥିଲେ। କିନ୍ତୁ କିଛି ନୂଆ କରିବାର ଇଚ୍ଛା ତାଙ୍କ ମନରେ ରହିଥିଲା, ଯାହା ଏହି ଟ୍ରାକ୍ଟର ନିର୍ମାଣରେ ପ୍ରତିଫଳିତ ହୋଇଛି। ପ୍ରଥମେ ସେ ଜଣେ ଏସି ମେକାନିକ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ୫୦ହଜାର ଟଙ୍କା ସଞ୍ଚୟ କରି ସେହି ଅର୍ଥରେ ଟ୍ରାକ୍ଟର ତିଆରି ଆରମ୍ଭ କରିଥିଲେ। ଚାକିରିରୁ ସମୟ ବାହାର କରି ଏହି କାର୍ଯ୍ୟ କରୁଥିଲେ। ଏବେ ତାଙ୍କ ଟ୍ରାକ୍ଟରକୁ ଦେଖିବାକୁ ଭିଡ଼ ଜମୁଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୭ ଜୁନ୍ ୧୯୭୫

- ଜଳାଭାବ ହେତୁ ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍‌ର କାର୍ଯ୍ୟ ବନ୍ଦ ହୋଇଯାଇଛି।
- ବିଦେଶକୁ ରପ୍ତାନି ହେଉଥିବା ଖୋଟଜାତ ପଦାର୍ଥ ଓ ପାଳ ଉପରୁ ଭାରତ ସରକାର ରପ୍ତାନି ଶୁଳ୍କ ଉଠେଇ ଦେଇଛନ୍ତି।
- ଉତ୍ତର ପ୍ରଦେଶରେ ଥିବା ସୀତାପୁର ଚକ୍ଷୁ ହାସପାତାଳକୁ ଏସିଆ ଓ ଅନ୍ୟ ଅନୁନ୍ନତ ଦେଶମାନଙ୍କର ଚକ୍ଷୁ ସମ୍ପର୍କୀୟ ତାଲିମ କେନ୍ଦ୍ର ରୂପେ ରୟାଲ କମନୱେଲ୍‌ଥ ସୋସାଇଟି ଫର୍ ବ୍ଲାଇଣ୍ଡ୍ସର ସ୍ୱୀକୃତି ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 7 | | | | |
| 5 | | | | | 8 | | 6 | |
| | | 4 | | | 3 | 7 | | 2 |
| | | | 3 | | 2 | | 7 | |
| | | | | | | | 4 | |
| 6 | | | | 9 | | | | 8 |
| | | 2 | | | | | 1 | |
| | | | | | | | | 5 |
| | 7 | 1 | 8 | | 9 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 3 | 2 | 9 | 5 | 4 | 1 |
| 5 | 4 | 9 | 8 | 1 | 6 | 2 | 3 | 7 |
| 1 | 3 | 2 | 4 | 5 | 7 | 8 | 6 | 9 |
| 2 | 6 | 5 | 7 | 4 | 1 | 3 | 9 | 8 |
| 4 | 8 | 7 | 9 | 3 | 2 | 1 | 5 | 6 |
| 3 | 9 | 1 | 6 | 8 | 5 | 4 | 7 | 2 |
| 6 | 1 | 8 | 5 | 7 | 3 | 9 | 2 | 4 |
| 7 | 2 | 3 | 1 | 9 | 4 | 6 | 8 | 5 |
| 9 | 5 | 4 | 2 | 6 | 8 | 7 | 1 | 3 |

ଗତକାଲିର ଉତ୍ତର

# ସୃଷ୍ଟିର ଅବିଚ୍ଛେଦ୍ୟ ଅଙ୍ଗ



ଡ. ସମୀର କୁମାର ନନ୍ଦ

ଭଗବାନଙ୍କ ସୃଷ୍ଟିରେ ପୁରୁଷ ଓ ନାରୀ ଦୁଇ ଅଭିନ୍ନ ଅଂଶ ହୋଇଥିବା ବେଳେ ଆଉ ଏକ ବୈଚିତ୍ର୍ୟ ଦେଖିବାକୁ ମିଳିଥାଏ। ଏହା ହିଁ ହେଉଛନ୍ତି କିନ୍ନର ବା ଟ୍ରାନ୍ସଜେଣ୍ଡର। ଏମାନେ ପୁରୁଷରେ କିମ୍ବା ନାରୀରେ ପରିଗଣିତ ହୋଇ ନ ଥାନ୍ତି। କାରଣ ଏମାନଙ୍କ ଚେହେରା ପୁରୁଷ ଭଳି ହୋଇଥିବା ବେଳେ ମନ ନାରୀ ଭଳି କିମ୍ବା ଏହାର ବିପରୀତ ହୋଇଥାଏ। ସମଗ୍ର ବିଶ୍ୱରେ କିନ୍ନରମାନେ ଭେଦଭାବ ସାମ୍ନା କରୁଥିବାରୁ ଏହା ବିରୋଧରେ ଜନସଚେତନତା ସୃଷ୍ଟି କରାଯାଉଛି।

ଆମ ଦେଶରେ ଜାତୀୟ ଆଇନ ସେବା ପ୍ରାଧିକରଣ (ଏନଏଲଏସ୍‌ଏ ) ଦ୍ୱାରା ଆଗତ ଏକ ମାମଲାର ବିଚାରକରି ସୁପ୍ରିମକୋର୍ଟ ୨୦୧୪ ଏପ୍ରିଲ ୧୪ରେ ଏକ ଐତିହାସିକ ରାୟ ପ୍ରଦାନ କରି କିନ୍ନରମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ପ୍ରଦାନ କରିବା ସହ ସମ୍ବିଧାନର ସମସ୍ତ ଅଧିକାର ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ନରମାନଙ୍କ ପାଇଁ ସମାଜରେ ଥିବା ଭେଦଭାବ, ଶିକ୍ଷା ବ୍ୟବସ୍ଥାରେ ଦୁର୍ବଳତା, ବେକାରି ଓ ସ୍ୱାସ୍ଥ୍ୟସେବା ପାଇବାରେ ରହିଥିବା ଅସୁବିଧାଗୁଡ଼ିକ ଦୂରକରିବା ସହ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଭାରତ ସରକାର ଟ୍ରାନ୍ସଜେଣ୍ଡର ବ୍ୟକ୍ତି ( ଅଧିକାରର ସୁରକ୍ଷା) ଆଇନ, ୨୦୧୯କୁ ପ୍ରଣୟନ କରିଥିଲେ। ଭାରତରେ ପ୍ରଥମ ଥର ପାଇଁ ୨୦୧୧ର ଜନଗଣନାରେ ପୁରୁଷ-୧, ମହିଳା-୨ ସହିତ ଅନ୍ୟାନ୍ୟ-୩ ବୋଲି କୋଡ୍‌ର ବ୍ୟବସ୍ଥା କରାଯାଇଥିଲା ଯେଉଁଥିରେ କିନ୍ନରମାନଙ୍କୁ ଗଣନା କରାଯାଇ ସେମାନଙ୍କ ସଂଖ୍ୟା ଓଡ଼ିଶାରେ ୨୦,୩୩୨ ସମେତ ୪,୮୭,୮୦୩ ବୋଲି ଜଣାପଡ଼ିଥିଲା। ଓଡ଼ିଶାରେ ଚିହ୍ନଟ ହୋଇଥିବା କିନ୍ନରଙ୍କ ମଧ୍ୟରେ ୨୧୨୫ ଜଣ (୦-୬) ଛୁଆ, ୩୨୩୬ ଜଣ ଏସ୍‌ସି, ୪୫୫୩ ଏସ୍‌ଟି ଥିଲାବେଳେ ସାକ୍ଷରତା ହାର ୫୪.୩୫% ବୋଲି ୨୦୧୧ ଜନଗଣନାରୁ ଜଣାପଡ଼େ।

ଶିବ ପୁରାଣ ଅନୁସାରେ ସୃଷ୍ଟିର ସଂରଚନା ସମୟରେ ମଣିଷ ଓ ଜୀବଜନ୍ତୁ ସୃଷ୍ଟି କରିବାରେ ବ୍ରହ୍ମାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେଣୁ ବ୍ରହ୍ମା ମହାଦେବଙ୍କୁ ସହାୟତା ମାଗିଥିଲେ। ଫଳରେ ମହାଦେବ ନିଜ ଶରୀରରୁ ଅର୍ଦ୍ଧନାରୀଶ୍ୱର ରୂପ ଉତ୍ପନ୍ନକଲେ ଯେଉଁ ରୂପରେ କି ମହାଦେବ ପୂର୍ଣ୍ଣରୂପରେ ପୁରୁଷ ନା ସ୍ତ୍ରୀ ଥିଲେ। ଏହିଠାରେ ହିଁ କିନ୍ନର ମାନଙ୍କ ପରିକଳ୍ପନା ହେଲା ଯେଉଁଥିପାଇଁ ମହାଦେବଙ୍କୁ କିନ୍ନରମାନଙ୍କ ସୃଷ୍ଟିକର୍ତ୍ତା ବୋଲି ମାନ୍ୟତା ରହିଛି। ସେହିପରି ତ୍ରେତୟା ଯୁଗରେ ଶ୍ରୀରାମଙ୍କ ବନବାସ ସମୟରେ ଭରତ ଯେତେବେଳେ ଶ୍ରୀରାମଙ୍କୁ ଫେରାଇ ଆଣିବା ପାଇଁ ଚିତ୍ରକୂଟ ଗଲେ ସେତେବେଳେ ତାଙ୍କ ସହ ସମସ୍ତ ଅଯୋଧ୍ୟାବାସୀ ମଧ୍ୟ ଯାଇଥିଲେ। ଶ୍ରୀରାମ କିନ୍ତୁ ସମସ୍ତ ନରନାରୀ ରାଜ୍ୟକୁ ଫେରିଯାଅ ବୋଲି ଅନୁରୋଧ କରିଥିଲେ। ସବୁ ନରନାରୀ ଫେରି ଆସିଲେ, କିନ୍ତୁ କିନ୍ନରମାନେ ରହିଗଲେ। ଶ୍ରୀରାମ ଯେଉଁଦିନ ବନବାସ ସାରି ଫେରିଲେ ସେତେବେଳେ ଦେଖିଲେ କିନ୍ନରମାନେ ସେମିତି ସେହି ଜାଗାରେ ବସିଛନ୍ତି। ଶ୍ରୀରାମ ପଚାରିଲେ ତୁମେ କାହିଁକି ବସିଛ ? କିନ୍ନରମାନେ କହିଲେ, ପ୍ରଭୁ! ଆପଣ ସବୁ ନରନାରୀ ଫେରିଯାଅ ବୋଲି କହିଥିଲେ, କିନ୍ତୁ ଆମ ପାଇଁ କିଛି କହି ନ ଥିଲେ। ତେଣୁ ଆମେ ୧୪ ବର୍ଷ ହେଲା ଆପଣଙ୍କ ଫେରିବା ବାଟକୁ ଏମିତି ଅନାଇ ବସିଛୁ। ଶ୍ରୀରାମ କିନ୍ନରମାନଙ୍କ ଭକ୍ତିରେ ଖୁସି ହୋଇ ବରଦାନ ଦେଲେ ଯେ ତୁମେମାନେ ଆଜିଠାରୁ ଯାହାକୁ ଯାହା ଆଶୀର୍ବାଦ ଦେବ ତାହା ନିଶ୍ଚୟ ଫଳିବ।



ଦ୍ୱାପରଯୁଗରେ ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟରେ ଅର୍ଜୁନ ବିରାଟ ରାଜାଙ୍କ ଦରବାରରେ ବୃହନ୍ନଳା ନାମକ କିନ୍ନର ବେଶରେ ରହିଥିଲେ। ସେହିପରି ମହାଭାରତ ଯୁଦ୍ଧରେ ଶିଖଣ୍ଡି ଚରିତ୍ର ମଧ୍ୟ ଅନେକ ମୂଲ୍ୟବାନ ଭୂମିକା ନିର୍ବାହ କରିଛି। ଶାନ୍ତି ପର୍ବରେ ଭୀମ କିନ୍ନର ମାନଙ୍କୁ ବହୁତ ସଦାଚାରୀ ଓ ମହାକବି କାଳିଦାସ ତାଙ୍କର କୁମାର ସମ୍ଭବରେ କିନ୍ନରମାନଙ୍କ ମନୋହାରୀ ବୋଲି ବର୍ଣ୍ଣନା କରିବା ଯୁଗେ ଯୁଗେ କିନ୍ନରମାନଙ୍କ ଅବସ୍ଥିତି ଓ ସେମାନଙ୍କ ପାଇଁ ଦିଆଯାଇଥିବା ସମ୍ମାନ ସମ୍ପର୍କରେ ଜଣାପଡ଼େ। ମୋଗଲ ସାମ୍ରାଜ୍ୟରେ ମଧ୍ୟ କିନ୍ନରମାନେ ବେଗମମାନଙ୍କ ଦେହରକ୍ଷୀ ଭାବରେ ନିଯୁକ୍ତି ପାଇବା ଇତିହାସରୁ ଜଣାପଡ଼େ। କୈଳାସ ପର୍ବତ ମଧ୍ୟ କିନ୍ନରମାନଙ୍କ ପ୍ରଧାନ ସ୍ଥାନ ବୋଲି ଉଲ୍ଲେଖ ରହିଛି ଓ ତାମିଲନାଡୁର ଭିଲୁପୁରମ ଜିଲାର କୁଭାଗମ ଗ୍ରାମରେ ଥିବା ଆରବାନ ଦେବତାଙ୍କ ମନ୍ଦିରରେ ମହାଭାରତ ସମୟରୁ ୧୮ ଦିନ ଧରି କିନ୍ନରମାନଙ୍କ ଦ୍ୱାରା ପାଳନ ହେଉଥିବା ଉତ୍ସବ ବିଶ୍ୱ ପ୍ରସିଦ୍ଧ, ଯେଉଁଥିରେ କି ଦେଶ ବିଦେଶରୁ ବହୁ ସଂଖ୍ୟାରେ କିନ୍ନର ଆସି ଯୋଗଦାନ କରନ୍ତି।

ସାରା ବିଶ୍ୱରେ ଏମାନଙ୍କ ସଂଖ୍ୟା ବହୁତ କମ୍ ହୋଇଥିଲେ ମଧ୍ୟ ସେମାନେ ଏବେ ବହୁ ସାମାଜିକ ଅନୁଷ୍ଠାନରେ ସାମିଲହୋଇ ସମାଜର ଉନ୍ନତିରେ ସହଭାଗୀ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ତାମିଲନାଡୁର ସତ୍ୟଶ୍ରୀ ଶର୍ମିଳା ୨୦୧୮ରେ ଦେଶର ପ୍ରଥମ କିନ୍ନର ଓକିଲ ଭାବରେ ନିଜକୁ ଉପସ୍ଥାପନ କରିଥିବା ବେଳେ ପୃଥିକା ଯାସିନୀ ଦେଶର ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ପୋଲିସ ସବ୍ ଇନ୍‌ସପେକ୍ଟର ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୨୦୧୬ରେ ନିତାଶା ବିଶ୍ୱାସଙ୍କୁ ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର ବ୍ୟୁଟି କୁଇନ୍ ଉପାଧି ପ୍ରଦାନ କରାଯାଇଛି। କିନ୍ନର ଓ ଗରିବ ଝିଅମାନଙ୍କ ଅବାଧ ଚାଲାଣ ଓ ଯୌନ ବ୍ୟାପାରକୁ ବିରୋଧ କରିବା ପାଇଁ ଅଣ୍ଟା ଭିଡ଼ି ଆଗେଇ ଆସିଛନ୍ତି ବିଶିଷ୍ଟ ଲେଖିକା, ଗଣମାଧ୍ୟମ ପ୍ରତିନିଧି, ଅଭିନେତ୍ରୀ ତଥା ବେଶ୍ ଜଣାଶୁଣା ଆଙ୍କର କଲ୍‌କି ସୁବ୍ରମଣ୍ୟମ। କିନ୍ନରମାନେ ମଧ୍ୟ ବହୁ କଳାର ଅଧିକାରିଣୀ ହୋଇଛନ୍ତି। ଏମାନଙ୍କ ଜୀବନ ସଂଘର୍ଷପୂର୍ଣ୍ଣ। କଦାପି ହାର ନ ମାନି ସମାଜରେ କିନ୍ନରମାନଙ୍କ ଯେଉଁ ବଦନାମ ଚେହେରା ରହିଛି ତାହାକୁ ଭୁଲ୍ ବୋଲି ପ୍ରମାଣକରି ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହୋଇପାରିଛନ୍ତି।

ଓଡ଼ିଶା ସରକାରଙ୍କ ଟ୍ରାନ୍ସଜେଣ୍ଡାର ପଲିସି ୨୦୧୭ ଓ ସ୍ୱୀକୃତି ଯୋଜନା ଅନୁଯାୟୀ ସେମାନଙ୍କର ସର୍ବେକ୍ଷଣ କରାଯାଇ ଚିହ୍ନଟ କରିବା, ପ୍ରମାଣପତ୍ର ଓ ବହୁମୁଖୀ ସ୍ମାର୍ଟକାର୍ଡ ପ୍ରଦାନ କରିବା, ଅଭିଭାବକମାନଙ୍କୁ ସହାୟତା ଓ ପିଲାମାନଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରିବା,ସ୍ୱାସ୍ଥ୍ୟ ସୁବିଧା,ନ୍ୟାୟ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ଜାଗରଣ ସୃଷ୍ଟି କରିବା ଇତ୍ୟାଦି ଲାଗି ପଦକ୍ଷେପ ନିଆଯାଉଛି।

ଟ୍ରାନ୍ସଜେଣ୍ଡରମାନେ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ସେମାନେ ମଧ୍ୟ ଆମ ପରି ଜଣେ ଜଣେ ମଣିଷ। ତେଣୁ ସେମାନଙ୍କୁ ଆମେ ସାଧାରଣ ମଣିଷ ପରି ଦେଖିବା ସହ ଉପଯୁକ୍ତ ସମ୍ମାନ ଦେଇପାରିଲେ ସମାଜରେ ଏକ ସୁସ୍ଥ ବାତାବରଣ ନିଶ୍ଚିତ ଭାବରେ ସୃଷ୍ଟିହେବ ଏଥିରେ ଦ୍ୱିମତ ହେବାର ନାହିଁ।

କଟେରିସାହି,ଦେବଗଡ଼
ମୋ: ୯୪୩୭୨୧୮୯୧୭

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡୁ

ମହାଶୟ,

ପୁରୀରେ ନରେନ୍ଦ୍ର ପୋଖରୀରେ ଚନ୍ଦନ ଯାତ୍ରା ସମୟରେ ଅଘଟଣ ଘଟିଲା ଏବଂ ଆହତମାନଙ୍କୁ ସଙ୍ଗେ ସଙ୍ଗେ ପୁରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଗଲା। କିନ୍ତୁ ସେଠାରେ ସେମାନଙ୍କୁ ଯଥେଷ୍ଟ ଚିକିତ୍ସା ମିଳିଲା ନାହିଁ। କାରଣ ଉପଯୁକ୍ତ ବ୍ୟବସ୍ଥା ଡାକ୍ତରଖାନାରେ ନ ଥିଲା। ଆବଶ୍ୟକ ଅନୁଯାୟୀ ବେଡ୍ ତଥା ଉପଯୁକ୍ତ ମେସିନ୍‌ର ଅଭାବ ରହିଥିଲା। ଏହାସହ ପ୍ରଶିକ୍ଷିତ କର୍ମଚାରୀ ଏବଂ ଡାକ୍ତରଙ୍କ ଅଭାବ ଯୋଗୁ ଚିକିତ୍ସାରେ ନିଶ୍ଚୟ ଅବହେଳା ହୋଇଛି। ରାତାରାତି ପୁରୀରୁ କଟକ ସ୍ଥାନାନ୍ତର ସମୟରେ ଚିକିତ୍ସା କ୍ଷେତ୍ରରେ ବିଳମ୍ବ ହେବା ଯୋଗୁ କେତେଜଣ ଆହତଙ୍କର ମୃତ୍ୟୁ ମଧ୍ୟ ଘଟିଛି। ଏଥିପାଇଁ ଦାୟୀ କିଏ ? ପୁରୀ ଭଳି ଏକ ପ୍ରମୁଖ ତୀର୍ଥ ସ୍ଥାନରେ ଡାକ୍ତରଖାନାର ଏଭଳି ଶୋଚନୀୟ ପରିସ୍ଥିତି କାହିଁକି ? ଏହା ଉପରେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଏତେ ରୂପାନ୍ତରଣ ଚାଲିଛି, ବ୍ୟାପକ ଖର୍ଚ୍ଚ ହୋଇଛି। ଅଥଚ ଡାକ୍ତରଖାନାର ଏଭଳି ପରିସ୍ଥିତି କାହିଁକି ? କୌଣସି ଉନ୍ନତିମୂଳକ କାର୍ଯ୍ୟ ନାହିଁ। ଏହା ଉପରେ ପ୍ରଶାସନର ଦୃଷ୍ଟି ପଡୁ ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେଉ।

-ପୁଷ୍ପକ ମହାନ୍ତି, ସାଇବିହାର,ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ହାସ ପରେ ଚିର ଦେବା ପାଇଁ ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି!
ବଧିର କରି ଦେଇ ସକଳର ଶରବଣ
ତିଆଗି ସବୁ ଦୟା
ଆସେ ମହା ଆବରଣ।
-(ମରଣ ପାଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବାହାନା ନାଳରୁ ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୬।୬(ନବୀନ ରାଜ ଆଚାରୀ): ଗୋଳନ୍ଥରା ଥାନା ମାର୍କଣ୍ଡି ନିକଟ ସମୁଦ୍ରରେ ମିଶିଥିବା ବାହାନା ନାଳରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ରାତିରେ ବାହାନା ନାଳରେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରି ନଂ. ୨୪/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### ଟ୍ରେନ ସମ୍ମୁଖକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୬।୬ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ରେଳଷ୍ଟେଶନ ୧ ନଂ ପ୍ଲାଟଫର୍ମ ନିକଟରେ ଜଣେ ଯୁବକ ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ଆନୁମାନିକ ୩୫ରୁ ୪୦ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ରାତି ୯ଟାରେ ଗୁଣପୁରରୁ ରାଉରକେଲା ଯାଉଥିବା ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନଟି ୧ ନଂ ପ୍ଲାଟଫର୍ମ ଛାଡିବାର କିଛି ସମୟ ମଧ୍ୟରେ ଯୁବକ ଜଣଙ୍କ ପ୍ଲାଟଫର୍ମଠାରୁ ହଠାତ ଚାଲିଆସି ଟ୍ରେନ ସମ୍ମୁଖକୁ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ଜାଣିବା ପାଇଁ ସଂରକ୍ଷିତ ରଖାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା (ନଂ.୫୦/୨୪) ରୁଜୁ ହୋଇଛି।

# ପୁଣି ଅମାନତ ହରାଇଲେ କଂଗ୍ରେସ ପ୍ରାର୍ଥୀ

**ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

ବ୍ରହ୍ମପୁର,୬।୬(ନରସିଂହ ସାହୁ) ୨୦୨୪ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ମାତ୍ର ୫,୩୮୫ ଭୋଟ ପାଇ ଅମାନତ ହରାଇଛନ୍ତି। ୨୦୧୯ ନିର୍ବାଚନରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ୫,୩୮୧ ଭୋଟ ପାଇ ଅମାନତ ରଖି ପାରି ନ ଥିଲେ। ଗଞ୍ଜାମ ଜିଲାର ଗୁରୁତ୍ୱପୂର୍ଣ୍ଣ ଏହି ଆସନରେ ସର୍ବପୁରାତନ ଜାତୀୟ ଦଳ କଂଗ୍ରେସର ଶୋଚନୀୟ ଅବସ୍ଥା ଏବଂ ପ୍ରାର୍ଥୀ ଲଗାତର ଦୁଇଥର ଅମାନତ ହରାଇବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଏହି ନିର୍ବାଚନ ମଣ୍ଡଳୀରେ ୧୯୯୦ରୁ ୨୦୨୪ ମଧ୍ୟରେ ହୋଇଥିବା ୮ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି। ୧୯୮୫ ନିର୍ବାଚନରେ ଶେଷ ଥର କଂଗ୍ରେସ ବିଧାୟକ ହୋଇଥିଲେ ଶିବ ଶଙ୍କର ସାହାଣୀ।

ଜିଲାର ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀରେ କାହିଁକି କଂଗ୍ରେସର ବିପର୍ଯ୍ୟୟ ଘଟୁଛି ସେନେଇ ଜିଲା ଓ ରାଜ୍ୟ ନେତୃତ୍ୱ ସମୀକ୍ଷା କରୁନାହାନ୍ତି ଓ ସଜାଡ଼ିବାକୁ ପଦକ୍ଷେପ ନେଇନଥିବା ରହସ୍ୟ ଘେରକୁ ଆସିଛି। ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ଦଳର ପ୍ରାର୍ଥୀମାନେ ପରାଜିତ ହୋଇଥିଲେ ମଧ୍ୟ ପୂର୍ବ ଜନତା ଦଳ ଓ ବର୍ତ୍ତମାନର ବିଜୁ ଜନତା ଦଳ ସହ ମୁହାଁମୁହିଁ ଲଢ଼େଇ କରି ମର୍ଯ୍ୟାଦାଜନକ ଭୋଟ ପାଇବା ସହ ଦ୍ୱିତୀୟ ସ୍ଥାନରେ ରହୁଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ସ୍ଥିତି ଶୋଚନୀୟ ହୋଇଛି ଏବଂ ପ୍ରାର୍ଥୀଙ୍କ ଅମାନତ ଉଡ଼ିଯାଇଛି। ୨୦୧୯ ନିର୍ବାଚନରେ କଂଗ୍ରେସର ବଡ଼ ନେତାମାନେ ବିଜେଡିରେ ମିଶିଲେ ଓ ଆଉ କେତେଜଣ ୨୦୨୪ ନିର୍ବାଚନ ବେଳେ ଭାଜପାରେ ଯୋଗଦେଇଛନ୍ତି।

ଗଞ୍ଜାମ ଜିଲା କଂଗ୍ରେସ (ପୂର୍ବ) ସଭାପତି ତଥା ବ୍ରହ୍ମପୁର ଆସନରେ ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତିରେ ମିଳିଥିବା ଜନାଦେଶ ପାଇଁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ଏଥର ଅଧିକ ସଂଖ୍ୟକ ବିଧାୟକ ନିର୍ବାଚିତ ହୋଇଥିବାରୁ ରାହୁଲ ଗାନ୍ଧୀଙ୍କୁ ଶ୍ରେୟ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନ ଓ ଟିକେଟ ବଣ୍ଟନରେ ଅବ୍ୟବସ୍ଥା ଘଟିଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଉଚ୍ଚ ନେତୃତ୍ୱଙ୍କ ମଧ୍ୟରେ ସମନ୍ୱୟ ନଥିବା ଓ ବିଭିନ୍ନ କାରଣରୁ ବହୁ ସଂଖ୍ୟକ ପ୍ରାର୍ଥୀ ପରାଜିତ ହୋଇଥିବା କଟାକ୍ଷ କରିଛନ୍ତି। କଂଗ୍ରେସ ପ୍ରତି ଭୋଟରଙ୍କ ଆନ୍ତରିକତା ଥିବା ସତ୍ତ୍ୱେ ଏହାର ସୁଯୋଗ ହାତଛଡ଼ା କରାଯାଉଥିବା ଦର୍ଶାଇଛନ୍ତି। ଏଣିକି ଦଳର ସଂଗଠନକୁ ମଜଭୁତ କରିବା ପାଇଁ ଶୀର୍ଷ ନେତୃତ୍ୱ ପଦକ୍ଷେପ ନେଲେ ପୁଣି କଂଗ୍ରେସ ପୂର୍ବ ଅବସ୍ଥାକୁ ଫେରିବ ବୋଲି ଦୀପକ ଆଶା ରଖିଛନ୍ତି।

## ନବ ନିର୍ବାଚିତ ବିଧାୟକଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର,୬।୬(ସ୍ମୃତି ରଞ୍ଜନ ମହାଲିକ) ନବ ନିର୍ବାଚିତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କୁ ଗୁରୁବାର ଭେଟି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଶୁଭେଚ୍ଛା ଜଣାଇଛି। ନୂତନ ସରକାର ପ୍ରତିଷ୍ଠା ହେବା ପରେ ପ୍ରତିଶ୍ରୁତି ମୁତାବକ ସହରତଳି ଅଞ୍ଚଳ ମହାନଗରରେ ମିଶ୍ରଣ ନେଇ ପଦକ୍ଷେପ ଗ୍ରହଣ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଗୋପାଳପୁର ବିଧାୟକ ଏ ବାବଦରେ ଅବଗତ ଥିବା ଓ ଏହାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିଭଳି ବ୍ରହ୍ମପୁର ବିଧାୟକ ସହରତଳି ଅଞ୍ଚଳ ମିଶ୍ରଣ ପ୍ରସଙ୍ଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦେବା ପାଇଁ କମିଟିକୁ କହିଥିଲେ। ଏ ନେଇ ବ୍ରହ୍ମପୁର ଏମପିଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସାକ୍ଷାତ ସମୟରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି ସୁଦେଶ ପାତ୍ର, ସହ ସଂପାଦକ ବି ଭି ସାଗର, ଉପଦେଷ୍ଟା ସୁବାଷ ପାତ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ରେଶମ ସହରରେ ସାମୂହିକ ସାବିତ୍ରୀ ବ୍ରତ ପାଳିଲେ

ବ୍ରହ୍ମପୁର,୬।୬(ସ୍ମୃତି ରଞ୍ଜନ ମହାଲିକ)

ରେଶମ ସହରର ବିଭିନ୍ନ ସାହି ଓ ମନ୍ଦିରରେ ଗୁରୁବାର ମହିଳାମାନେ ସାମୂହିକ ଭାବେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ମହିଳାମାନେ ଫୁଲ, ବିଭିନ୍ନ ପ୍ରକାର ଫଳ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ଏକାଠି ପୂଜା କରି ନିଜ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଗୋସାଇଁ ନୂଆଗାଁ ଗୋକୁଳ ଧାମ, କୋର୍ଟପେଟା ଜଗନ୍ନାଥ ମନ୍ଦିର ଆଦିରେ ମହିଳାଙ୍କ ପ୍ରବଳ ଭିଡ ଲାଗିଥିଲା। ବୈକୁଣ୍ଠ ନଗର, ବ୍ରଜନଗର, ଅମ୍ବିକା ନଗର, ଗେଟବଜାର, ବିଦ୍ୟୁତପୁରୀ ଓ ଗାନ୍ଧୀନଗର ସମେତ ସହରର ଅନ୍ୟାନ୍ୟ ସାହିରେ ମହିଳାମାନେ ସାମୂହିକ ଭାବେ ବ୍ରତ ପାଳନ କରିଥିଲେ। ବ୍ରହ୍ମପୁର କିନ୍ନର ସଂଘ ପକ୍ଷରୁ ମଧ୍ୟ ଗୋକୁଳଧାମ ଓ ଲାଞ୍ଜିପଲୀଠାରେ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା। ସଂଘ ପକ୍ଷରୁ ସଭାପତି ସୁଇଟି ସାହୁ, ସଂପାଦିକା ବିନି ପଟ୍ଟନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ କିନ୍ନର ଗୁରୁମାଙ୍କ ଶୁଭ ମନାସୀ ତାଙ୍କର ଦୀର୍ଘାୟୁ କାମନା କରିବା ସହ ଜନ କଲ୍ୟାଣ ପାଇଁ ମଧ୍ୟ ପୂଜା କରିଥିଲେ। ସେହିଭଳି ବ୍ରହ୍ମପୁର ମଣ୍ଡଳ କାରାଗାରରେ ମଧ୍ୟ ମହିଳା ଅନ୍ତେବାସୀମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। କାରାଗାର ପକ୍ଷରୁ ପୂଜା ସାମଗ୍ରୀ ସମେତ ନୂତନ ଲୁଗା ପ୍ରଦାନ କରାଯାଇଥିଲା।



ଗୋକୁଳଧାମରେ ମହିଳାଙ୍କ ପୂଜାର୍ଚ୍ଚନା।

## କାର୍ ନେଇ ଡ୍ରାଇଭର ଫେରାର

ବ୍ରହ୍ମପୁର,୬।୬(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଡ୍ରାଇଭର କାର୍ ନେଇ ୯ଦିନ ଫେରାର ହୋଇଯାଇଥିବା ଗାଡିମାଲିକ ଦଲୁଆ ସାହିର ବି.ଚଲାପତି ରାଓ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର କାର୍ (ନଂ.ଓଡି୦୭ଟି ୨୩୧୨) ଚଲାଇବାକୁ ୧୬ ଦିନ ତଳେ ଡ୍ରାଇଭର ଭାବେ ବାସୁଦେବ ନଗରର ଏମ.କ୍ରିଷ୍ଣା ପ୍ରଧାନଙ୍କୁ ନିଯୁକ୍ତି ଦେଇଥିଲେ। ଡ୍ରାଇଭର ଗାଡି ନେଇ ଯା' ଆସ କରୁଥିଲେ। ଗତ ୨୮ ତାରିଖ ପର୍ଯ୍ୟନ୍ତ ସେ ଯୋଗାଯୋଗରେ ଥିଲେ। ୨୯ ତାରିଖଠାରୁ ଆଉ ତାଙ୍କ ସହିତ ଯୋଗାଯୋଗ ହୋଇପାରୁନାହିଁ। ୯ ଦିନ ହେଲା ଡ୍ରାଇଭରଙ୍କ ପତ୍ତା ମିଳୁନାହିଁ। କ୍ରିଷ୍ଣା ଅନେକ ସ୍ଥାନରେ ଡ୍ରାଇଭର ଭାବେ ନିଯୁକ୍ତି ପାଇ ଗାଡିକୁ ବନ୍ଧା ପକାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଚଲପତି ରାଓ ଅନୁସନ୍ଧାନରୁ ଜାଣିପାରିଛନ୍ତି। ତାଙ୍କ ଗାଡିଟି ଉଦ୍ଧାର ପାଇଁ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

## ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




କୁଳପତି ଗୀତାଞ୍ଜଳି ଦାଶ ଉଦବୋଧନ ଦେଉଛନ୍ତି।

ବ୍ରହ୍ମପୁର,୬।୬(ଅଶୋକ କୁମାର ସାହୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଭିତ୍ତିକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଜ୍ଞାନ କ୍ଷେତ୍ରରେ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ତଥା ସେଣ୍ଟର ଅଫ ଏକ୍ସେଲେନ୍ସର ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଗବେଷଣାଭିତ୍ତିକ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୩୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଆର୍ଥିକ ସହାୟତା ପ୍ରଦାନ କରୁଛି। କାର୍ଯ୍ୟକ୍ରମରେ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡଃ.ଧ୍ରୁବ ଚରଣ ପଣ୍ଡା, ଡଃ. ଲକ୍ଷ୍ମୀଧର ରାଉତ, ଡଃ. ସତ୍ୟନାରାୟଣ ସାହୁ, ଡଃ. ନାରାୟଣ ସାହୁ, ଡଃ. ମଧୁସୂଦନ ମିଶ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଗବେଷିକା ପ୍ରୀତି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦୀପ୍ତା କୁମାରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅଶୋକ କୁମାର ସାହୁ, କାହ୍ନୁ ଚରଣ ନାୟକ, ସୁମନ୍ତ କୁମାର ମାଝୀ, ଶରତ ବେହେରା, ପ୍ରାଂଶୁପ୍ରଜ୍ଞାନ ଦାଶ, ମହମ୍ମଦ ନୁରୈନ, ସଂଗ୍ରାମ ପ୍ରଧାନ ପ୍ରମୁଖ ଗବେଷିକାଗବେଷକ ଉପସ୍ଥିତ ଥିଲେ।




## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ

ଗୋପାଳପୁର,୬।୬ (ନବୀନ ରାଜ ଆଚାରୀ): ଗୋଲନ୍ଥରା ଥାନା ପକ୍ଷରୁ ୧୬ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରାଯାଉଥିବା ବେଳେ ଗୁରୁବାର ସକାଳେ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରାଯାଇଛି। ସେଥିରୁ ୧୦ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛଡ଼ା ଯାଇଛି। କନିଷି ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବ୍ରହ୍ମପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ ଅପ ଭ୍ୟାନ (ଏପି ୩୯ ପି ଜି ୬୧୦୦ )କୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଗୋରୁ ଥିବା ଜାଣାପଡିଥିଲା। ଗାଡ଼ିର ବସିଥିବା ଡ୍ରାଇଭର ଓ ଅନ୍ୟଜଣେ ଗୋରୁ ଚାଲାଣ ନେଇ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ଜବତ ଗୋରୁମାନଙ୍କୁ ମଦନମୋହନପୁର ଠାରେ ଥିବା ନବଜୀବନ ସେବାଶ୍ରମ ଗୋଶାଳାରେ ଛଡ଼ା ଯାଇଛି। ଗାଡ଼ି ମାଲିକ ଓ ଗୋରୁ ଚାଲାଣକାରୀଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ଆଇନସେବା ପ୍ରାଧିକରଣର ପରିବେଶ ଦିବସ

ମାଲକାନଗିରି,୬।୬(ଦୁର୍ଯ୍ୟୋଧନ ପାତ୍ର) ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ମାଲକାନଗିରି ଜିଲା ଖଇରପୁଟ ସଦର ବ୍ଲକ ଜୟ ଶିଶୁଗୃହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ କୁମାର ମୁଦୁଲି, ପ୍ରାଧିକରଣ ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକ, ଉପ ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ, ବାଲିମେଳା ରେଞ୍ଜ ଅଧିକାରୀ, ବନପାଳ, ବନରକ୍ଷୀ, ଖଇରପୁଟ ଥାନା ସବ୍‌ଇନ୍ସପେକ୍ଟର ଓ କର୍ମଚାରୀ ମୁଣ୍ଡିଗାଡୁ ଗ୍ରାମବାସୀ ଏବଂ ଜୟ ଶିଶୁ ଗୃହର ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଚାରପତି, ରେଞ୍ଜ ଅଧିକାରୀ, ପ୍ରତିରକ୍ଷା ଓକିଲ ଓ ଶିଶୁ ଗୃହ ଅନ୍ତେବାସୀ ଉକ୍ତ ଶିଶୁ ଗୃହ ପରିସରରେ ଚାରାରୋପଣ କରିଥିଲେ । ସେହିପରି ନିକଟସ୍ଥ ହାଟ ପରିସର ଓ ସ୍ଥାନୀୟ ଖେଳ ପଡ଼ିଆରେ ଚାରା ରୋପଣ ପାଇଁ ବ୍ୟବସ୍ଥା ହୋଇଛି। ଏ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସମସ୍ତ ଅତିଥି ଜୀବଜଗତ ପାଇଁ ପରିବେଶର ସୁରକ୍ଷା ସମ୍ପର୍କରେ ସଚେତନ କରାଇ ଗୁରୁତ୍ୱାରୋପ କରିଥିଲେ । ଶିଶୁ ଗୃହ ଅନ୍ତେବାସୀ ଗଣ ପରିବେଶର ସୁରକ୍ଷା କରିବା ସହ ପ୍ରତ୍ୟେକ ବର୍ଷ ଚାରାରୋପଣ କରିବାକୁ ଶପଥ ନେଇଥିଲେ । ଶିଶୁ ଗୃହ ଅନ୍ତେବାସୀ ପରିବେଶ ସମ୍ପର୍କରେ ବକ୍ତୃତା ଦେଇଥିଲେ। ଶେଷରେ ଶିଶୁ ଗୃହର ପରିଚାଳକ ଦିଲୀପ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୦ ବର୍ଷ ପରେ ଛତ୍ରପୁରରେ ଜିତିଲା ଭାଜପା

**ଛତ୍ରପୁର,୬।୬(ସନ୍ତୋଷ ପାଢୀ):** ଗଞ୍ଜାମ ଜିଲା ଛତ୍ରପୁର ବିଧାନସଭା ଆସନକୁ ଭାଜପା ଦୀର୍ଘ ୨୦ ବର୍ଷ ପରେ ଅକ୍ତିଆର କରିବାରେ ସକ୍ଷମ ହୋଇପାରିଛି। ଏହି ଆସନରେ ଭାଜପାର କୃଷ୍ଣଚନ୍ଦ୍ର ନାୟକ ବିଜୟୀ ହୋଇଛନ୍ତି । ଗତ ୨୦ ବର୍ଷ ପୂର୍ବେ ୨୦୦୦ରେ ଏହି ଆସନରେ ଭାଜପାର ପ୍ରାର୍ଥୀ ହୋଇ ରାମଚନ୍ଦ୍ର ପଣ୍ଡା ବିଜୟୀ ହୋଇଥିଲେ। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ବିଧାନସଭା ନିର୍ବାଚନରେ ଭାଜପା ପରାଜିତ ହୋଇଥିଲା। ୨୦୦୦ରେ ବିଜୟୀ ହୋଇଥିବା ରାମଚନ୍ଦ୍ରଙ୍କ ପରେ ୨୦୦୪ରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେ ପରାଜିତ ହୋଇଥିଲେ। ରାମଚନ୍ଦ୍ରଙ୍କୁ ୨ ଥର ଯାକ ନିର୍ବାଚନରେ ବିଜେଡି ସମର୍ଥନ ଦେଇଥିଲା। ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ୨୦୦୯ରେ ସିପିଆଇ-ବିଜେଡି ମେଣ୍ଟ ହୋଇଥିଲା ଏବଂ ସିପିଆଇ ବିଜୟୀ ହୋଇଥିଲା। ପରେ ରାମଚନ୍ଦ୍ର ବିଜେଡିରେ ସାମିଲ ହୋଇଥିଲେ ମଧ୍ୟ ଚଳିତ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡି ଭାଜପାରେ ସାମିଲ ହୋଇ କୃଷ୍ଣଙ୍କ ପାଇଁ ପ୍ରଚାର କରିଥିଲେ। ଭାରତ ସ୍ୱାଧିନତା ପରଠାରୁ ଯେତେ ନିର୍ବାଚନ ହୋଇଛି ଏହାକୁ ମିଶାଇ ଭାଜପା ୨ ଥର ବିଜୟୀ ହୋଇଛି । ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେଡି ଏଠାରେ ବିଜୟୀ ହୋଇଥିବାବେଳେ ବିଜେଡି ହ୍ୟାଟ୍ରିକ୍ କରିବା ଲକ୍ଷ୍ୟ ଧୂଳିସାତ ହୋଇଛି। ୧୯୮୫ ପରଠାରୁ ଜଣେ କେହି ୨ ଥର ବିଧାୟକ ଭାବେ ଏଠାରେ ନିର୍ବାଚିତ ହୋଇନାହାନ୍ତି। ୨୦୧୯ରେ ସୁବାସ ଚନ୍ଦ୍ର ବେହେରା ବିଜେଡିରୁ ଟିକେଟ ପାଇ ନିର୍ବାଚନ ଲଢି ବିଜୟୀ ହୋଇଥିଲେ । ଏଥର ପୁଣି ସୁବାସଙ୍କୁ ବିଜେଡି ରିପିଟ୍ କରିଥିବାବେଳେ ସେ ପରାଜିତ ହୋଇଛନ୍ତି। ୨୦୧୪ରେ କୃଷ୍ଣ ସିପିଆଇରୁ ପ୍ରାର୍ଥୀ ହୋଇ ବିଜେଡିର ପ୍ରିୟାଂଶୁ ପ୍ରଧାନଙ୍କ ଠାରୁ ପରାଜିତ ହୋଇଥିଲେ। ପରେ ସେ ଭାଜପାରେ ଯୋଗଦେଇଥିଲେ ଏବଂ ଏଥର କୃଷ୍ଣ ବିଜୟୀ ହୋଇଛନ୍ତି। ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ପ୍ରଶାନ୍ତ କରଙ୍କୁ ୨୦୧୯ ନିର୍ବାଚନରେ ଦଳ ଟିକେଟ ଦେଇଥିଲା ଏବଂ ସେ ପରାଜିତ ହୋଇଥିଲେ । ତେବେ ଏଥର ତାଙ୍କୁ ଭାଜପା ରିପିଟ୍ କରିନଥିଲା ଏବଂ କୃଷ୍ଣଙ୍କୁ ଦଳ ଟିକେଟ ଦେଇଥିଲା। ଟିକେଟ ନପାଇ ପ୍ରଶାନ୍ତ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ। ସିପିଆଇର ବହୁନେତା ଭାଜପାର କୃଷ୍ଣଙ୍କୁ ଏଥର ସମର୍ଥନ କରିଥିଲେ। ଛତ୍ରପୁର ବିଧାନଭା କ୍ଷେତ୍ରରେ ପ୍ରତିଥର ଗୋଲମାଲିଆ ରାଜନୀତି ଚାଲିଆସିଛି। ଏକଦା ସିପିଆଇର ଗଡ଼ ଛତ୍ରପୁର ରହିଥିଲା। ମାତ୍ର ସେ ଗଡକୁ ଭାଙ୍ଗିଥିଲା ବିଜେଡି ଏବଂ ପରେ ବିଜେଡିର ଗଡକୁ ଭାଜପା ଭାଙ୍ଗିବାରେ ସଫଳ ହୋପାରିଛି। ବିଜେଡିର ଗଡ଼ ଥିବା ଛତ୍ରପୁର ଏନଏସିକୁ ପ୍ରଥମେ ଭାଜପା ଭାଙ୍ଗିବାରେ ସଫଳ ହୋଇଥିଲା। ଏବେ ବିଧାନସଭା ଆସନକୁ ଦଳ ଅକ୍ତିଆର କରିଛି ।

## ଜି.ଉଦୟଗିରି ଭାଜପା ତରଫରୁ ବିଜୟ ଉତ୍ସବ

ଜି.ଉଦୟଗିରି,୬।୬(ଶିଶିର ପଟ୍ଟନାୟକ) ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ତେଣୁ ଭାରତୀୟ ଜନତା ପାର୍ଟି ତରଫରୁ ଜି.ଉଦୟଗିରିଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ପ୍ରଥମ କରି ଓଡିଶାରେ ଭାଜପା ସରକାର ଗଠନ କରିବ। ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ଭାଜପା କର୍ମକର୍ତ୍ତାମାନେ ଆଶା ରଖି ବିଜୟ ଉତ୍ସବ ପାଳନ କରିଛନ୍ତି। ଗାନ୍ଧୀ ଛକରେ ବାଣ ଫୁଟାଇବା ସହିତ ମିଠା ବାଣ୍ଟି ଖୁସି ବ୍ୟକ୍ତ କରିଛନ୍ତି। ଏଥିରେ ଜି.ଉଦୟଗିରି ଭାଜପା ନେତା ମାନଗୋବିନ୍ଦ ପ୍ରଧାନ, ନଗର ସଭାପତି ଉଦେସନ ପ୍ରଧାନ, ଜିଲା ସମ୍ପାଦକ ଜ୍ଞାନ ଚନ୍ଦ୍ର ପ୍ରଧାନ, ନଗର ସମ୍ପାଦକ ଭେଙ୍କେଟ ବେହେରା, ପ୍ରଶାନ୍ତ ବଗର୍ତୀଙ୍କ ସହିତ ବରିଷ୍ଠ ଭାଜପା ନେତା ଲକ୍ଷ୍ମଣ ଆଚାର୍ଯ୍ୟ, ସନ୍ତୋଷ ମୁନି, ନୀଳମାଧବ ପ୍ରଧାନଙ୍କ ସମେତ ମହିଳା ଭାଜପା କାଉନସିଲର ଓ ମହିଳା ନେତ୍ରୀ ସୁସ୍ମିତା ଜେନାଙ୍କ ସହିତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଭାଜପାର ବିଜୟ ଉତ୍ସବ ପାଳନ।

## ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୨୦ ହଜାର ଲୁଟ୍

ରାୟଗଡ଼ା,୬।୬(ଆଶିଷ ରଞ୍ଜନ ପଣ୍ଡା) ରାୟଗଡ଼ା ସହର ଅନ୍ତର୍ଗତ ତୁମ୍ପିଗୁଡା ଗ୍ରାମ ଛକ ନିକଟସ୍ଥ ଏକ କାର ଡେକର ଦୋକାନରୁ ଏକ ଦମ୍ପତି କିଛି ଜିନିଷ କିଣିବା ବେଳେ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ସମ୍ପୃକ୍ତ ଦମ୍ପତି ରାୟଗଡ଼ା ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି କେକେ କହଁର ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, କୋଲନରା ବ୍ଲକ ଥେରୁବାଲି ଗ୍ରାମର ରୁକୁଣା ହିମିରିକା ସ୍ୱାମୀ ରାମାରାଓ ହୁଇକାଙ୍କ ସହ ରାୟଗଡ଼ା ସହରର ଗୁଣ୍ଡିଚା ଛକ ନିକଟସ୍ଥ ଏସ୍‌ବିଆଇ ମେନ ବ୍ରାଞ୍ଚରୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ବ୍ୟାଙ୍କରୁ ୧ଲକ୍ଷ ୨୦ହଜାର ଟଙ୍କା ଉଠାଇବା ପରେ ରାମାରାଓ ନିଜ ବାଇକ୍ (ଓଡି୧୮-୬୯୨୨)ର ଡିକିରେ ଟଙ୍କା ରଖି ବଜାର ବୁଲି ଗାଁକୁ ଫେରିବା ସମୟରେ ତୁମ୍ପିଗୁଡା ଛକ ନିକଟରେ ଏକ କାର ଡେକର ଦୋକାନରେ ଅଟକିଥିଲେ। ସେମାନେ ନିଜ କାର ପାଇଁ ମ୍ୟାଟ କିଣିବା ସମୟରେ ଦୁର୍ବୃତ୍ତ ଆସି ଗାଡି ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଦମ୍ପତି ଥାନାକୁ ଯାଇ ଏତଲା ଦେଇଥିଲେ। ଉକ୍ତ ଦୁର୍ବୃତ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ଆସି ରାୟଗଡ଼ାରେ ଏଭଳି ଲୁଟ୍ କରୁଥିବା ଆଇଆଇସି କହିଛନ୍ତି। ଖୁବ୍‌ଶୀଘ୍ର ଏହି ଲୁଟେରା ଗ୍ୟାଙ୍ଗକୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ବଜ୍ରପାତରେ ୨ ଗାଈ ମୃତ

ଟିକିର,୬।୬(ପ୍ରଫୁଲ୍ଲ କୁମାର ବେହେରା) ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ହାଟରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ୨ ଗାଈଙ୍କ ମୃତ୍ୟୁ ଘଟିଛି। କାଳବୈଶାଖୀ ପ୍ରଭାବରେ ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର ଟିଣ ଛପର ଉଡ଼ିଯାଇଛି। ଗୁରୁବାର ସାପ୍ତାହିକ ହାଟ ଥିବାରୁ ବହୁତ ଲୋକ ଓ ବ୍ୟବସାୟୀଙ୍କ ଭିଡ଼ ଥିଲା। ତେବେ ବଜ୍ରପାତରୁ ବ୍ୟବସାୟୀ ଓ ହାଟ କରିବାକୁ ଆସିଥିବା ଲୋକେ ଅଳ୍ପକେ ବର୍ତ୍ତିଯାଇଥିବା କୁହାଯାଉଛି। ବର୍ଷା ପବନ ଯୋଗୁ ବ୍ୟବସାୟୀଙ୍କ ଅସ୍ଥାୟୀ ଦୋକାନର ପଲିଥିନ ଉଡି ଯାଇଥିବାରୁ ବିକ୍ରି ପାଇଁ ଆସିଥିବା ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

# କାଳବୈଶାଖୀରେ ଉପୁଡ଼ିଲା ଗଛ

## ଖୋଲା ଆକାଶ ତଳେ ଅନେକ ଲୋକ



ଦାରିଙ୍ଗବାଡି, ୬।୬ (ଅରୁଣ ସାହୁ) ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକାଧିକ ଲୋକଙ୍କ ଆଜବେଷ୍ଟ ଛପର ଉଡ଼ିଯିବା ସହ ଘର ଭାଙ୍ଗିଯାଇଥିବା ସୂଚନା ମିଳିଛି। ସିମନବାଡ଼ିର ବଜାରରେ ବଡ଼ ବଡ଼ ଗଛ ଉପୁଡି ପଡିଥିବା ବେଳେ ଅମରେନ୍ଦ୍ର ପ୍ରଧାନଙ୍କ ଦୋକାନ ଘର ଉପରେ ବିରାଟକାୟ ଗଛ ପଡ଼ିଯାଇଛି। ଏଥିରେ କେହି ଆହତ ହୋଇନଥିବା ଓ ଅଳ୍ପକେ ବର୍ତ୍ତି ଯାଇଥିବା ଅମରେନ୍ଦ୍ର କହିଛନ୍ତି। ସେହିପରି ଉକ୍ତ ବ୍ଲକକୁ ସଂଯୋଗ କରୁଥିବା ୩୩ କେଭି ଓ ୧୧ କେଭି ବିଦ୍ୟୁତ ସେବା ଠପ ହୋଇଯାଇଛି। ସେହିପରି କିରିକୁଟି ପଞ୍ଚାୟତର ଆଦିବାସୀ ଗ୍ରାମ ସମେତ ଲୁଦୁବାନ୍ଧା, ମେଡୁବାଡି ଆଦି ଅଞ୍ଚଳରେ ମଧ୍ୟ ଲୋକଙ୍କ ଘରେ ବର୍ଷା ପାଣି ପଶିବା ସହ ଛପର ଉଡ଼ିଯାଇଛି। ରାଜପଥର ବିଭିନ୍ନ ସ୍ଥାନରେ ଉପୁଡିପଡ଼ିଥିବା ଗଛକୁ ଅଗ୍ନିଶମ ବିଭାଗ ପହଞ୍ଚି ସଫା କରି ରାସ୍ତା ଖୋଲିଥିବା ବେଳେ ବିଦ୍ୟୁତ୍ କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ୍ ମରାମତି ତାର ଯୋଡ଼ିବା କାର୍ଯ୍ୟ କରୁଥିବା ଜଣାପଡ଼ିଛି କ୍ଷୟ କ୍ଷତି ହୋଇଥିଲେ ସୁଦ୍ଧା ପ୍ରଶାସନ ପହଞ୍ଚିନଥିବା ଜଣାପଡିଛି। ଅନେକ ଲୋକଙ୍କ ଘରେ ବର୍ଷା ପାଣି ପଶିଥିବାରୁ ଧାନ, ଚାଉଳ ସବୁ ନଷ୍ଟ ହୋଇଯାଇଛି ସେମାନଙ୍କ ନିକଟରେ ଖାଦ୍ୟ ପ୍ରଶାସନ ପହଞ୍ଚାଇନଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳର ନଟବର ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ସମିକ ପ୍ରଧାନ, ଆକାଶ ପ୍ରଧାନ, ସିମନ ପ୍ରଧାନ, ଅମରେନ୍ଦ୍ର ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ରାଜୁ ସାହୁ, ପୀତବାସ ନାୟକ, ଜୋସନା ନାୟକ, ମାଧୁରୀ ଦିଗାଲ ଲୁଦୁବାନ୍ଧା ଗ୍ରାମର ସିଙ୍ଗଡ଼ା ଦିଗାଲଙ୍କ ସମେତ ଅନେକ ଲୋକଙ୍କ କ୍ଷତି ହୋଇଥିବା ଜଣାପଡିଛି।

## ବାଇକ୍ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ, ୨ ଗୁରୁତର

ବାଲିଗୁଡା,୬।୬ (ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଥାନା ବାଟାଗୁଡା ପଞ୍ଚାୟତର ଡାବୁଲକିଆ ଗ୍ରାମରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ଚଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ଡାବୁଲକିଆ ଗ୍ରାମର ତ୍ରିନାଥ ମଲିକ (୧୯)। ଆହାତ ଯୁବକଜଣକ ହେଲେ ବାପି ମଲିକ ଓ ସାମନ୍ତ ମଲିକ। ଡାବୁଲକିଆ ଗ୍ରାମରୁ ଏକ ବାଇକ୍‌ରେ ତିନି ଜଣ ଯୁବକ ବାଟାଗୁଡା ଗ୍ରାମକୁ ଘରୋଇ ସାମଗ୍ରୀ କିଣିବାକୁ ଆସିବା ବେଳେ ଗୋପାଳପୁର -ରାୟପୁର ୫୯ ନଂ. ଜାତୀୟ ରାଜପଥ ବାଟାଗୁଡ଼ା ପୂର୍ବରୁ ଏକ ବୁଲାଣୀରେ ଭାରସାମ୍ୟ ହରାଇ ଗୋଟିଏ ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଇଯାଇଥିଲା। ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ନିକଟରେ ଥିବା ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତ ଦୁଇ ଜଣକୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ଘଟଣାର ତଦନ୍ତ ଚଳାଇଛି।

# ପୋଖରୀରେ ବୁଡ଼ି ମୃତ୍ୟୁ

ଆସିକା, ୬।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନାର ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ସୁମନ୍ତପଲ୍ଲୀ ଗ୍ରାମ ପୋଖରୀରେ ବୁଡିଯାଇ ଗୁରୁବାର ଅପରାହ୍ନରେ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ସେହି ଗ୍ରାମର ଈଶ୍ୱର ଗୌଡ (୮୦) । ଈଶ୍ୱର ସ୍ନାନ ଶୌଚ ଲାଗି ପୋଖରୀକୁ ଯାଇଥିଲା ବେଳେ ଗୋଡ଼ ଖସିଯାଇ ପାଣିରେ ବୁଡିଯାଇଥିଲା। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା ଓ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଶ୍ମଶାନ ଘାଟ ନିର୍ମାଣ ନେଇ ଅସନ୍ତୋଷ

ଗଞ୍ଜାମ,୬।୬(ବିଦ୍ୟାଧର ସାହୁ) ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମକୁ ଲାଗି ଏନ୍‌ଏସି ପ୍ରଶାସନ ପକ୍ଷରୁ ଶ୍ମଶାନଘାଟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ପୁରୁଣା ୫ ନମ୍ବର ଶେଷରେ ଜାତୀୟ ରାଜପଥ ଋଷିକୁଲ୍ୟା ନଦୀପଠାରେ ଦୁଇଟି ଶ୍ମଶାନଘଟ ରହିଛି। ହେଲେ ନୂତନ ପ୍ରକଳ୍ପ ଭାବେ ଦାମୋଦରପୁର ଗ୍ରାମର କିଛି ଘରକୁ ଲାଗି ଶ୍ମଶାନ ଗାଁ ମୁଣ୍ଡରେ କରାଯାଉଛି। ଉକ୍ତ ଶ୍ମଶାନ ଘାଟ ଚାଲୁହେଲେ ଗଞ୍ଜାମ ସହର ସମେତ ଦାମୋଦରପୁର ଗ୍ରାମର ମୃତଦେହ ଦାହ କରାଯିବ। ଉକ୍ତ ସ୍ଥାନରେ ମୃତଦେହ ଦାହ କରାଗଲେ ବିଶେଷକରି ଦାମୋଦାରପୁର ଗ୍ରାମର ୧୧ ଓ ୧୨ ନମ୍ବର ୱାର୍ଡରେ ମୃତଦେହ ପୋଡା ଧୂଆଁ ପଶିବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଗ୍ରାମ ମଧ୍ୟରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବ। ଅନ୍ୟପଟେ ବାୟୁ ପ୍ରଦ୍ୟୁଷଣ ହେବାଦ୍ୱାରା ଅଞ୍ଚଳବାସୀ ପ୍ରଦ୍ୟୁଷଣ ଜନିତ ବିଭିନ୍ନ ରୋଗରେ ପିଡିତ ହେବାର ସମ୍ଭାବନା ରହିଛି। ସମ୍ପ୍ରତି ପ୍ରତି ମାସରେ ପ୍ରାୟ ୧୫ ଟି ମୃତଦେହ ପୁରୁଣା ଜାତୀୟ ରାଜପଥ ଶେଷ ନଦୀ ପଠାରେ ପୋଡାଯାଉଥିବା ବେଳେ ଗ୍ରାମ ମଧ୍ୟକୁ ମୃତଦେହ ପୋଡା ଦୁର୍ଗନ୍ଧ ଆସୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ନୂତନ ପ୍ରକଳ୍ପ ନିର୍ମାଣ ସ୍ଥଳକୁ ଲାଗି ଅନେକ ଘର ରହିଥିବା ବେଳେ ଉକ୍ତ ପରିବାରରେ ଅନେକ ଶିଶୁମାନେ ରହୁଛନ୍ତି। ବିଶେଷକରି ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ବ୍ୟାଘାତ ହେବାର ଆଶଙ୍କା ପ୍ରକାଶ ପାଇଛି। ଉକ୍ତ ପ୍ରକଳ୍ପକୁ ଅଞ୍ଚଳବାସୀ ପ୍ରଥମରୁ ବିରୋଧ କରି ଆସୁଥିବା ବେଳେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳବାସୀ ସେଠାରେ ମୃତଦେହ ଦାହ କରିବାକୁ ନଦେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ମତ ପ୍ରକାଶ ପାଉଛି। ତେଣୁ ଏନ୍‌ଏସି ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ନିର୍ମାଣ ଚାଲିଥିବା ଶ୍ମଶାନ ଘାଟ

## ପରିବେଶ ସୁରକ୍ଷା ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା




ବ୍ରହ୍ମପୁର,୬।୬(ଅଶୋକ କୁମାର ସାହୁ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ରହ୍ମପୁର ଶାଖା ପକ୍ଷରୁ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ବ୍ରହ୍ମପୁର ଆଇଟିଆଇ ଅଡିଟୋରିୟମରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି ପାଇଁ ଫାଉଣ୍ଡେସନ ପକ୍ଷରୁ ଗତ ୨ତାରିଖରୁ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ସ୍କୁଲ ଏବଂ କଲେଜ ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। 'ଜମି ପୁନରୁଦ୍ଧାର, ମରୁଭୂମି ଓ ମରୁ ମୁକାବିଲା' ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ର ଚିତ୍ର ଆଙ୍କିଥିଲେ। ସମୂହ ଜମି ଓ ଇକୋ ସିଷ୍ଟମର ପୁନରୁଦ୍ଧାର, ପରିବେଶର ବିବିଧତାକୁ ରକ୍ଷା କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା ଉପରେ ଜନସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦୀପକ କୁମାର ସାହୁ, ଟାଟା ଷ୍ଟିଲ ସ୍ପେଶିଆଲ ଇକୋନୋମିକ ଜୋନ ପ୍ରକଳ୍ପ ମୁଖ୍ୟ ସୌରଭ ସୁଗନ୍ଧ, ଟାଟା ଷ୍ଟିଲ ଫେରୋ ଆଲଏଜ ପ୍ଲାଣ୍ଟ ମୁଖ୍ୟ ଅଟଲା ରାମବାବୁ ଓ ଟାଟା ଷ୍ଟିଲ ଫାଉଣ୍ଡେସନର ଗୋପାଳପୁର ୟୁନିଟ ମୁଖ୍ୟ ରକି ମାର୍ଟିନ ପ୍ରମୁଖ ଉପସ୍ଥିତ ଥିଲେ।

## ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କଲେ ନବ ନିର୍ବାଚିତ ବିଧାୟକ



ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ ।

ଛତ୍ରପୁର,୬।୬ (ଦିଲୀପ ସାମଲ): ଚଳିତ ନିର୍ବାଚନ ପ୍ରଚାର ସମୟରେ ମତ୍ସ୍ୟଜୀବୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କିପରି କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଗୁରୁବାର ଛତ୍ରପୁରର ନବନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆର୍ଯ୍ୟପଲ୍ଲୀ ପରିଦର୍ଶନ କରି ମତ୍ସ୍ୟଜୀବୀମାନଙ୍କ ସହ ଆଲୋଚନା କରିଛନ୍ତି। ମତ୍ସ୍ୟଜୀବୀମାନେ ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ବିଧାୟକ ଶ୍ରୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମରେ ଥିବା ରାସ୍ତା ସହିତ ପୁରୁଣା ମତ୍ସ୍ୟଜେଟିର କିପରି ଉନ୍ନତୀକରଣ ଏବଂ ପ୍ରସ୍ତାବିତ ନୂତନ ମତ୍ସ୍ୟଜେଟି (ଫିସିଂ ହାରବାର ) ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକ ଶ୍ରୀ ନାୟକଙ୍କୁ ମତ୍ସ୍ୟଜୀବୀମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲ। ଏହି ଅବସରରେ ଭାରତୀୟ ଜନତା ପାର୍ଟିର କଣମଣା ମଣ୍ଡଳ ସଭାପତି ଏନ. ଦିନବନ୍ଧୁ, ଉପସଭାପତି କେ. ଦାଶରଥି, ସାଧାରଣ ସମ୍ପାଦକ ପି. ରାମବାବୁ, ମଜଦୁର ୟୁନିୟନର କୋଷାଧ୍ୟକ୍ଷ ଡି. ମାସେନୀ, ଜି ଜଗନ୍ନାଥ, ଜି.କାମେୟାଙ୍କ ସମେତ ବଡ ଆର୍ଯ୍ୟପଲ୍ଲୀ ଓ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ ।

# ଅତ୍ୟଧିକ ଆତ୍ମବିଶ୍ୱାସ ବିଜେଡିକୁ ଧରାଶାୟୀ କଲା

ଫୁଲବାଣୀ,୬।୬(ରାକେଶ ରାଉତ): ସାଧାରଣ ନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇଛି। ଏଥର ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ନିର୍ଦ୍ୱନ୍ଦ୍ୱରେ ପୁଣି ଥରେ ବିଜେଡି ସରକାର କରିବ। ଆମେ ଜିତିବୁ ବୋଲି ବିଜେଡି ପ୍ରାର୍ଥୀ, ନେତା ଏବଂ କାର୍ଯ୍ୟକର୍ତ୍ତା କହି ଆସୁଥିଲେ। ଫଳ ବାହାରିବା ପରେ ଅପ୍ରତ୍ୟାଶିତ ପରାଜୟକୁ କନ୍ଧମାଳ ଜିଲାର ହାଇ ପ୍ରୋଫାଇଲ ପ୍ରାର୍ଥୀ ଏବଂ କର୍ମକର୍ତ୍ତା ଗ୍ରହଣ କରି ପାରୁନାହାନ୍ତି। ଜନାଦେଶ କାହିଁକି ସେମାନଙ୍କ ବିପକ୍ଷରେ ଗଲା ତାହାର କାରଣ ଖୋଜିବାରେ ଲାଗିଛନ୍ତି।

ଉପ ବାଚସ୍ପତି ତଥା ଜି.ଉଦୟଗିରି ବିଜେଡି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଚଳିତ ନିର୍ବାଚନରେ ଏକ ତରଫା ଭାବେ ନିର୍ବାଚନ ଜିତିବେ ବୋଲି ଭାବି ନେଇଥିଲେ। ବିଧାୟକରୁ ଉପ ବାଚସ୍ପତି ହେବା ପରେ ନିର୍ବାଚନ ଜିତିବା ଆହୁରି ସହଜ ହେବା ତାଙ୍କୁ ଲାଗିଥିଲା। କିନ୍ତୁ ତାଙ୍କୁ ଭିତରେ ଦଳୀୟ ବିରୋଧ ହେଉଥିଲା । ଅନେକ ସମୟରେ କର୍ମୀମାନେ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ପଦବୀ ମୋହର ଘୋର ଆତ୍ମବିଶ୍ୱାସ ତାଙ୍କୁ ପରାଜୟ ପଥକୁ ଟାଣି ନେଲା । ଲୋକେ ବିକଳ୍ପ ଭାବେ କଂଗ୍ରେସ ଏବଂ ଭାଜପା ପ୍ରତି ଆକୃଷ୍ଟ ହେଲେ । ଶେଷରେ ଉପ ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀକୁ କଂଗ୍ରେସ ଅକ୍ତିଆର କରିନେଲା। ଦୁଇ ନମ୍ବରରେ ଭାଜପା ରହିଲା ବେଳେ ଉପ ବାଚସ୍ପତି ୩ ନମ୍ବରକୁ ଖସି ଗଲେ। ଏଥିରୁ ଜଣାପଡୁଛି ତାଙ୍କର ନିର୍ବାଚନ ମଣ୍ଡଳୀରେ କେତେ ଲୋକ ପ୍ରିୟତା ରହିଥିଲା।

କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଦେଶ ବିଦେଶରେ ବେଶ୍ ଖ୍ୟାତି ରହିଛି । ୨୦୧୯ ନିର୍ବାଚନରେ ସେ କନ୍ଧମାଳରେ ପ୍ରଥମ କରି ଏମ୍‌ପି ପ୍ରାର୍ଥି ଭାବେ ବିଜେଡି ପକ୍ଷରୁ ନିର୍ବାଚନ ଲଢ଼ିଥିଲେ । ବିଜେଡିର ଲୋକ ପ୍ରିୟତା, ନିଜ ଅନୁଷ୍ଠାନରେ ଆଦିବାସୀ ପିଲାମାନଙ୍କୁ ପାଠ ପଢ଼ାଇବା ଆଦିକୁ ପାଥେୟ କରି, ମୋଦୀ ଲହର ସତ୍ତ୍ୱେ ଲକ୍ଷାଧିକ ଭୋଟରେ ଭାଜପାକୁ ପଛରେ ପକାଇ ନିର୍ବାଚନ ଜିତିଥିଲେ। ନିର୍ବାଚନ ଜିତିବା ପରେ ଅନେକ କିଛି କାମ କରିଛନ୍ତି। କିନ୍ତୁ ନିର୍ବାଚିତ ହେବା ପରେ ସେ ଜନସାଧାରଣ ସହ ମିଶି ପାରି ନ ଥିଲେ। ଏଥର ନିର୍ବାଚନରେ ପୁଣି ଏମ୍‌ପି ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବା ପରେ ଜନସାଧାରଣ ସହଜରେ ତାଙ୍କୁ ଗ୍ରହଣ କରି ପାରି ନ ଥିଲେ। ଯିଏ ଆମ ସହ ମିଶୁ ନାହିଁ, ତାକୁ ଆମେ କାହିଁ ଭୋଟ ଦେବୁ ବୋଲି ଗୋଟେ ହାୱା ଆରମ୍ଭ ହେଲା । କିନ୍ତୁ ମୋଦି ଏଠାକୁ ଆସି ପ୍ରଚାର କରିବା ପରେ ଲୋକଙ୍କ ମଧ୍ୟରେ ମୋଦୀ ଲହର ଆରମ୍ଭ ହୋଇଥିଲା । ଫଳରେ ଆଶା କରି ନ ଥିବା କି ନିର୍ବାଚନ ମଇଦାନରେ ଦେଖିବାକୁ ମିଳି ନ ଥିବା ଭାଜପା ପ୍ରାର୍ଥି ବାଜି ମାରି ନେଲେ ।

ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ସବୁଥର ପରି ଏଥର ପୁଣି ଜଣେ ନୁଆ ମୁହଁକୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଯାଇଥିଲା । ପୂର୍ବତନ ମନ୍ତ୍ରୀଙ୍କ ଗଡ କୁହା ଯାଉଥିବା ଫିରିଙ୍ଗିଆ ଅଞ୍ଚଳର ଜୟଶ୍ରୀ କହଁରଙ୍କୁ ଦଳ ପ୍ରାର୍ଥୀ କରିଥିଲା। ପଦ୍ମନାଭଙ୍କ ଇସାରାରେ ସବୁ ହେବାକୁ ଅନ୍ୟ ନେତାମାନେ ସହଜରେ ଗ୍ରହଣ କରି ପାରିଲେ ନାହିଁ। ଫୁଲବାଣୀ, ଚକାପାଦ ଏବଂ ଖଜୁରିପଡାରୁ କେହି ପ୍ରାର୍ଥୀ ହେଉ ନ ଥିବାରୁ ଦଳୀୟ ଅସନ୍ତୋଷ ବଢ଼ିବାରେ ଲାଗିଲା। ଚଳିତ ନିର୍ବାଚନରେ ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ତାଙ୍କ ଭଉଣୀ ତଥା ଖଜୁରିପଡା ବ୍ଲକ ଅଧ୍ୟକ୍ଷ ଅନୀମାଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁ ଥିଲେ। ହେଲେ ଦଳ ଏକଥାକୁ ଗୁରୁତ୍ୱ ଦେଲା ନାହିଁ। ବାଧ୍ୟ ହୋଇ ଦେବେନ୍ଦ୍ର ବିଜେଡିରୁ ଇସ୍ତଫା ଦେଇ ସମାଜବାଦୀ ପାର୍ଟିରୁ ନିର୍ବାଚନ ମଇଦାନକୁ ଓହ୍ଲାଇଲେ । ତାଙ୍କର ମୂଳ ଲକ୍ଷ୍ୟ ହିଁ ଥିଲା ବିଜେଡିକୁ ଏଠାରୁ ପରାସ୍ତ କରିବା। ବିଜେଡି ଭୋଟର ଗଡ କୁହାଯାଉଥିବା ଫିରିଙ୍ଗିଆକୁ ଭାଙ୍ଗିବାରେ ସମର୍ଥ ହେଲେ। ଏଥିସହ ଆଉ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ବି ବିଜେଡି ବିରୋଧରେ ଥିଲେ। ଅଧିକ ଭୋଟ ପାଉଥିବା ବିଜେଡି ଫିରିଙ୍ଗିଆରେ ଏଥର ଅଳ୍ପ ଭୋଟରେ ଲିଡ କଲା । ଦେବେନ୍ଦ୍ରଙ୍କ ଚକ୍ରବ୍ୟୂହରେ ବିଜେଡି ଧରାଶୟୀ ହେଲା।







ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ : ଆସିକା

ବୁଗୁଡ଼ା

ଛତ୍ରପୁର







ଗୁରୁମା'ଙ୍କ ଶୁଭ ମନାସିଲେ କିନ୍ନର : ପାରଳାଖେମୁଣ୍ଡି

ବ୍ରହ୍ମପୁର

ଖଲ୍ଲିକୋଟ

# ଅନୀତା ଗଞ୍ଜାମ ଜିଲାରୁ ୪ର୍ଥ ମହିଳା ଏମ୍‌ପି

ବ୍ରହ୍ମପୁର,୬।୬(ନରସିଂହ ସାହୁ)

ଦେଶ ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୨୪ ଏହି ୭୩ ବର୍ଷ ମଧ୍ୟରେ ୧୮ ସାଧାରଣ ନିର୍ବାଚନ ହୋଇଛି । ଚଳିତ ନିର୍ବାଚନରେ ଗଞ୍ଜାମ ଜିଲା ଆସିକା ଲୋକ ସଭା କ୍ଷେତ୍ର ପାଇଁ ଭାଜପାରୁ ଅନିତା ଶୁଭଦର୍ଶିନୀ ଏମ୍‌ପି ନିର୍ବାଚିତ ହୋଇଛନ୍ତି। ଫଳରେ ଏ ପର୍ଯ୍ୟନ୍ତ ହୋଇଥିବା ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲାରୁ ଅନୀତାଙ୍କୁ ମିଶାଇ ୪ ମହିଳା ଲୋକ ସଭାକୁ ଯାଇପାରିଛନ୍ତି।

ତଥ୍ୟ ଅନୁଯାୟୀ, ୧୯୯୮ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ କଂଗ୍ରେସରୁ ଲଢ଼ି ଜୟନ୍ତୀ ପଟ୍ଟନାୟକ ଗଞ୍ଜାମ ଜିଲାରୁ ପ୍ରଥମ ମହିଳା ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୯ ନିର୍ବାଚନରେ ଆସିକା ଲୋକ ସଭା ଆସନରୁ ନବୀନ ପଟ୍ଟନାୟକ ବିଜେଡିରୁ ଜିତିଥିଲେ। ୨୦୦୦ ମସିହାରେ ନବୀନ ହିଞ୍ଜିଳି ବିଧାନସଭା ଆସନରୁ ଜିତି ମୁଖ୍ୟମନ୍ତ୍ରୀ ହେବାରୁ ଲୋକ ସଭାରୁ ଇସ୍ତଫା ଦେଇଥିଲେ। ସେ ସମୟରେ ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ କୁମୁଦିନୀ ପଟ୍ଟନାୟକ ଏମ୍‌ପି ହେବାର ସୁଯୋଗ ପାଇଥିଲେ।

୨୦୧୯ ନିର୍ବାଚନରେ ଆସିକା ଲୋକ ସଭା ଆସନରୁ ବିଜେଡିରୁ ନିର୍ବାଚିତ ହୋଇଥିଲେ ପ୍ରମିଳା ବିଶୋୟୀ। ସେ ଚର୍ଚ୍ଚିତ ଚେହେରା ପାଲଟିଥିଲେ। ୨୦୨୪ ନିର୍ବାଚନରେ ଭାଜପାରୁ ଏମ୍‌ପି ହୋଇଛନ୍ତି ଅନୀତା। ସେ ହେଉଛନ୍ତି ପୂର୍ବତନ ଏମ୍‌ପି କୁମୁଦିନୀ ପଟ୍ଟନାୟକଙ୍କ ଝିଅ। ଦୁଇ ଦଶନ୍ଧି ବ୍ୟବଧାନରେ ମା'ଙ୍କ ପରେ ଝିଅ ଲୋକ ସଭାକୁ ଯିବାର ସୁଯୋଗ ପାଇଛନ୍ତି। ସେହିପରି ଚଳିତ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ଭାଜପାରୁ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଜିତିଛନ୍ତି। ୧୯୯୯ ନିର୍ବାଚନରେ ଏହି ଆସନରୁ ବିଜେଡି ଓ ଭାଜପା ମେଣ୍ଟ ରାଜନୀତି ପରିପ୍ରେକ୍ଷୀରେ ଭାଜପାରୁ ଏମ୍‌ପି ହୋଇଥିଲେ ଅନାଦି ସାହୁ। ଫଳରେ ୧୮ଟି ଲୋକସଭା ନିର୍ବାଚନରେ ବ୍ରହ୍ମପୁରରୁ ଦୁଇ ଜଣ ହୋଇଛନ୍ତି ଭାଜପା ଏମ୍‌ପି।

ଅନ୍ୟପକ୍ଷରେ ଜିଲାର ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ବିଧାନସଭା ଆସନରୁ ପ୍ରଥମ କରି ଭାଜପା ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି କେ. ଅନୀଲ କୁମାର। ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ଚଳିତ ବର୍ଷର ନିର୍ବାଚନ ରୋଚକ ହୋଇଥିଲା। ମୋଦୀ ଲହର ଯୋଗୁ ଗଞ୍ଜାମରେ ବିଜେଡି ଧୂଳିସାତ୍ ହୋଇଗଲା। ଫଳରେ ଭାଜପା ପ୍ରାର୍ଥୀ ଅନିଲ କୁମାର ୧୮,୬୩୫ ଭୋଟ ବ୍ୟବଧାନରେ ବିଜେଡିର ଚ୍ୟାଉ ପଟ୍ଟନାୟକଙ୍କୁ ପରାସ୍ତ କରି ରେକର୍ଡ ସୃଷ୍ଟି କରିଛନ୍ତି। ଚ୍ୟାଉବାବୁ ୧୯୯୫ ବିଧାନସଭା ନିର୍ବାଚନରେ ବ୍ରହ୍ମପୁରରୁ ଜନତା ଦଳ ବିଧାୟକ ହୋଇଥିଲେ। ପରବର୍ତ୍ତୀ ୨୦୦୦ ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ ଲଗାତର ଭାବେ ବିଜେଡିରୁ ଜିତିଥିଲେ। ୨୦୧୯ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା ଏବଂ ରାଜନୈତିକ ଥଇଥାନ ବ୍ୟବସ୍ଥାରେ ବିଭିନ୍ନ ପଦ ସହ କ୍ୟାବିନେଟ ର୍‍ୟାଙ୍କ ମିଳିଥିଲା।

# ମହିଳା, ପୁରୁଷ ହ୍ୟାଣ୍ଡବଲ ଦଳର କେନ୍ଦୁଝର ଯାତ୍ରା



ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ମହିଳା ଦଳ।

ବ୍ରହ୍ମପୁର,୬।୬(ଅଶୋକ କୁମାର ସାହୁ): କେନ୍ଦୁଝରଠାରେ ଶୁକ୍ରବାରଠାରୁ ୯ ତାରିଖ ପର୍ଯ୍ୟନ୍ତ ଆନ୍ତଃଜିଲା ହ୍ୟାଣ୍ଡବଲ ପ୍ରତିଯୋଗିତା ଚାଲିବ। ଏଥିରେ ଭାଗନେବାକୁ ଗଞ୍ଜାମ ଜିଲାର ବରିଷ୍ଠ ମହିଳା ଓ ପୁରୁଷ ଦଳ ଗୁରୁବାର କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି। ମୋଟ ୩୨ ଖେଳାଳି କେନ୍ଦୁଝର ଯାଇଛନ୍ତି। ଖଲ୍ଲିକୋଟ କଲେଜ ଖେଳପଡିଆରେ ଏମାନେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କଠାରୁ ତାଲିମ ନେଉଥିଲେ। ବିଗତ ବର୍ଷ ଜଗତସିଂହପୁରଠାରେ ଅନୁଷ୍ଠିତ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ମହିଳା ଦଳ ରନର୍ସଅପ ହୋଇଥିଲା। ଚଳିତବର୍ଷ ଉଭୟ ଦଳ ଭଲ ପ୍ରଦର୍ଶନ କରିବେ ବୋଲି ଜିଲା ହ୍ୟାଣ୍ଡବଲ ସଂଗଠନର ସଭାପତି ବିକ୍ରମ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି। ଖେଳାଳୀମାନଙ୍କ ସହ ମ୍ୟାନେଜର ଦେବପ୍ରିୟ ମହାପାତ୍ର, ଦୀପକ ମହାନ୍ତି, କୋଚ ଅଜିତ କୁମାର ପ୍ରଧାନ ଓ ପ୍ରମୋଦ କୁମାର ପଟ୍ଟନାୟକ, ଅଫିସିଆଲ ଭାବେ ସନ୍ଦୀପ କୁମାର ପାତ୍ର କେନ୍ଦୁଝର ଯାତ୍ରା କରିଛନ୍ତି ।

# ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ପିଟିଲେ ଘରୋଇ ବସ୍ ମାଲିକ

ଫୁଲବାଣୀ, ୬।୬(ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଫୁଲବାଣୀ ବସ୍ ଷ୍ଟାଣ୍ଡରେ ଗୁରୁବାର ଏକ ଘରୋଇ ବସ୍ ମାଲିକ ଏବଂ ତାଙ୍କ ଷ୍ଟାଫ ମିଶି ଲକ୍ଷ୍ମୀ ବସ୍‌ର ଡ୍ରାଇଭରଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏଥିସହ ଅନ୍ୟ ଷ୍ଟାଫଙ୍କୁ ଗାଳି ଗୁଲଜ କରିବା ସହ ସେମାନଙ୍କୁ ରୁଟ୍ ପରିମିଟ ମାଗିଛନ୍ତି । ମାଡ ଖାଇଥିବା ବସ୍ ଡ୍ରାଇଭର ଅନିଲ ଉଠାଣସିଂ ଏ ନେଇ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ବସ୍ ମାଲିକ ଏବଂ କର୍ମଚାରୀଙ୍କୁ ରୁଟ ପରିମିଟ ମାଗିବାକୁ କିଏ କ୍ଷମତା ଦେଲା ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ସବୁଦିନ ପରି କୋଟଗଡ-ଫୁଲବାଣୀ ଏସି ଲକ୍ଷ୍ମୀ ବସ୍(ଓଡି ୧୨ ଏଫ ୪୬୩୯) ଆସି ନିର୍ଦ୍ଧାରିତ ସମୟରେ ଫୁଲବାଣୀରେ ପହଞ୍ଚିଥିଲା। ଅପରାହ୍ନ ୩ଟା ବେଳେ ଫୁଲବାଣୀରୁ-କୋଟଗଡ ଅଭିମୂଖେ ଗାଡି ବାହାରିଥିଲା। ଏହି ସମୟରେ ଏକ ଘରୋଇ ବସ୍‌ର ମାଲିକ ଏବଂ ତାଙ୍କ ଷ୍ଟାଫମାନେ ଆସି ଗାଡି ଅଟକାଇବା ସହ ପରିମିଟ ମାଗିଥିଲେ। ଏଥିସହ ଗାଳି ଗୁଲଜ ମଧ୍ୟ କରି ଲକ୍ଷ୍ମୀବସ୍ ଚାଳକ ଅନିଲ ଉଠାଣ ସିଂଙ୍କ ବେକକୁ ଧରି ଠେଲା ପେଲା କରିଥିଲେ। ଏହାପରେ ଆହୁରି ୪ଟି ଲକ୍ଷ୍ମୀ ବସ୍‌କୁ ଅଟକାଇ ଷ୍ଟାଫଙ୍କୁ ମଧ୍ୟ ଧମକ ଚମକ ଦେଇଛନ୍ତି ବୋଲି ଅନୀଲ ଏତଲାରେ ଦର୍ଶାଇଛନ୍ତି । ଘଟଣା ନେଇ ଫୁଲବାଣୀ ଏସ୍‌ଡିପିଓ ସୁପ୍ରଶନ୍ନ ମଲ୍ଲିକଙ୍କୁ ପଚାରିବାରୁ ଘଟଣାର ଆପୋଷ ସମାଧାନ ହୋଇଛି। ଗାଡି ନିଜ ରୁଟ୍‌ରେ ଯାଇଛି। ଏହାର ଅଧିକ ତଦନ୍ତ ହେବ ବୋଲି କହିଛନ୍ତି। ରାଜ୍ୟରେ ବିଜେଡି ସରକାର ଗଲା ପରେ ବସ ମାଲିକଙ୍କ ଏଭଳି ଆଚରଣକୁ ଯାତ୍ରୀମାନେ ନିନ୍ଦା କରିଛନ୍ତି।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ କଲେ ମହିଳା

### ଜେଲ୍‌ରେ ବ୍ରତ କଲେ ୭ ଅନ୍ତେବାସୀ

**କୋରାପୁଟ,୬।୬(ଅମିତାଭ ବେହେରା)**

ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏ ନେଇ କୋରାପୁଟ ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳର ମନ୍ଦିର ସବୁ ଚଳଚଞ୍ଚଳ ହୋଇପଡ଼ିଥିଲା। ମହିଳାମାନେ ସକାଳୁ ନିର୍ଜଳରେ ରହି କୋରାପୁଟ ଶାବର ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ମନ୍ଦିରରେ ରହି ପୂର୍ଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ସେହିପରି ସହରର ଘରେ ଘରେ ଶିଳ ଏବଂ ଶିଳପୁଆରେ ହଳଦି ମାରି ଲକ୍ଷ୍ମୀନାରାୟଣ ମୂର୍ତି ସ୍ଥାପନ କରି ବିଭିନ୍ନ କିସମର ଫଳ, ନୂତନ ଶାଢି, କଳା ମାଳି, ନାଲି ଚୁଡି ରଖି ମହିଳାମାନେ ପୂଜା କରିଥିଲେ। ସେହିପରି ଜିଲା ମଣ୍ଡଳ କାରାଗାରରେ ଲଲାଟେନ୍ଦୁ ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଜେଲରେ ଥିବା ୭ଜଣ ଅନ୍ତେବାସୀ ସାବିତ୍ରୀ ପୂଜା କରିଥିଲେ। ସେମାନେ ସ୍ୱାମୀଙ୍କ ପାଇଁ ଜେଲ ପରିସରରେ ଥିବା ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଜେଲ କର୍ତ୍ତୃପକ୍ଷ ସେମାନଙ୍କ ପାଇଁ ଶାଢ଼ି ଓ ପୂଜା ସାମାଗ୍ରୀ ପ୍ରଦାନ କରିଛନ୍ତି।

# ନିଟ୍ ପରୀକ୍ଷାରେ ଆର୍ଯ୍ୟଭଟ୍ଟର ସଫଳତା





ଅନୁଷ୍ଠାନ ମୁଖ୍ୟ ଓ ଅନ୍ୟମାନଙ୍କ ଗହଣରେ ସଫଳ ହୋଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୬।୬(ଅଶୋକ କୁମାର ସାହୁ): ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍' ପରିକ୍ଷାରେ ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ଆର୍ଯ୍ୟଭଟ୍ଟ ଶିକ୍ଷା ଅନୁଷ୍ଠାନ ସଫଳତା ପାଇଛି। ନିଟ ପରୀକ୍ଷା ପାଇଁ ଉକ୍ତ ଅନୁଷ୍ଠାନରେ ୧୨୨ଜଣ ପ୍ରଶିକ୍ଷଣ ନେଉଥିଲେ। ସେମାନଙ୍କ ମଧ୍ୟରୁ ୨୪ଜଣ ୬୨୦ରୁ ଅଧିକ ନମ୍ବର ରଖିଛନ୍ତି। ସୌମ୍ୟସ୍ୱରାଜ ସାହୁ ସର୍ବାଧିକ ୬୯୦ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହା ବ୍ୟତୀତ ୫ଜଣ ସଂରକ୍ଷିତ ବର୍ଗରୁ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ଯୋଗ୍ୟତା ହାସଲ କରିଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀର ଯେଉଁ ଛାତ୍ରୀଛାତ୍ରମାନଙ୍କୁ ବିନାଦେୟରେ ଶିକ୍ଷା ଦିଆଯାଉଥିଲା ସେମାନଙ୍କ ମଧ୍ୟରୁ ୩ଜଣ ସଫଳ ହୋଇଛନ୍ତି। ଅଧିକାଂଶ କୃତୀ ବିଦ୍ୟାର୍ଥୀ ଗ୍ରାମାଞ୍ଚଳରୁ ଏଠାରେ ପ୍ରଶିକ୍ଷଣ ନେଉଥିଲେ ବୋଲି ଅନୁଷ୍ଠାନ ମୁଖ୍ୟ ସୁଧୀର ରାଉତ କହିଛନ୍ତି।

## ଘରେ, ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ

ବୁଗୁଡ଼ା,୬।୬(କାଳିଚରଣ ଦାଶ)/ ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ)

ପବିତ୍ର ଜ୍ୟେଷ୍ଠ ଅମବାସ୍ୟା ତିଥିରେ ଘରେ ଘରେ ଏବଂ ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରୁଥିବା ବେଳେ ବ୍ରତକାରିଣୀମାନେ ନିଜ ଘରେ ନତୁବା ସାମୁହିକ ଭାବେ ମନ୍ଦିରରେ ଲକ୍ଷ୍ମୀନାରାୟଣଙ୍କୁ ଭକ୍ତିପୂତ ଭାବରେ ପୂଜା କରିଥିଲେ। ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ କାଟି ଗଣପତି ଘଟ ସ୍ଥାପନା ସାଙ୍ଗକୁ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଯତ୍ନରେ ସଜାଇ ଲକ୍ଷ୍ମୀନାରାୟଣ ରୂପେ ସ୍ଥାପନ କରି ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ ପୂର୍ବକ ନୈସାବିତ୍ରୀ ବ୍ରତ ପାଳନ କରିଥିଲେ। ପାଚିଲା ଆମ୍ବ, ପଣସ, ସପୁରୀ, ତାଳସଜ, ନଡିଆ, କଦଳୀ ପ୍ରଭୃତି ନାନା ଜାତିର ପକ୍ୱ ଫଳ ଓ ଧୁଆ ମୁଗ ନୈବେଦ୍ୟ ରୂପେ ବଢାଯାଇ ପୁରୋହିତଙ୍କ ଦ୍ୱାରା ସାବିତ୍ରୀ ବ୍ରତ କଥା ଶ୍ରବଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବାଲିଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଜଗନ୍ନାଥ ମନ୍ଦିର, ଚଉଁରା ମୂଳରେ ଏବଂ ଠାକୁର ଘରେ ଚଳଚଞ୍ଚଳ ହୋଇ ପୂଜାର୍ଚ୍ଚନା କରି ବ୍ରତୋତ୍ସବ ସହ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ବାସ୍ତବରେ ଏ ପୂଜାର ଆରାଧ୍ୟା ଦେବୀ ହେଉଛନ୍ତି ମା' ସାବିତ୍ରୀ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମେଧାବୀ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବ୍ରହ୍ମପୁର,୬।୬(ସ୍ମୃତି ରଞ୍ଜନ ମହାଳିକ): ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବୁଧବାର ବିଦ୍ୟାଳୟ ପରିସରରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୧୦ମ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଚିକିଟି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାନାଥ ସାହୁ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ସହ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଆଦିତ୍ୟ କୁମାର ଚୌଧୁରୀ ବିଶ୍ୱବିଦ୍ୟାଳୟ ଦ୍ୱାରା କମ୍ପ୍ୟୁଟର ବିଜ୍ଞାନରେ ୨ ସ୍ୱର୍ଣ୍ଣ ପଦକ ଲାଭ କରି ଗୌରବ ଅର୍ଜନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରଦୀପ କୁମାର ଦାଶ, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ଉପଦେଷ୍ଟା ଭଗବାନ ଚୌଧୁରୀ, ଭାଗୀରଥି ସାହୁ, କୋଷାଧ୍ୟକ୍ଷ ଦଣ୍ଡପାଣି ସାହୁଙ୍କ ସମେତ ପରିଚାଳନା ସମିତିର ବହୁ ସଦସ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ

ପାରଳାଖେମୁଣ୍ଡି/ଖଲ୍ଲିକୋଟ, ୬।୬ (ଗିରିଧାରୀ ପରିଛା/ପ୍ରଶାନ୍ତ କୁମାର ମିଶ୍ର): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନିକଟସ୍ଥ ବନଦୁର୍ଗା ମନ୍ଦିରଠାରେ ଗୁରୁବାର କିନ୍ନରମାନେ ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ଦିନରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଏହି ବ୍ରତ ପାଳନ କରିଥାନ୍ତି। ହେଲେ କିନ୍ନରମାନେ ଏହି ବ୍ରତକୁ ନିଜ ଗୁରୁଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ପାଳନ କରିଥିବା କହିଛନ୍ତି କିନ୍ନର ମଧୁ ବରାଡ, ଶେଖ ଯସ୍ମୀନ ପ୍ରମୁଖ। ଏହି ବ୍ରତ ପାଳନରେ ପାରଳାଖେମୁଣ୍ଡି ଓ ଆଖପାଖର ବହୁ କିନ୍ନର ଯୋଗଦେଇଥିଲେ। ସାଧାରଣ ମହିଳାମାନଙ୍କ ପରି କିନ୍ନରମାନେ ମଧ୍ୟ ନୂତନ ପୋଷାକ ପରିଧାନ କରିବା ସହ ନିଜକୁ ସଜାଇ ଏକତ୍ରିତ ଭାବେ ଏହି ବ୍ରତକୁ ପାଳନ କରିଛନ୍ତି। କିନ୍ନରମାନେ ଆମ୍ବ, ପଣସ, ସପୁରୀ ଆଦି ବିଭିନ୍ନ ପ୍ରକାର ଫଳ, ଶାଢ଼ୀ, ଚୁଡି, ସିନ୍ଦୁର ଆଦି ସାଙ୍ଗରେ ନେଇ ବନଦୁର୍ଗା ମନ୍ଦିର ପରିସରରେ ପୂଜା କରିବା ସହ ଗୁରୁଙ୍କ ଉନ୍ନତି ଓ ଦୀର୍ଘାୟୁ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ଗୁରୁଙ୍କ ପାଦ ଛୁଇଁ ପାଦୁକା ପାନ କରିବା ପରେ ପ୍ରସାଦ ସେବନ କରିଥିଲେ। କିନ୍ନରମାନେ ନିଜ ନିଜ ଘର ଛାଡି ବାହାରକୁ ଚାଲି ଆସିଥିବାରୁ ନିଜ ଗୁରୁ ହିଁ ସେମାନଙ୍କ ପାଇଁ ବାପା, ମା, ସ୍ୱାମୀ ସବୁକିଛି ବୋଲି କହିଛନ୍ତି।

ସେହିପରିଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଭେଜିପୁଟରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପୂର୍ବାହ୍ନରେ ମା ବାହୁତୀ କିନ୍ନର ସଂଘ ସଭାନେତ୍ରୀ ରାଜେଶ୍ୱରୀ କିନ୍ନରଙ୍କ ସହ ସମସ୍ତ କିନ୍ନର ନୂଆ ଶାଢ଼ୀ, ନୂଆ ଚୁଡି ପିନ୍ଧି ମହିଳାଙ୍କ ପରି ସୁସଜ୍ଜିତ ହୋଇ ହାତରେ ପୂଜା ଥାଳି ଧରି ବୃନ୍ଦାବତିଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ସାବିତ୍ରୀ ବ୍ରତ ପାଳନ କରିଥିଲେ। ମହିଳାମାନେ ନିଜ ସ୍ୱାମୀଙ୍କ ଆୟୁଷ ବୃଦ୍ଧି ପାଇଁ ଏହି ବ୍ରତ ପାଳନ କରୁଥିବା ବେଳେ କିନ୍ନରମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି ବୋଲି ସଂଘର ସଭାନେତ୍ରୀ ରାଜେଶ୍ୱରୀ କିନ୍ନର କହିଛନ୍ତି। ମା' ବାହୁତୀ କିନ୍ନର ସଂଘର ସଦସ୍ୟା ଦିପାଲି କିନ୍ନର, ସୋନାଲି କିନ୍ନର, ମାନସୀ କିନ୍ନର, ନାଗିନ୍ କିନ୍ନର, ତୁଳସୀ କିନ୍ନର, ମିନାକ୍ଷୀ କିନ୍ନର, ମାନିନୀ କିନ୍ନରଙ୍କ ସହ ଅନ୍ୟାନ୍ୟ ସଦସ୍ୟାମାନେ ଏହି ବ୍ରତ ପାଳନ କରିଥିଲେ।

# ସିଂଦେଓ ପରିବାର ଜିତିଲେ, ମିଶ୍ର ହାରିଲେ

ବଲାଙ୍ଗୀର, ୬।୬
(ବୀରେନ୍ଦ୍ର କୁମାର ଝାଙ୍କର)

- ୫ମ ଥର ଲୋକ ସଭା ସାଂସଦ ଭାବେ ନିର୍ବାଚିତ ହେଲେ ସଙ୍ଗୀତା
- ଜିତିଲେ କନକ ବର୍ଦ୍ଧନ, କଳିକେଶ ନାରାୟଣ
- ସମରେନ୍ଦ୍ର ମିଶ୍ରଙ୍କୁ ପରାସ୍ତ କଲେ କଳିକେଶ


ସଙ୍ଗୀତା କୁମାରୀ ସିଂଦେଓ


କନକ ବର୍ଦ୍ଧନ ସିଂଦେଓ


କଳିକେଶ ନାରାୟଣ ସିଂଦେଓ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ରାଜନୀତିରେ ବଲାଙ୍ଗୀର ଜିଲ୍ଲା ଏକ ପ୍ରମୁଖ ରାଜନୈତିକ କେନ୍ଦ୍ର ଭାବେ ପରିଚିତ ହୋଇଆସିଛି। ଏହି ଜିଲାର ଦୁଇ ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ପରିବାର ଭାବେ ବଲାଙ୍ଗୀର ରାଜପରିବାର ବା ସିଂଦେଓ ଏବଂ ବଲାଙ୍ଗୀରର ମିଶ୍ର ପରିବାର ମଧ୍ୟରେ ରାଜନୈତିକ ଲଢ଼େଇ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଏହି ପରିବାରର ବିଭିନ୍ନ ସଦସ୍ୟଙ୍କ ସହ ପରସ୍ପର ଲଢ଼େଇ ଓ ପ୍ରତିଦ୍ୱନ୍ଦ୍ୱିତା ନିର୍ବାଚନ ରାଜନୀତିକୁ ଅନେକ ସମୟରେ ଉଷ୍ମ କରିଦେବା ସହ ପ୍ରାଦେଶିକ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଥାଏ। ସଦ୍ୟ ସମାପ୍ତ ନିର୍ବାଚନରେ ବଲାଙ୍ଗୀର ରାଜପରିବାର ପୁଣି ଥରେ କ୍ଷମତା କେନ୍ଦ୍ର ପାଲଟିଛି।

୨୦୧୪ ନିର୍ବାଚନରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓଙ୍କୁ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ ସିଂଦେଓ ପରିବାର ଓ ମିଶ୍ର ପରିବାର ମଧ୍ୟରେ ଲଢ଼େଇ ହୋଇଥିଲା। ବଲାଙ୍ଗୀର ବିଧାନସଭା ଆସନରେ ବରିଷ୍ଠ କଂଗ୍ରେସ ନେତା ନରସିଂହଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଅନଙ୍ଗଙ୍କ ସାନପୁଅ ଅର୍କେଶ ନାରାୟଣ ସିଂଦେଓ। ଏହି ନିର୍ବାଚନରେ ନରସିଂହ ବିଜୟୀ ହୋଇ ଲଗାତର ଦୁଇଥର ସଦର ଆସନ ଅକ୍ତିଆର କରିବାରେ ସଫଳ ହୋଇଥିଲେ। ସେପଟେ ୨୦୧୯ ଲୋକ ସଭା ନିର୍ବାଚନ ପାଇଁ ବଲାଙ୍ଗୀର ଆସନରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଅନଙ୍ଗଙ୍କ ବଡ଼ପୁଅ କଳିକେଶ ନାରାୟଣ ସିଂଦେଓ, ନରସିଂହଙ୍କ ସାନପୁଅ ସମରେନ୍ଦ୍ର ମିଶ୍ର ଓ କଳିକେଶଙ୍କ ଭାଉଜ ଭାଜପାର ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଏଥିରେ ସଙ୍ଗୀତା ଜିତିଥିଲେ। କଳିକେଶ ଏବଂ ସମରେନ୍ଦ୍ର ଉଭୟେ ପରାଜିତ ହୋଇଥିଲେ। ତେବେ ବଲାଙ୍ଗୀର ବିଧାନସଭା ସଦର ଆସନ ଏବଂ ଲୋକ ସଭା ଆସନରେ ପ୍ରାର୍ଥୀ ହୋଇଥିବା ଅନଙ୍ଗଙ୍କ ଦୁଇ ପୁଅ କଳିକେଶ ଓ ଅର୍କେଶ ଉଭୟେ ହାରି ଯିବାରୁ ଅନଙ୍ଗ ଉଦୟ ସିଂଦେଓଙ୍କ ପରିବାରକୁ ଝଟକା ଲାଗିଥିଲା। ୨୦୧୯ ଲୋକ ସଭା ନିର୍ବାଚନରେ ସମରେନ୍ଦ୍ର ହାରି ଯାଇଥିଲେ ମଧ୍ୟ ବାପା ନରସିଂହ ମିଶ୍ର ବଲାଙ୍ଗୀର ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ମିଶ୍ର ପରିବାରକୁ ଆଶ୍ୱସ୍ତି ମିଳିଥିଲା। ଠିକ୍ ସେହିପରି ୨୦୧୯ ନିର୍ବାଚନରେ ପାଟଣାଗଡ଼ ଆସନରୁ ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ପରାଜୟ ବରଣ କରିଥିଲେ ମଧ୍ୟ ଲୋକ ସଭା ଆସନରୁ ତାଙ୍କ ସ୍ତ୍ରୀ ସଙ୍ଗୀତା ବିଜୟୀ ହୋଇଥିବାରୁ ପାଟଣାଗଡ଼ ସିଂଦେଓ ପରିବାରକୁ ମଧ୍ୟ ଆଶ୍ୱସ୍ତି ମିଳିଥିଲା। ୨୦୦୯ ମସିହା ନିର୍ବାଚନରେ ଲୋକ ସଭା ଆସନରେ ଭାଜପା ନେତ୍ରୀ ସଙ୍ଗୀତା ଦେବୀ, ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ଏବଂ କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଇ ନିର୍ବାଚନରେ କଳିକେଶ ତାଙ୍କ ଭାଉଜ ସଙ୍ଗୀତା ଦେବୀ ଏବଂ ଭେଟେରାନ୍ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ପରାସ୍ତ କରି ଲୋକ ସଭା ସଦସ୍ୟ ହୋଇଥିଲେ। ଏସବୁ ଫଳାଫଳ ଦେଖିଲେ ସିଂଦେଓ ପରିବାର ଏବଂ ମିଶ୍ର ପରିବାର ସଦସ୍ୟଙ୍କ ଲଢ଼େଇ ଚର୍ଚ୍ଚାରେ ରହିଆସିଛି।

୨୦୨୪ ନିର୍ବାଚନ ଅନେକ ଦିଗରୁ ଉଭୟ ସିଂଦେଓ ଏବଂ ମିଶ୍ର ପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ନିର୍ବାଚନ ପୂର୍ବରୁ ନରସିଂହ ମିଶ୍ର ଏଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ। ତାଙ୍କ ସ୍ଥାନରେ ସଦର ଆସନରୁ ପୁଅ ସମରେନ୍ଦ୍ର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ କଳିକେଶଙ୍କଠାରୁ ୧୩,୪୦୯ ଖଣ୍ଡ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ଏଥର ପାଟଣାଗଡ଼ରୁ କନକ ବର୍ଦ୍ଧନ ସିଂଦେଓ ୧,୩୫୭ ଖଣ୍ଡ ଅଧିକ ଭୋଟ୍‌ରେ ବିଜେଡି ପ୍ରାର୍ଥୀ ସରୋଜ ମେହେରଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। କନକଙ୍କ ସ୍ତ୍ରୀ ସଙ୍ଗୀତା କୁମାରୀ ସିଂଦେଓ ପଞ୍ଚମ ଥର ଲୋକସଭା ସଦସ୍ୟା ନିର୍ବାଚିତ ହୋଇ ରେକର୍ଡ କରିଛନ୍ତି। ସେ ୧,୩୨,୬୬୪ ଖଣ୍ଡ ଅଧିକ ଭୋଟ୍‌ରେ ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ପରାସ୍ତ କରିଛନ୍ତି। ଏବେ ତିନିଜଣ ସଦସ୍ୟ ନିର୍ବାଚନ ଜିତିଥିବାରୁ ସିଂଦେଓ ପରିବାର ଅଧିକ କ୍ଷମତାଶାଳୀ ହୋଇଛି ବୋଲି ଆଲୋଚନା ହେଉଛି।

# ଅଧିକ ଆତ୍ମବିଶ୍ୱାସ ନାଉରୀଙ୍କୁ ହରାଇଦେଲା

ସମ୍ବଲପୁର,୬।୬
(ଭବାନୀ ଶଙ୍କର ଭୋଇ)


ନାଉରୀ ନାୟକ

୨୦୨୪ ନିର୍ବାଚନ ପୂର୍ବରୁ ସମ୍ବଲପୁର ଜିଲାର ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ନିଶ୍ଚିତ ବୋଲି ଅନେକ ରାଜନୈତିକ ସମୀକ୍ଷକ ମତ ଦେଉଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ହେବ ଓ ଚଳିତ ନିର୍ବାଚନରେ ରେଙ୍ଗାଲିରୁ ସେ ପୁନଃ ବିଧାୟକଭାବେ ନିର୍ବାଚିତ ହେବେ ବୋଲି ନାଉରୀ ନାୟକ ଦୃଢ଼ ବିଶ୍ୱାସ ରଖିଥିଲେ। ଗତ ୫ବର୍ଷରେ ସେ ରେଙ୍ଗାଲିରେ କରିଥିବା କାମ ସହିତ ସମ୍ବଲପୁର ଲୋକ ସଭା କ୍ଷେତ୍ରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏହା ତାଙ୍କ ବିଜୟ ପାଇଁ ବେଶ୍ ସହାୟକ ହେବ ବୋଲି ସେ ଆଶାବାଦୀ ଥିଲେ। ବାସ୍ତବରେ ବିଜୟଠାରୁ ମାତ୍ର ୩୩୫ଶହ ଭୋଟରେ ସେ ପଛରେ ପଡ଼ିଯାଇଥିଲେ। ବିଜେଡିରୁ ନବାଗତ ସୁଦର୍ଶନ ହରିପାଲ ପ୍ରବୀଣ ନାଉରୀଙ୍କୁ ପରାସ୍ତ କରି ଦେଇଛନ୍ତି। ନାଉରୀଙ୍କ ରାଜନୈତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ସେ ବିଜୟୀ ହୋଇଥିଲେ ଭାଜପା ସରକାରରେ ମନ୍ତ୍ରୀ ହେବେ ବୋଲି ତାଙ୍କ ସମର୍ଥକ ନିଶ୍ଚିତ ରହିଥିଲେ। ମାତ୍ର ନିର୍ବାଚନ ଫଳାଫଳ ନାଉରୀଙ୍କଠାରୁ ଆରମ୍ଭ କରି ତାଙ୍କ ସମର୍ଥକମାନଙ୍କୁ ଚକିତ କରିଦେଇଛି।

ମତଗଣନା ପରେ ପରାଜୟର ସମୀକ୍ଷା କରାଯାଉଛି। ନାଉରୀ ଓ ତାଙ୍କ ସମର୍ଥକଙ୍କ ବିଜୟ ନେଇ ଅତ୍ୟଧିକ ଆତ୍ମବିଶ୍ୱାସ ପରାଜୟର ସବୁଠାରୁ ବଡ଼ କାରଣ ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନମଣ୍ଡଳୀ ଅଞ୍ଚଳରେ ନିର୍ବାଚନ ପରିଚାଳନା ପାଇଁ ଯେଉଁମାନେ ଦାୟିତ୍ୱ ନେଇଥିଲେ ସେମାନଙ୍କର ସାଙ୍ଗଠନିକ ଦକ୍ଷତା ଓ ଲୋକପ୍ରିୟତାର ଅଭାବକୁ ଅନ୍ୟତମ କାରଣଭାବେ ଦର୍ଶାଯାଉଛି। ମାନେଶ୍ୱର ବ୍ଲକକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ନାଉରୀଙ୍କ ନିର୍ବାଚନ ପରିଚାଳନା ଅତ୍ୟନ୍ତ ଦୁର୍ବଳ ରହିଥିବା ପ୍ରଚାର କାଳରେ ଅନୁଭୂତ ହୋଇଥିଲା। ୨୦୧୯ ନିର୍ବାଚନରେ ଯେଉଁମାନେ ନାଉରୀଙ୍କ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେମାନେ ଅବହେଳା ଅଭିଯୋଗ କରି ଚୁପ୍ ରହିବା କିମ୍ବା ଦଳ ଛାଡ଼ିବା ପାଇଁ ରାସ୍ତା ତିଆରି କରିଥିଲେ। ଏଥିସହିତ ନାଉରୀଙ୍କ କେତେଜଣ ପୁରୁଣା ସହଯୋଗୀ ତାଙ୍କୁ ହରାଇବା ପାଇଁ ବିଜେଡି ପାଇଁ କାମ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡିରୁ ସୁଦର୍ଶନ ହରିପାଲ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ପଛରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏବଂ ତାଙ୍କ ଭାଇ ବିଶାଳ ଦାସ ରହି ନିର୍ବାଚନ ପରିଚାଳନା କରୁଥିଲେ ବୋଲି କୁହାଯାଉଛି।

# ଯୋଗେଶ, କୁସୁମଙ୍କ ଯୋଗରେ କେବଳ ବିରୋଧୀ ଦଳ ଆସନ

ସୁନ୍ଦରଗଡ,୬।୬
(ଜୟ ନାରାୟଣ ମେଣ୍ଟୁଲି)

ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇସାରିଛି। ସବୁବେଳେ ସୁନ୍ଦରଗଡର ଫଳାଫଳ ଅଲଗା ହୋଇଆସିଛି। ହେଲେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୁନ୍ଦରଗଡ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଯୋଗେଶ କୁମାର ସିଂହ ଭାଜପା ପ୍ରାର୍ଥୀନୀ କୁସୁମ ଟେଟେଙ୍କୁ ହରାଇ ବିଜୟୀ ହୋଇଛନ୍ତି। ପୂର୍ବରୁ ୨୦୦୯ ଏବଂ ୨୦୧୪ରେ ସେ କଂଗ୍ରେସ ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇ ବିରୋଧୀ ଦଳ ଆସନରେ ବସିଥିଲେ। କାରଣ ସେତେବେଳେ ବିଜେଡି କ୍ଷମତାରେ ଥିଲା। ୨୦୧୯ ନିର୍ବାଚନରେ ଯୋଗେଶ କଂଗ୍ରେସ ଛାଡି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ସେତେବେଳେ ଭାଜପା ପ୍ରାର୍ଥୀନୀ କୁସୁମ ଟେଟେ ବିଜେଡିର ପ୍ରାର୍ଥୀ ଯୋଗେଶଙ୍କୁ ପରାଜିତ କରି ବିଧାୟିକା ହୋଇଥିଲେ। ହେଲେ ସେତେବେଳେ କୁସୁମଙ୍କୁ ମଧ୍ୟ ବିରୋଧୀ ଦଳ ଆସନରେ ବସିବାକୁ ପଡିଥିଲା। ଏଥର ରାଜ୍ୟରେ ଭାଜପା କ୍ଷମତାକୁ ଆସିଥିବା ବେଳେ କୁସୁମ ପରାଜିତ ହୋଇଛନ୍ତି। ଏଭଳି ସ୍ଥିତିରେ ଯୋଗେଶଙ୍କ ବିଜୟ ହୋଇଥିଲେ ମଧ୍ୟ ଏଥର ମଧ୍ୟ ତାଙ୍କୁ ବିରୋଧୀ ଦଳ ଆସନରେ ବସିବାକୁ ପଡିବ। ରାଜ୍ୟରେ ଭାଜପା କ୍ଷମତା ହାସଲ କରିଥିବା ବେଳେ ସୁନ୍ଦରଗଡରେ ଭାଜପା କର୍ମୀଙ୍କ ମଧ୍ୟରେ ଉଲ୍ଲାସ ନାହିଁ। ସେହିଭଳି ଯୋଗେଶଙ୍କ ବିଜୟୀ ହୋଇଥିବା ସତ୍ତ୍ୱେ ରାଜ୍ୟରେ ବିଜୁ ଜନତା ଦଳର ଦୁର୍ଗତି ନେଇ କର୍ମୀଙ୍କ ମହଲରେ ଉଲ୍ଲାସ ନାହିଁ।

# ଓଡ଼ିଶାକୁ ଜମି, ଖଣି, ପାଣି ଲୁଟେରା ସରକାର ଆସୁଛି: ଅଜୟ କୁମାର


କଂଗ୍ରେସ ଭବନଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ପ୍ରଭାରୀ ଅଜୟ କୁମାର ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ଜନସାଧାରଣଙ୍କ ବିଶ୍ୱାସ ଓ ଭଲପାଇବା କଂଗ୍ରେସ ପ୍ରତି ବୃଦ୍ଧି ପାଇଛି। ସାରା ଦେଶରେ ମଧ୍ୟ ଜନସାଧାରଣ ଯେଭଳି କଂଗ୍ରେସକୁ ସମର୍ଥନ ଜଣାଇଲେ ଓ ନରେନ୍ଦ୍ର ମୋଦିଙ୍କ ସରକାରକୁ ଜବାବ ଦେଲେ ସେଥିପାଇଁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ। ତେବେ ଏହି ନିର୍ବାଚନର ଫଳାଫଳ ରାଜ୍ୟବାସୀଙ୍କ ପାଇଁ ଏକ ସତର୍କଘଣ୍ଟି। ସମସ୍ତଙ୍କ ପାଇଁ ଏହା ଏକ ବିରାଟ ଚେତାବନୀ ମଧ୍ୟ। କାରଣ ଓଡ଼ିଶାକୁ ଜଙ୍ଗଲ, ଜମି, ଖଣି ଓ ପାଣି ଲୁଟେରା ସରକାର ଆସୁଛି। ପୂର୍ବରୁ ଭାଜପା ସରକାର ଛତିଶଗଡ଼, ଗୁଜରାଟ ଓ ମଧ୍ୟପ୍ରଦେଶରେ ଜଙ୍ଗଲ, ଜମି ଲୁଟି ସଫା କରିଦେଇଛି। ଏବେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଭଳି ଜିଲାର ଆଦିବାସୀ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି, ଘରଦ୍ୱାର ଉପରେ ଏହି ସରକାରର ଲୋଲୁପଦୃଷ୍ଟି ପଡ଼ିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ମୋଦି ଲୁଟିନେବାକୁ ଯୋଜନା କରିଥିବା କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି, କଂଗ୍ରେସ ଏହା କରାଇଦେବନାହିଁ। କଂଗ୍ରେସର ୧୪ ବିଧାୟକ ୧୪୦ ଜଣ ବିଧାୟକଙ୍କ ସହ ସମାନ। ସେମାନେ ବିଧାନସଭା ଭିତରେ ଓ ବାହାରେ ରାଜ୍ୟବାସୀଙ୍କ ସ୍ୱାର୍ଥ, ସେମାନଙ୍କ ଜଙ୍ଗଲ ଜମିର ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ତେଣୁ ଆମେ ରାଜ୍ୟବାସୀଙ୍କ ହାତ ଛାଡ଼ିବୁ ନାହିଁ। ଓଡ଼ିଶାବାସୀ ମଧ୍ୟ ଆମ ହାତ ଛାଡ଼ନ୍ତୁ ନାହିଁ। ମିଛ, ଘୃଣା ଓ ଅହଂକାରର ରାଜନୀତି କରୁଥିବା ମୋଦି ସରକାରଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ଉପଯୁକ୍ତ ଜବାବ ଦେଇଛନ୍ତି। ଦେଶରେ ଏନ୍‌ଡିଏ ସରକାର ଗଢ଼ିବାକୁ ଯାଉଥିଲେ ମଧ୍ୟ ସହଯୋଗୀ ଦଳଗୁଡ଼ିକ କେତେଦୂର ମୋଦିଙ୍କ ସହ ରହିବେ ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ଟିଡିପି ଓ ଜେଡିୟୁ ଭଳି ଦଳ ସେମାନଙ୍କ ବିଭିନ୍ନ ପ୍ରକାର ଦାବି ରଖୁଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ରାଜ୍ୟବାସୀଙ୍କୁ ସତର୍କ ରହିବାକୁ ପଡ଼ିବ। କାରଣ ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ସହ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିବ। ଏବେଠାରୁ ହଠାତ୍ ଓଡ଼ିଶାକୁ ସୁଟ୍ ବୁଟ୍ ପିନ୍ଧୁଥିବା ଲୋକଙ୍କ ସୁଅ ଛୁଟିଲାଣି। ସେମାନେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଲୁଟିନେବାକୁ ଉଦ୍ୟମ କରିବେ। ତେବେ କଂଗ୍ରେସ ସେମାନଙ୍କୁ ମୁକାବିଲା କରିବ। ଆସନ୍ତା ୫ ବର୍ଷ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସର ଲଢ଼େଇ ଆହୁରି ଜୋର୍‌ଦାର ହେବ। ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ନେତାଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେବ। ତେବେ ଯେଉଁମାନେ ଦଳ ପାଇଁ କିଛି କାର୍ଯ୍ୟ କରିନାହାନ୍ତି କିମ୍ବା ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଜୟ କୁମାର କହିଛନ୍ତି। ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ଚଳିତ ନିର୍ବାଚନରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଜଣାଇବା ସହ କଂଗ୍ରେସ ପ୍ରତି ସେମାନଙ୍କ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦଳର ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

# ବିଧାନସଭାରେ ଗଞ୍ଜାମରୁ ମହିଳା ପ୍ରତିନିଧି ଶୂନ

ଛତ୍ରପୁର,୬।୬(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୨୪ରେ ଉକ୍ତ ୧୩ ବିଧାନସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଗଞ୍ଜାମ ଜିଲାରେ ଜଣେ ମଧ୍ୟ ମହିଳା ପ୍ରାର୍ଥୀ ବିଜୟୀ ହୋଇପାରିନାହାନ୍ତି। ଫଳରେ ଏଥର ବିଧାନସଭାରେ ଗଞ୍ଜାମ ଜିଲାରୁ ମହିଳା ପ୍ରତିନିଧି ଶୂନ ହୋଇଯାଇଛି। ଗତ ୨୦୧୯ ନିର୍ବାଚନରେ ଗଞ୍ଜାମ ଜିଲାରୁ ୪ ଜଣ ମହିଳା ବିଜୟୀ ହୋଇ ବିଧାୟିକା ହୋଇ ବିଧାନସଭାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଖଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଆସିକାରୁ ମଞ୍ଜୁଳା ସ୍ୱାଇଁ ଓ ଚିକିଟିରୁ ଉଷା ଦେବୀ। ଏମାନେ ସମସ୍ତେ ବିଜେଡିରୁ ଟିକେଟ ପାଇ ନିର୍ବାଚନ ଲଢ଼ିଥିଲେ। ୨୦୨୪ ନିର୍ବାଚନରେ ମଧ୍ୟ ବିଜେଡି ପକ୍ଷରୁ ୫ ଜଣ ମହିଳାଙ୍କୁ ବିଧାନସଭା ଆସନ ପାଇଁ ଟିକେଟ ଦିଆଯାଇଥିଲା। ତେବେ ଏମାନେ ସମସ୍ତେ ନିର୍ବାଚନରେ ପରାଜିତ ହୋଇଯାଇଛନ୍ତି। ଏମାନେ ହେଲେ ଖଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗରରୁ ଲତିକା ପ୍ରଧାନ, ଆସିକାରୁ ମଞ୍ଜୁଳା ସ୍ୱାଇଁ, ସୋରଡାରୁ ସଂଘମିତ୍ରା ସ୍ୱାଇଁ ଓ ସାନଖେମୁଣ୍ଡିରୁ ସୁଲକ୍ଷଣା ଗୀତାଞ୍ଜଳି ଦେବୀ। ଅପରପକ୍ଷରେ ବିଧାନସଭା ଆସନ ପାଇଁ ଭାଜପା ପକ୍ଷରୁ ଜଣେ ମଧ୍ୟ ମହିଳାଙ୍କୁ ଟିକେଟ ଦେଇ ନ ଥିଲା। ତେବେ ଅନ୍ୟଦଳଗୁଡିକ ମହିଳାଙ୍କୁ ପ୍ରାର୍ଥୀ କରିଥିଲେ ମଧ୍ୟ ସମସ୍ତେ ନିର୍ବାଚନ ହାରିଯାଇଛନ୍ତି। ଚଳିତ ନିର୍ବାଚନରେ ଗଞ୍ଜାମ ଜିଲାର ୧୩ ବିଧାନସଭା ଆସନରୁ ୧୧ ଭାଜପା, ଗୋଟିଏ ଲେଖାଏଁ ଆସନ ବିଜେଡି ଓ କଂଗ୍ରେସକୁ ମିଳିଛି। ଏମାନେ ସମସ୍ତେ ପୁରୁଷ। ଅପରପକ୍ଷରେ ପୂର୍ବଥର ଭଳି ଏଥର ମଧ୍ୟ ଗଞ୍ଜାମ ଜିଲାରୁ ଜଣେ ମହିଳା ଏମ୍‌ପି ଭାବେ ନିର୍ବାଚିତ ହୋଇ ଲୋକସଭାକୁ ଯାଇଛନ୍ତି। ଗଞ୍ଜାମ ଜିଲାରେ ବ୍ରହ୍ମପୁର ଓ ଆସିକା ଲୋକସଭା କ୍ଷେତ୍ର ରହିଛି। ଚଳିତ ଥର ଆସିକା ଲୋକସଭା ଆସନରେ ଭାଜପା ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ ବିଜୟୀ ହୋଇଛନ୍ତି। ଗତ ୨୦୧୯ ନିର୍ବାଚନରେ ମଧ୍ୟ ଏହି ଆସନରୁ ବିଜେଡିର ପ୍ରମିଳା ବିଷୋୟୀ ବିଜୟୀ ହୋଇ ଲୋକସଭାକୁ ଯାଇଥିଲେ। ଏଥର ଆସିକା ଲୋକସଭା କ୍ଷେତ୍ରରେ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା। ଅପରପକ୍ଷରେ ଗଞ୍ଜାମ ଜିଲାପରିଷଦ ଅଧ୍ୟକ୍ଷା ଓ ବ୍ରହ୍ମପୁର ମହାନଗର ନିଗମ ଅଧ୍ୟକ୍ଷା ମହିଳା ଅଛନ୍ତି।




ଦିଲ୍ଲୀ ଅଭିମୁଖେ ଗୁରୁବାର ବାଲେଶ୍ୱର ଲୋକ ସଭା ଆସନର ନବନିର୍ବାଚିତ ଭାଜପା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ।

# ଚର୍ଚ୍ଚାରେ ମୟୂରଭଞ୍ଜ

ବାରିପଦା,୬।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ନିର୍ବାଚନ ଫଳାଫଳକୁ ନେଇ ଭାଜପା ବେଶ୍ ଉଲ୍ଲସିତ ରହିଛି। ଗୋଟିଏ ଲୋକ ସଭା ଓ ୯ ବିଧାନସଭା ଆସନ ପୋଛି ନେବା ପରେ ଜିଲାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଅନୁମାନ କରାଯାଉଛି। ସଦ୍ୟ ସମାପ୍ତ ନିର୍ବାଚନରେ ଭାଜପାର ବିପୁଳ ବିଜୟ ପାଇଁ ଜିଲା ଫୋକସ୍‌ରେ ରହିଛି। ମୟୂରଭଞ୍ଜ ଜିଲା ହେଉଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି। ଦେଶର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଥିବା ଡ. ଗିରିଶ ଚନ୍ଦ୍ର ମୁର୍ମୁଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବା ବେଳେ ଏବେ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଚର୍ଚ୍ଚା ହେବା ଜିଲାବାସୀଙ୍କୁ ଖୁସି ଆଣିଦେଇଛି।

ସୋସିଆଲ ମିଡିଆରେ ଗିରିଶଙ୍କୁ ନେଇ ଢେର ଆଲୋଚନା ହେଉଛି। ସେ ବେତନଟୀ ବ୍ଲକ ଖଡ଼ିଶୋଳ ଗ୍ରାମର ମୂଳବାସିନ୍ଦା। ୨୦୨୦ ଅଗଷ୍ଟ ୮ରୁ ସିଏଜି ପଦରେ ଅଧିଷ୍ଠିତ ହୋଇ କାର୍ଯ୍ୟ ଜାରି ରଖିଛନ୍ତି। ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ତଥା ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଅଧିକାରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସେ କାର୍ଯ୍ୟ କରୁଥିଲେ। ଜମ୍ମୁ କଶ୍ମୀରରେ ଉପ ରାଜ୍ୟପାଳ ପଦ ସହ ଜାତୀୟ ସ୍ତରରେ ବହୁ ବଡ଼ ପଦବୀରେ କାର୍ଯ୍ୟ କରିବାରେ ତାଙ୍କର ଅନୁଭୂତି ରହିଛି। ଆଦିବାସୀ କାର୍ଡ ଖେଳିବାରେ ମୋଦି ସରକାରଙ୍କ ପ୍ରୟାସ ଜାରି ରହିଛି। ହେଲେ ଓଡ଼ିଶାରେ ଭାଜପା ପ୍ରଥମ ଥର ପାଇଁ ସରକାର ଗଢ଼ିବାକୁ ଯାଉଥିବାରୁ କିଏ ମୁଖ୍ୟମନ୍ତ୍ରୀ ହେବେ ସହଜରେ କହି ହେଉନାହିଁ। ତଥାପି ଗିରିଶଙ୍କ ନାମ ଚର୍ଚ୍ଚାକୁ ଆସିବା ମୟୂରଭଞ୍ଜ ଜିଲାବାସୀଙ୍କୁ ଖୁସି ଦେବା ସ୍ୱାଭାବିକ ବୋଲି ସମୀକ୍ଷକମାନେ କହୁଛନ୍ତି।

# ପୁନର୍ଗଠନ ପରଠୁ କୋରେଇକୁ ମିଳିନି ମନ୍ତ୍ରୀପଦ

ଯାଜପୁର,୬।୬(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲାର ଗୋଟିଏ ଲୋକ ସଭା ଓ ୩ ବିଧାନସଭା କ୍ଷେତ୍ରରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଏଠାରେ କାହାକୁ ଜଣେ ମନ୍ତ୍ରୀପଦ ମିଳିବାର ଆଶା ରହିଛି। ତେବେ ୧୯୭୪ରୁ କୋରେଇ ନିର୍ବାଚନମଣ୍ଡଳୀର ପୁନର୍ଗଠନ ହେବା ପରଠାରୁ ଏଠାରେ କେହି ମନ୍ତ୍ରୀ ପଦ ପାଇନାହାନ୍ତି। ଏହାଦ୍ୱାରା କୋରେଇ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶରେ ଅନ୍ତରାୟ ସାଜୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଯାଜପୁର ଜିଲାରେ ପ୍ରାକୃତିକ ସମ୍ପଦ ଭରପୂର ହୋଇ ରହିଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହି ଜିଲା ଆଗକୁ ମାଡି ଚାଲିଛି। ଏହିକ୍ରମରେ କୋରେଇ ନିର୍ବାଚନମଣ୍ଡଳୀ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ତଥାପି ସ୍ଥାନୀୟ ନିଯୁକ୍ତି ହେଉ ଅବା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି କ୍ଷେତ୍ରରେ ସେତେଟା ଅଗ୍ରଗତି ହୋଇ ପାରିନାହିଁ। ଏହାର ପ୍ରତିକାର ଦିଗରେ କେହି ଜନ ପ୍ରତିନିଧି ଆଦୌ ଆନ୍ତରିକତା ଦେଖାଉ ନ ଥିବା ଆଲୋଚନା ହେଉଛି। ଜିଲାରୁ ରାଜସ୍ୱ, ଶକ୍ତି, ଅର୍ଥ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅବକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡା, କୃଷି, ପର୍ଯ୍ୟଟନ ଓ ଲୋକସମ୍ପର୍କ, ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମିଳିଛି। କିନ୍ତୁ ଏହି ବିଭାଗଗୁଡିକ ଜରିଆରେ ଜିଲାରେ କୌଣସି ପ୍ରକାର ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ କରାଯାଇନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟରେ ଜିଲାକୁ ପ୍ରଥମ ମନ୍ତ୍ରୀପଦ ମିଳିଥିଲା। ଯାଜପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଶାନ୍ତନୁ ଦାଶଙ୍କୁ ଆଦିବାସୀ ହରିଜନ ଉନ୍ନୟନ ଏବଂ ଅବକାରୀ ମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିଲା। ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଚିନ୍ତ ନାୟକ ବିଞ୍ଝାରପୁର ଆସନରୁ ଡେପୁଟି ମନ୍ତ୍ରୀ ପଦବୀ ପାଇଥିଲେ। ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଧର୍ମଶାଳା ଆସନରୁ ବାଙ୍କବିହାରୀ ଦାସଙ୍କୁ ରାଜସ୍ୱ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ଯାଜପୁର ଆସନରୁ ଜଗନ୍ନାଥ ମଲିକ କୃଷି ମନ୍ତ୍ରୀ, ସୁକିନ୍ଦା ଆସନରୁ ଶରତ ରାଉତ ପର୍ଯ୍ୟଟନ ଓ ଲୋକ ସମ୍ପର୍କ, ବଡ଼ଚଣା ଆସନରୁ ସୀତାକାନ୍ତ ମହାପାତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଧର୍ମଶାଳା ଆସନରୁ କଳ୍ପତରୁ ଦାଶ ପଞ୍ଚାୟତିରାଜ, ବରୀ ଆସନରୁ ଦେବାଶିଷ ନାଏକ କ୍ରୀଡା, ବଡ଼ଚଣା ଆସନରୁ ଅମରପ୍ରସାଦ ଶତପଥୀ କୃଷି, ବିଞ୍ଝାରପୁର ଆସନରୁ ପ୍ରମିଳା ମଲ୍ଲିକ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଯାଜପୁର ଆସନରୁ ପ୍ରଣବ କିଶୋର ଦାସ ଶକ୍ତିମନ୍ତ୍ରୀ ଓ ସୁକିନ୍ଦା ଆସନରୁ ପ୍ରୀତିରଞ୍ଜନ ଘଡେଇ ଦକ୍ଷତା ବିକାଶ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ହୋଇଛନ୍ତି। ଏହାବାଦ୍ ପ୍ରଫୁଲ୍ଲ ଘଡାଇ ଜିଲାରୁ ୪ ଥର ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବସ୍ଥାପିତ କରିଥିଲେ। ଜିଲାରେ ଏତେସବୁ ମନ୍ତ୍ରୀପଦ ମିଳିଥିଲେ ବି ଯାଜପୁର ଜିଲା ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ପଛାଇ ଯାଇଛି। ନଗଡ଼ାର ଅପପୁଷ୍ଟି, ପାନୀୟ ସମସ୍ୟା, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ବିଶ୍ୱ ଦରବାରରେ ଯାଜପୁରକୁ ନିନ୍ଦିତ କରିଛି। ଆଜି ବି ଜିଲାର ପ୍ରାୟ ୧ ହଜାର ଗ୍ରାମକୁ ପାଇପ୍ ଜଳଯୋଗାଣ ହୋଇ ପାରିନାହିଁ। ଗ୍ରୀଷ୍ମଋତୁରେ ଶିଳ୍ପ ଓ ଖଣି ଅଞ୍ଚଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ନଳକୂପଗୁଡ଼ିକରୁ ଆବଶ୍ୟକ ପାଣି ବାହାରୁନାହିଁ। ଅନ୍ୟ ବ୍ଲକ ଅଞ୍ଚଳରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖା ଦେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୧୦ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁ ହୋଇଥିବା ନଜିର ରହିଛି। ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀଗୁଡିକର ନିର୍ବାଚିତ ପ୍ରତିନିଧିମାନେ ମନ୍ତ୍ରୀପଦ ଅଳଙ୍କୃତ କରି ସାରିଥିବାବେଳେ କୋରେଇ ଏଯାଏ ବଞ୍ଚିତ ରହିଛି। ଏଠାକାର ଭୋଟରଙ୍କ ପାଇଁ ବଡ଼ ପ୍ରସଙ୍ଗ ଥିଲା ବିକାଶର ଧାରା। ବ୍ୟାପକ ଭାବେ ଜନସମର୍ଥନ ଦେଇଥିବା ଏଇ ଅଞ୍ଚଳର ସାଧାରଣ ଭୋଟରଙ୍କ ଗୋଟିଏ କଥା ମନ୍ତ୍ରୀପଦ ମିଳୁ। ସାଧାରଣ ବିଧାୟକ ହେଲେ ବି ଜଣେ ମନ୍ତ୍ରୀଙ୍କଠାରୁ ଅଞ୍ଚଳବାସୀଙ୍କ ପାଇଁ ଅଧିକ କାମ କରିବେ ବୋଲି ଆଶା ରହିଛି। ୧୯୭୧ ପର୍ଯ୍ୟନ୍ତ ଯାଜପୁର (ପଶ୍ଚିମ) ନିର୍ବାଚନମଣ୍ଡଳୀ ଅଧୀନରେ କୋରେଇ ରହିଥିଲା। ଏହାପରେ ୧୯୭୪ରେ କୋରେଇ ଏକ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀର ମାନ୍ୟତା ପାଇଥିଲା। ୧୯୭୪ ରୁ ୨୦୦୦ ପର୍ଯ୍ୟନ୍ତ କେବଳ ଅଶୋକ ଦାସ ୬ ଥର ବିଧାୟକ ନିର୍ବାଚିତ ହୋଇଥିଲେ ହେଁ ତାଙ୍କୁ କୌଣସି ମନ୍ତ୍ରୀପଦ ମିଳି ନ ଥିଲା। ୧୯୮୫ରେ ରାମଚନ୍ଦ୍ର ଖୁଣ୍ଟିଆ ଥରେ ବିଧାୟକ ହୋଇ ପାରିଥିଲେ। ଏହାପରେ ୨୦୦୪ରେ ଭାଜପା ଓ ବିଜେଡି ମେଣ୍ଟରୁ ସଞ୍ଚିତା ମହାନ୍ତି, ୨୦୦୯ରେ ପ୍ରୀତିରଞ୍ଜନ ଘଡେଇ, ୨୦୧୪ରେ ଆକାଶ ଦାସନାୟକ ଓ ୨୦୧୯ରେ ଅଶୋକ ବଳ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ଆକାଶ ପୁଣି ଭାଜପାରୁ ନିର୍ବାଚିତ ହୋଇଛନ୍ତି। ତେଣୁ ଏଥର କୋରେଇକୁ ମନ୍ତ୍ରୀପଦ ମିଳିବାରେ ବହୁ ସମ୍ଭାବନା ରହିଛି ବୋଲି ସାଧାରଣରେ ଆଶା କରାଯାଉଛି।

# ୭୫,୦୦୦ ଉପରେ ସେନ୍‌ସେକ୍ସ

## ଦିନକରେ ୮ଲକ୍ଷ କୋଟିରୁ ଅଧିକ ନିବେଶ ବୃଦ୍ଧି

ନୂଆଦିଲ୍ଲୀ,୫।୬ (ଅଭୟ ଦାଶ)



୨୦୨୪ ନିର୍ବାଚନ ଫଳାଫଳ ଘୋଷଣା ପରେ ପରେ ଘରୋଇ ଶେୟାର ବଜାର କାରବାରରେ ଉତ୍ସାହ ଦେଖାଦେଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ୭୫,୦୦୦ (୭୫,୦୭୪.୫୧) ଅଙ୍କରେ ପହଞ୍ଚିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ୮ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ଖାତାରେ ଯୋଡିଥିଲାବେଳେ ପୁଞ୍ଜିବଜାର ସମେତ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ଦେଖାଯାଇଛି। ପୂର୍ବଦିନର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୦୮ ଲକ୍ଷ କୋଟି ଥିଲାବେଳେ ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୮ଲକ୍ଷ କୋଟି ବୃଦ୍ଧି ପାଇ ୪୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ବିଏସ୍‌ଇ ୩୦ ବିଶିଷ୍ଟ ଶେୟାର ସର୍ବାଧିକ ନିବେଶ ବୃଦ୍ଧି କରିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୫୦ର ନିବେଶକମାନେ ମଧ୍ୟ କାରବାର ବଢ଼ାଇଛନ୍ତି। ସେହିଭଳି ଗୋଟିଏ ପଟରେ ନୂଆ ସରକାର ପାଇଁ ନିବେଶକମାନେ କାରବାରରେ ପୁଃନଜଡିତ ହେଉଥିବାବେଳେ ଷ୍ଟକ ମାର୍କେଟର କାରବାରରେ ମଧ୍ୟ ସୁଧାର ଆସିଛି। ଏପରିକି ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୦.୯୩% ବୃଦ୍ଧି ଘଟିଥିବାବେଳେ ନିଫ୍ଟି ୫୦ରେ ୦.୮୯% ବୃଦ୍ଧି ହୋଇଛି। ସେହିପରି ବିଏସ୍‌ଇ ସ୍ମଲକ୍ୟାପ ୨.୨୮% ଏବଂ ବିଏସ୍‌ଇ ମିଡକ୍ୟାପ ୩.୦୬% ବୃଦ୍ଧିପାଇଥିବାବେଳେ ନିଫ୍ଟି ମିଡକ୍ୟାପ ୨.୨୪% ଏବଂ ନିଫ୍ଟି ସ୍ମଲକ୍ୟାପ ୩.୦୮% ବୃଦ୍ଧି ପାଇଛି। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ) ୦.୪୮% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ବଜାଜ ଅଟୋ, ଟିଭିଏସ୍ ମୋଟର କମ୍ପାନୀ ଏବଂ ୟୁନାଇଟେଡ୍ ସ୍ପିରିଟ ଭଳି ନିବେଶକଙ୍କ ନିବେଶ ବୃଦ୍ଧି ଘଟିଛି। ଏପରିକି ନିଫ୍ଟି ୫୦ରେ ଏଚ୍‌ସିଏଲ୍, ଟେକ୍ ମହିନ୍ଦ୍ରା ଏବଂ ଶ୍ରୀରାମ ଫାଇନାନ୍ସ ଭଳି ନିବେଶକଙ୍କ ସମ୍ପତ୍ତି ବୃଦ୍ଧି ଘଟିଥିଲାବେଳେ ସେକ୍ଟୋରାଲ କ୍ଷେତ୍ରରେ ଏଫ୍‌ଏମ୍‌ସିଜି, ଫାର୍ମା,ହେଲ୍‌ଥ କେୟାରଏବଂ ଘରୋଇ ବ୍ୟାଙ୍କ ସମେତ ରିଅଲିଟି, ମିଡିଆ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଆଇଟି, ଅଏଲ ଆଣ୍ଡ ଗ୍ୟାସ୍ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି।

## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୯୨ (୬୯୨.୨୭) ପଏଣ୍ଟ ବଢି ୭୫,୦୭୫(୭୫,୦୭୪.୫୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୧ (୨୦୧.୦୫) ପଏଣ୍ଟ ବୃଦ୍ଧି ଘଟି ୨୨,୮୨୧(୨୨,୮୨୧.୪୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଚାନ୍ଦି ଭଣ୍ଡାରର ରଜ ସଜ କଲେକ୍ସନ



ଭୁବନେଶ୍ୱର,୬।୬

ଚାନ୍ଦି ଭଣ୍ଡାରର ବହୁ ପ୍ରତୀକ୍ଷିତ ରଜ ସଜ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଧୁନିକ ଡିଜାଇନ ସହ ରୁପାର କାଳଜୟୀ ସୌନ୍ଦର୍ଯ୍ୟର ମିଶ୍ରଣଯୁକ୍ତ ଆକର୍ଷଣୀୟ ଗହଣା ସମ୍ଭାର ଏବଂ ଆସେସରିଜ୍ ଚାନ୍ଦି ଭଣ୍ଡାରର ସମସ୍ତ ଷ୍ଟୋରରେ ଉପଲବ୍ଧ ହେଉଛି। ବିଶେଷକରି 'ରଜ ସଜ' କଲେକ୍ସନରେ ସୂକ୍ଷ୍ମ ତଥା ଚମତ୍କାର ଆଙ୍କ୍‌ଲେଟ୍ ଓ କାନଫୁଲ ଭଳି ଅନେକ ଡିଜାଇନ ସାମିଲ ସହ ଉତ୍ସବ ପରିଧାନରେ ଏହା ସୌନ୍ଦର୍ଯ୍ୟର ସ୍ପର୍ଶ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ରଜ ଏପରି ପର୍ବ, ଯାହା ମୌସୁମୀର ଆଗମନକୁ ସୂଚାଇଥାଏ ଏବଂ ନାରୀତ୍ୱକୁ ପାଳନ କରିଥାଏ। ଓଡ଼ିଆଙ୍କ ହୃଦୟରେ ଏହି ପର୍ବ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପରମ୍ପରା ଅନୁସାରେ ରଜରେ ଝିଅବୋହୂମାନେ ନୂଆ ପୋଷାକ, ଗହଣା ଏବଂ ଅନ୍ୟାନ୍ୟ ଆସେସରିଜ୍ ପିନ୍ଧି ରଜଦୋଳି ଖେଳିବା ସହ ସ୍ୱାଦିଷ୍ଟ ପିଠା ଖାଇ ରଜର ଆନନ୍ଦ ଉଠାଇଥାନ୍ତି।

ସେହିଭଳି ଏହି କଲେକ୍ସନରେ ଥିବା ଚମତ୍କାର ନେକ୍‌ଲେସ୍ ଉଭୟ ପାରମ୍ପରିକ ଏବଂ ଆଧୁନିକ ଆଉଟ୍‌ଫିଟ୍ ସହ ଖାପଖାଇବ ଏବଂ ଷ୍ଟେଟ୍‌ମେଣ୍ଟ ବ୍ରେସ୍‌ଲେଟ୍ ଅନନ୍ୟ ଲୁକ୍ ପ୍ରଦାନ କରିବା ସହ ପ୍ରତ୍ୟେକ ପିସ୍ ଗହଣା ନାରୀଙ୍କୁ ସ୍ୱତନ୍ତ୍ର ଅନୁଭବ କରାଇବ। ଏପରିକି ପାରମ୍ପରିକତାଠାରୁ ଆରମ୍ଭକରି ସମସାମୟିକ ଡିଜାଇନ ଏଥିରେ ସାମିଲ ରହିଛି, ଯାହାକି ସମସ୍ତଙ୍କୁ ପସନ୍ଦ ଆସିବ। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ରଜ ପର୍ବର ଆଗମନ ସହ ଚାନ୍ଦି ଭଣ୍ଡାର ଏକ ସେଲିବ୍ରେଶନ୍ ଆୟୋଜିତ ହୋଇଛି, ଯାହାକି ସମସାମୟିକ ଯାତ୍ରା ସହ ପରମ୍ପରାକୁ ମିଶ୍ରଣ କରୁଛି। ଚଳିତ ରଜରେ ଆମେ ପର୍ବର ପ୍ରକୃତ ଭାବକୁ ଜୀବନ୍ତ ରଖି ଏହାର ବ୍ୟାଖ୍ୟାକୁ ପୁନଃ ପରିଭାଷିତ କରୁଛୁ। ଆମର ସୂକ୍ଷ୍ମ ତଥା ନୂତନ ଆସେସରିଜ୍ ଓ ସେଲିବ୍ରେଶନ୍‌ର ଅଭିନବ ଉପାୟ ସହ ଚଳିତ ରଜରେ ଆହୁରି ରଙ୍ଗ ଏବଂ ଆନନ୍ଦ ଯୋଡ଼ିବ। ରଜର ଉତ୍ସାହକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ଆକର୍ଷଣୀୟ ସ୍ୱତନ୍ତ୍ର ରଜ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ୨୦୨୪ ଜୁନ୍ ୭ରୁ ୧୬ ପର୍ଯ୍ୟନ୍ତ ସମସ୍ତ ଚାନ୍ଦ ଭଣ୍ଡାର ଶୋ'ରୁମ୍‌ରେ ଉପଲବ୍ଧ। ଏହା ଜରିଆରେ ଗ୍ରାହକ ସମସ୍ତ ଗହଣାର ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଅପରପକ୍ଷରେ ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍‌ର ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେଶନ, କ୍ରୟ ପୂର୍ବରୁ ପରଖିବା, ଭାଲ୍ୟୁ ଫର୍ ମନି ଏବଂ ହଲ୍‌ମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି ବୋଲି ବ୍ରାଣ୍ଡ ପକ୍ଷରୁ କୁହାଯାଇଛି।

# ଏନ୍‌ଭିସିଏଲ୍‌ର ନୂତନ ଉତ୍ପାଦ

Ecodure
THERMAL INSULATED CONCRETE


ଭୁବନେଶ୍ୱର,୬।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍) ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଭିସିଏଲ୍‌ର ନୂତନ ତଥା ଅତ୍ୟାଧୁନିକ ଉତ୍ପାଦ 'ଇକୋଡ୍ୟୋର୍ ଥର୍ମାଲ ଇନ୍‌ସୁଲେଟେଡ୍ କଂକ୍ରିଟ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ବୈପ୍ଳବିକ ଉତ୍ପାଦ ଶକ୍ତି ଦକ୍ଷତା ବୃଦ୍ଧି ସହ ବିଲ୍ଡିଂଗୁଡ଼ିକ ଉପରେ କୁଲିଂ ଖର୍ଚ୍ଚ ହ୍ରାସକରି ଗ୍ଲୋବାଲ ୱାର୍ମିଂ ଓ ବର୍ଦ୍ଧିତ ତାପମାତ୍ରାର ସମସ୍ୟା ପାଇଁ ଏକ ପରିବେଶ ଅନୁକୂଳ ସମାଧାନ ପ୍ରଦାନ କରୁଛି। ସେହିଭଳି ଇକୋଡ୍ୟୋର୍ ଥର୍ମାଲ ଇନ୍‌ସୁଲେଟେଡ୍ କଂକ୍ରିଟ୍ ହେଉଛି ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଏକ ବୈପ୍ଳବିକ ଉଦ୍ଭାବନ,ଯାହାକୁ ପାରମ୍ପରିକ କଂକ୍ରିଟ୍ ତୁଳନାରେ କମ୍ ଥର୍ମାଲ କଣ୍ଡକ୍ଟିଭିଟି ପ୍ରଦର୍ଶିତ କରୁଥିବା ସ୍ୱତନ୍ତ୍ର ସାମଗ୍ରୀଗୁଡିକ ସହ ପ୍ରସ୍ତୁତ କରାଯାଇଛି। ଏହି ଆଧୁନିକ ମିଶ୍ରଣ ଘର ଭିତରର ତାପମାତ୍ରାକୁ ୩° ସେଲସିୟସ ପର୍ଯ୍ୟନ୍ତ ହ୍ରାସ କରିଥାଏ। ସେହିପରି ଏହି ସିମେଣ୍ଟ ବିଲ୍ଡିଂଗୁଡିକରେ କୁଲିଂଲୋଡ୍ ଓ ଏନର୍ଜି ୟୁଜ୍ ଇନ୍‌ଟେନ୍‌ସିଟି (ଇୟୁଆଇ)କୁ ହ୍ରାସ କରିଥାଏ। ଫଳରେ ବିଲ୍ଡିଂ ଇୟୁଆଇରେ ୫% ସ୍ପେଶ କୁଲିଂ ଲୋଡ୍‌ରେ ୬% ଓ କୁଲିଂ କ୍ଷମତା ଆବଶ୍ୟକତାରେ ୭% ହ୍ରାସ କରିଥାଏ। ବିଶେଷକରି ଏହା ଏକ ହାଲୁକା ବିଲ୍ଡିଂ ଲୋଡ୍‌ରେ ଯୋଗଦାନ ଦେଉଥିବା ଘନତାକୁ ହ୍ରାସ କରିଥାଏ। ଏହା ନିର୍ମାଣ ଖର୍ଚ୍ଚକୁ କମ୍ କରିପାରିଥାଏ। ଏହା ବିଲ୍ଡିଂର ସାମଗ୍ରିକ କାର୍ବନ ନିର୍ଗମନ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ସିମେଣ୍ଟ ଆବାସିକ, ଶିଳ୍ପ ଓ ଆନୁଷ୍ଠାନିକ କୋଠାଗୁଡିକ ପାଇଁ ଉପଯୁକ୍ତ ହୋଇଥିବାବେଳେ ଏହା ଦେଶବ୍ୟାପୀ ନୁଭୋକୋର ଆର୍‌ଏମ୍‌ଏକ୍ସ ପ୍ଲାଣ୍ଟଗୁଡିକ ମାଧ୍ୟମରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଏନ୍‌ଭିସିଏଲ୍ ରେଡି-ମିକ୍ସ (ଆର୍‌ଏମ୍‌ଏକ୍ସ) କଂକ୍ରିଟ୍‌ର ମୁଖ୍ୟ ପ୍ରଶାନ୍ତ ଝା କହିଛନ୍ତି, ସ୍ଥାୟିତ୍ୱ ଆମର ପ୍ରାଥମିକତା ହୋଇଥିବାବେଳେ ଏହାକୁ ପୁଣି ଥରେ ବିଶ୍ୱ ପରିବେଶ ଦିବସରେ ଆମର ଅଭିନବ ଉତ୍ପାଦ ଇକୋଡ୍ୟୋର୍ ଥର୍ମାଲ ଇନ୍‌ସୁଲେଟେଡ୍ କଂକ୍ରିଟ୍‌ର ଶୁଭାରମ୍ଭ ସହ ପ୍ରଦର୍ଶିତ କରାଯାଇଛି। ଏପରିକି ଉଦ୍ଭାବନ ପ୍ରତି ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଅପରପକ୍ଷରେ ଇକୋଡ୍ୟୋର୍ ଶକ୍ତି ଉପଯୋଗ ଓ ଘର ଭିତରର ତାପମାତ୍ରା ନିୟନ୍ତ୍ରଣ ଭଳି ଜଟିଳ ସମସ୍ୟାର ସମାଧାନକରି ଆମର ଗ୍ରାହକ ଓ ପରିବେଶକୁ ଉପକୃତ କରୁଥିବା ସମାଧାନ ପ୍ରଦାନ କରିବାର ଆମର ଲକ୍ଷ୍ୟକୁ ସୂଚିତ କରୁଛି।

# ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

ଭୁବନେଶ୍ୱର,୬।୬



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଜୁଏଲେରି ବ୍ରାଣ୍ଡ 'ରିଲାଏନ୍ସ ଜୁଏଲ୍ସ'ର ନୂତନ କଲେକ୍ସନ ସ୍ୱତନ୍ତ୍ର ବିବାହମ୍ ସଂଗ୍ରହର ଶୁଭାରମ୍ଭ ସହ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଏହି କଲେକ୍ସନ (ବିବାହମ୍ କଲେକ୍ସନ)ରେ ଅଳଙ୍କାରର ସୂକ୍ଷ୍ମ ପିସ୍‌ଗୁଡିକ ସାମିଲ ରହିଛି, ଯାହା ଦେଶର ଭିନ୍ନ ଭିନ୍ନ ଅଂଶରୁ ବ୍ରାଇଡାଲ ଲୁକ୍ ବା ବିବାହ ସୌନ୍ଦର୍ଯ୍ୟର ଗୁଣଗାନ କରୁଛି। ବିଶେଷକରି ସୁନା ଓ ହୀରାରେ ନିର୍ମିତ ଏହି କଲେକ୍ସନ ବଧୂମାନଙ୍କ ପାଇଁ ଡିଜାଇନ କରାଯାଇଥିବାବେଳେ ବିଶାଳ ଭାରତୀୟ ବିବାହର ଚମତ୍କାର ଉତ୍ସାହକୁ ଧାରଣ କରିଛି। ଏଥିରେ ୧୪ଟି ଭିନ୍ନ ଭିନ୍ନ ଲୁକ୍ ରହିଛି, ଯାହା ଦିଲ୍ଲୀ, ୟୁପି, ବିହାର, ଓଡ଼ିଶା, ପଞ୍ଜାବ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କର୍ନାଟକ ଭଳି ୯ଟି ବ୍ୟବସାୟିକ ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି। ଏହି ଉନ୍ମୋଚନ ସହ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ 'ଦ କ୍ୱିନ୍ ଇନ୍ ୟୁ'କ୍ୟାମ୍ପେନ୍‌ର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହା ଭାରତବ୍ୟାପୀ ବଧୂମାନଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଦିନରେ କାଳଜୟୀ ସୌନ୍ଦର୍ଯ୍ୟତା ଓ ଅନୁଗ୍ରହକୁ ଧାରଣ କରିଥିବାର ପ୍ରଦର୍ଶିତ କରିଛି। ସେହିପରି ବିବାହମ୍ କଲେକ୍ସନରେ ପ୍ରତ୍ୟେକ ଭାରତୀୟ ବଧୂଙ୍କ ବ୍ୟକ୍ତିଗତ ଷ୍ଟାଇଲ ଓ ପସନ୍ଦ ସହ ମେଳ ଖାଇବା ପାଇଁ ନିର୍ମିତ ଅଳଙ୍କାରଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ସାମିଲ ରହିଥିବାବେଳେ ପାରମ୍ପରିକ ବିବାହ ଉତ୍ସବଗୁଡିକର ଆଞ୍ଚଳିକ ପରମ୍ପରା ସମେତ ବିବାହ ପୂର୍ବର କାର୍ଯ୍ୟକ୍ରମ ଓ ନିର୍ବନ୍ଧ ଆଦିର ଆବଶ୍ୟକତା ପୂରଣ କରୁଛି। ଏହି କଲେକ୍ସନରେ ସୁନା ଓ ହୀରା ଅଳଙ୍କାରର ଆକର୍ଷଣୀୟ ଚୋକର ନେକ୍‌ଲେସ, ଲମ୍ବା ନେକ୍‌ଲେସ୍, ଚୁଡ଼ି, ମାଙ୍ଗ୍‌ଟିକା, ମୁଦି (ରିଙ୍ଗ୍), ମାଥା ପଟ୍ଟି, ଇୟରିଂ ବା କାନଫୁଲ, ଆର୍ମବ୍ୟାଣ୍ଡ ଓ ୱେଷ୍ଟ ବେଲ୍ଟ ଆଦି ସାମିଲ ରହିଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଏହାର ବିବିଧ ରେଞ୍ଜ ସହିତ ବିବାହମ କଲେକ୍ସନକୁ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଆଧୁନିକ ବଧୂମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଦେଶରେ ବିବାହ ଋତୁ ଆରମ୍ଭ ହୋଇଯାଇଥିବାରୁ ଗ୍ରାହକମାନେ ଦେଶବ୍ୟାପୀ ରିଲାଏନ୍ସ ଜୁଏଲ୍‌ସରେ ବିବାହମ୍ କଲେକ୍ସନର ଜୀବନ୍ତ ଶୃଙ୍ଖଳାରେ ନିଜକୁ ନିମଜ୍ଜିତ କରିପାରିବେ। ୨୦୦ରୁ ଅଧିକ ସହରରେ ୪୦୦ରୁ ଅଧିକ ଷ୍ଟୋର ସହିତ ଏହି ବ୍ରାଣ୍ଡ ଏହାର ସ୍ୱତନ୍ତ୍ର ଶୃଙ୍ଖଳାର ଅଳଙ୍କାର ପାଇଁ ସୁବିଧାଜନକ ଉପଲବ୍ଧତା ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାରର ମେକିଂ ଚାର୍ଜ ଓ ହୀରା ଅଳଙ୍କାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ବ୍ୟତୀତ ସେମାନେ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)

ଟାଟା ପାୱାର ସଦର୍ନ ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆମ ଭୂମି, ଆମ ଭବିଷ୍ୟତ ବାର୍ତ୍ତା ନେଇ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଛନ୍ତି। ଟିପିଏସ୍‌ଓଡିଏଲ୍ କର୍ପୋରେଟ୍ ଅଫିସ୍ ସମେତ ୧୯ଟି ଡିଭିଜନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବ୍ରହ୍ମପୁରର ମେଦିନୀପୁର ଠାରେ ମେଗା ବୃକ୍ଷରୋପଣ କରାଯାଇଥିଲା। ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ୍ କୁମାର ଗର୍ଗ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ଜମିର ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ିର ମୁକାବିଲା' ନେଇ ସେଲ୍‌ଫି ୱିଥ୍ ସାପ୍‌ଲିଙ୍ଗ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବଜାରରେ ଫ୍ଲାଇଟ୍ ସ୍ପ୍ରିଙ୍ଗ୍ ସମର କଲେକ୍ସନ

ଭୁବନେଶ୍ୱର,୬।୬

ଦେଶର ପ୍ରମୁଖ ଫୁଟ୍‌ୱେୟାର ନିର୍ମାତା ତଥା ରିଲାକ୍ସୋ ଫୁଟ୍‌ୱେୟାର୍ସ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ 'ଫ୍ଲାଇଟ୍'ର ବହୁ ପ୍ରତିକ୍ଷୀତ ସ୍ପ୍ରିଙ୍ଗ୍-ସମର୨୦୨୪ (ଏସ୍‌ଏସ୍-୨୪)କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହି ନୂତନ କଲେକ୍ସନର ନୂଆ ରେଞ୍ଜରେ ୧୦୦ରୁ ଅଧିକ ସତେଜ ନୂଆ ଡିଜାଇନର ଏକ ଶୃଙ୍ଖଳା ସାମିଲ ରହିଛି। ଏପରିକି ଫ୍ଲାଇଟ୍‌ର ବିସ୍ତୃତ ଶୃଙ୍ଖଳାର ଜୋତାଗୁଡିକୁ ଉଭୟ ପୁରୁଷ ଓ ମହିଳାମାନଙ୍କ ଗତିଶୀଳ ଜୀବନଶୈଳୀର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି।

ଏ ସମ୍ପର୍କର ରିଲାକ୍ସୋ ଫୁଟ୍‌ୱେୟାର୍ସ ଲିମିଟେଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌରବ ଦୁଆ କହିଛନ୍ତି, ଫ୍ଲାଇଟ୍‌ର ନୂଆ ସ୍ପ୍ରିଙ୍ଗ୍-ସମର୨୪ କଲେକ୍ସନର ଶୁଭାରମ୍ଭ କରି ଆମେ ବେଶ ଉତ୍ସାହିତ ଅଛୁ। ବିଶେଷ କରି ଏହାର କୁଲ୍ ଭାଇବ୍, ଗୁଣାତ୍ମକ କାରିଗରୀ ଓ ଅତୁଳନୀୟ ମୂଲ୍ୟ ସହିତ ଆଗାମୀ ଋତୁ ପାଇଁ ଟୋନ୍ ସେଟ୍ କରିଛି।

# ମହଙ୍ଗା ହେଲା ନିରାମିଷ ଖାଦ୍ୟଥାଳି

ଭୁବନେଶ୍ୱର,୬।୬(ଅନୁରାଧା ମହାରଣା)

ନିରାମିଷ ଖାଦ୍ୟ ଖାଉଥିବା ଲୋକଙ୍କ ଉପରେ ମହଙ୍ଗା ମାଡ଼ ପଡ଼ିଛି। ପନିପରିବା ମୂଲ୍ୟରେ ବୃଦ୍ଧି ହେତୁ ମେ ମାସରେ ନିରାମିଷ ଖାଦ୍ୟ ଥାଳି ମହଙ୍ଗା ହୋଇଛି। ୨୦୨୪ ମେ'ରେ ଭେଜ୍ ଥାଳିର ମୂଲ୍ୟ ୯ ପ୍ରତିଶତ ବୃଦ୍ଧି ହୋଇ ୨୭.୮ ଟଙ୍କା ହୋଇଛି। ୨୦୨୩ ମେ'ରେ ଏହା ୨୫.୫ ଟଙ୍କା ଥିଲା। ରେଟିଂ ଏଜେନ୍ସି କ୍ରିସିଲ ଏହି ତଥ୍ୟ ପ୍ରକାଶ କରିଛି। ପ୍ରତ୍ୟେକ ମାସ ପରି ରେଟିଂ ଏଜେନ୍ସି ୨୦୨୪ ମେ'ମାସର ରୋଟି ରାଇସ୍ ରେଟ୍ ଇଣ୍ଡେକ୍ସ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ୨୦୨୪ ମେ'ରେ ନିରାମିଷ ଥାଳି ୯% ମହଙ୍ଗା ହୋଇଛି। ଅନ୍ୟପଟେ ଆମିଷ ଖାଦ୍ୟ ଥାଳି ୭ % ହ୍ରାସ ହୋଇଥିବାରୁ ଆମିଷ ଖାଉଥିବା ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

# ନିଟ୍ ପ୍ରବେଶିକା ପରୀକ୍ଷାରେ ଟେଟ୍ରାହେଡ୍ରନ୍‌ର ସଫଳତା

ମଙ୍ଗୁଳି-ଜଗତପୁର,୬।୬(ମାନସ ସାମଲ)



ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ନିଟ୍ କୋଚିଂ ନେଉଥିବା ମୋଟ୍ ୧୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୧୧୫ ଜଣ ୬୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରୁ ସତ୍ୟଜିତ୍ ସ୍ୱାଇଁ, ଅବିନାଶ ସାହୁ, ସ୍ୱସ୍ତିକ୍ ଦଳାଇ, ଦୀପ୍ତିମୟୀ ବେହେରା ଓ ସତ୍ୟଜିତ୍ ବେହେରା ଫ୍ରେସର୍ ଭାବେ ଏହି କୃତିତ୍ୱ ହାସଲ କରିବା ସହିତ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ୫ ଜଣ ବିଦ୍ୟାର୍ଥୀ ୭୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ସର୍ବୋଚ୍ଚ ନମ୍ବର ରଖିଥିବା କମଳାକାନ୍ତ ଦାସ-୭୧୫ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଥିବାବେଳେ ଜିଜ୍ଞାସୁ ପରିଡା ଓ ରାହୁଲ କର୍ମୀ ଉଭୟ ୭୦୫ ନମ୍ବର ରଖିଛନ୍ତି। ସେହିପରି ଓମ୍ ପ୍ରକାଶ ସାହୁ ଓ ସ୍ୱାଗତିକା ପ୍ରିୟଦର୍ଶିନୀ ସାହୁ ୭୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିବାରେ ଗୌରବ ଅର୍ଜନ କରିଛନ୍ତି।

ଏହି ଅବସରରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ କଲେଜ ପରିସରରେ ନିଟ୍‌ର ସଫଳତା ହାସଲ କରିଥିବା ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଶନ୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀମାନେ କିପରି ଏହି ଶିକ୍ଷାନୁଷ୍ଠାନରେ ନିର୍ଦ୍ଦିଷ୍ଟ ଶିକ୍ଷାପ୍ରଣାଳୀ ତଥା ଗାଇଡ୍‌ଲାଇନ୍ ମାନି କୃତକାର୍ଯ୍ୟ ହୋଇଛନ୍ତି ସେ ସମ୍ପର୍କରେ କହିଥିଲେ। ବରିଷ୍ଠ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ରାଉତ ଓ ବୈକୁଣ୍ଠ ନାରାୟଣ ଦାସ ପିଲାମାନଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ। ଏଥିରେ ଅଧ୍ୟାପକ ମହେଶ୍ୱର ପରିଡା, ଭାଗୀରଥି ମଲ୍ଲିକ, ଅଶୋକ ରାଉଳ, ମିଳନ ସାମଲ, କମଳାକାନ୍ତ ସାହୁ, ଅମିତାଭ ବେହେରା, ମାନସ ମିଶ୍ର, କେଶବ ଚନ୍ଦ୍ର ନାଥ, ସତ୍ୟସାଇ ବିଶ୍ୱାଳ, ରଶ୍ମିରଞ୍ଜନ ଦାସ, ସୁମନ କୁମାର, ନାରାୟଣ ସାହୁ, ଅନଙ୍ଗ ଉଦୟ ବଳ, ଅକ୍ଷୟ ମହାନ୍ତି, ବିନୟ କୁମାର, ମାନସ ଖୁଣ୍ଟିଆ ଓ ଶୁଭ୍ରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସହକର୍ମୀ ଭାବରେ କୈଳାସ ଚନ୍ଦ୍ର ପରିଡା, ଦୀପାଞ୍ଜଳି ସାହୁ, ଲିପ୍ସାମୟୀ ସାହୁ, ପ୍ରପିତା ପରିଡା ଉପସ୍ଥିତ ଥିଲେ।

ଏହି ସମ୍ବର୍ଦ୍ଧନା ଅବସରରେ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ନିଟ୍ ପରୀକ୍ଷାରେ ଯେଉଁ ବିଦ୍ୟାର୍ଥୀମାନେ ୬୦୦ରୁ ଅଧିକ ନମ୍ବର ରଖିଥିବେ ସେମାନଙ୍କୁ ମାଗଣାରେ ଶିକ୍ଷାଦାନ ଦିଆଯିବ। ଏଥିସହ ୫୯୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦,୦୦୦ ଟଙ୍କାରେ କୋଚିଂ ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ବେହେରା ଘୋଷଣା କରିଥିଲେ। ସେହିପରି ୫୮୦ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ୨୦ ହଜାର ଟଙ୍କା, ୫୭୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୩୦ ହଜାର ଟଙ୍କା, ୫୬୦ରୁ ଅଧିକ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ୪୦ ହଜାର ଟଙ୍କା, ୫୫୦ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ୫୦ ହଜାର ଟଙ୍କା, ୫୨୫ରୁ ଅଧିକ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ୬୦ ହଜାର ଟଙ୍କା ଏବଂ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ୭୦ ହଜାର ଟଙ୍କାରେ କୋଚିଂ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

"छत्तीसगढ़ शासन, वन एवं जलवायु परिवर्तन विभाग"
धमतरी वनमंडल धमतरी
काष्ठागार नीलाम का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, बल्ली एवं बांस का घोष विक्रय द्वारा निर्वर्तन निम्नानुसार किया जावेगा। इच्छुक बोलीदारों से अनुरोध है, कि वे घोष विक्रय में भाग लेवें। घोष विक्रय की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है। कृपया बोली लगाने से पूर्व वनोपज का स्वतः स्थल निरीक्षण कर लेवे।

नीलाम स्थल का नाम – धमतरी काष्ठागार परिसर
नीलाम दिनांक – 08 जून 2024
नीलाम समय – प्रातः 09.00 बजे से

नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्टा घ.मी. | बल्ली / खूंटा नग में | लट्टा घ.मी. | बल्ली / खूंटा नग में | लट्टा घ.मी. | बल्ली / खूंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 23.353 | 285 | 155.410 | 3125 | 178.763 | 3410 |
| साल | 55.491 | 106 | 71.044 | 15 | 126.535 | 121 |
| बीजा | 81.038 | – | 15.835 | – | 96.873 | – |
| शीशम | – | – | 3.869 | – | 3.869 | – |
| खम्हार | 4.306 | 10 | – | – | 4.306 | 10 |
| हल्दू / मुण्डी | 11.812 | 65 | 16.143 | – | 27.955 | 65 |
| साजा | 58.345 | 13 | 14.157 | 27 | 72.502 | 40 |
| धावड़ा | 55.323 | – | – | – | 55.323 | – |
| सलई मोयन | 0.538 | – | – | – | 0.538 | – |
| पापड़ा | 1.465 | – | 4.161 | – | 5.626 | – |
| नीलगिरी | 6.077 | – | 13.254 | – | 19.331 | – |
| अन्य | 210.553 | 45 | 36.007 | 43 | 246.560 | 88 |
| योग– | 508.301 | 524 | 329.880 | 3210 | 838.181 | 3734 |

बांस

| केन्द्रीय उपभोक्ता डिपो श्यामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|
| 1923 नग | 1000 नग |

टीपः– बांस के पश्चात ईमारती काष्ठ एवं बल्ली का नीलाम किया जावेगा।
टीप :–(1) प्रत्येक क्रेता को नीलाम में बोली लगाने के पूर्व नीलाम की शर्तों का पालन करने के करार के प्रतीक स्वरूप विक्र सूचना पर अपना हस्ताक्षर करना होगा तथा प्रत्येक लाट के संबंध में बोली लगाने के पूर्व जिस सीमा तक वह बोली लगाना चाहता हो उसके 10% के बराबर राशि या 1000/– (एक हजार) रूपये इसमें से जो भी अधिक हो की बयाने की राशि जमा करना होगा।
(2) घोष विक्रय हेतु निर्धारित शर्तो के तहत सत्यंकार जमा करने वाला व्यक्ति/संस्थान, छत्तीसगढ़ काष्ठ नियम 7 के अन्तर्गत प्रदेश के अधीन किसी क्षेत्रीय वनमण्डल में विनिर्माता, व्यवसायी या उपभोक्ता के रूप में पंजीकृत हों, जिसकी छायाप्रति सत्यंकार राशि जमा करते समय अनिवार्य रूप से जमा करावें, शर्त के पालन होने की स्थिति में ही इच्छुक व्यक्ति / संस्थान ही घोष विक्रय में भाग ले पायेंगे। पंजीकृत नही होने पर उन्हें पंजीयन कार्यवाही वनमण्डल कार्यालय से अनिवार्य रूप से कराना होगा।
(3) क्रेता द्वारा नीलाम में बोली लगाने के पूर्व संबंधित फर्म का पूर्ण पता पेन नम्बर, जी.एस.टी. नम्बर एवं मोबाईल नम्बर ई.एम.डी. कक्ष में सुचारू रूप से कार्य संचालन हेतु अंकित कराना अनिवार्य है।
(4) नीलाम में क्रय किये गये लाटों का विक्रय मूल्य सहित विवरण ई.एम.डी. जमा पर्ची के पीछे अनिवार्य रूप से दर्ज करना होगा।
फोन 07722–238371, फैक्स 07722–236137

वनमंडलाधिकारी
धमतरी वनमंडल धमतरी
(G-242500089/8)

# ଓଡ଼ିଶା ସରକାର

# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

# ଭୂ-ଅର୍ଜନ ବିଭାଗ

L.A.-2024-2396 L.A. Dt.: 21.02.2024

## ଅଧିସୂଚନା

No. XXIII-03: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାରେ ଇଡ୍‌କୋ (IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି. ଇଣ୍ଡିଆ ଲିମିଟେଡ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲାଠାରେ ତଲାବିରା ବିଦ୍ୟୁତ ୩୨୦୦ (୪ x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ମୌଜା: ତୁମ୍ବେକେଲା, ଥାନା: ବଡ଼ମାଲ, ତହସିଲ: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ାରେ ନିମ୍ନ ତଫସିଲମତେ ପ୍ରାୟ ଏ ୭୫.୫୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act, ୨୦୧୩)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ଯେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଇଡ୍‌କୋ (IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି. ଇଣ୍ଡିଆ ଲିମିଟେଡ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲାଠାରେ ତଲାବିରା ବିଦ୍ୟୁତ୍ ୩୨୦୦ (୪ x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡ଼ା।

୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡ଼ା | ଝାରସୁଗୁଡ଼ା | ତୁମ୍ବେକେଲା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୭୫.୬୫୦ | ଏକର ୭୫.୫୭୦ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ – ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ସ୍ୱା./– ଜିଲ୍ଲାପାଳ, ଝାରସୁଗୁଡ଼ା**

### ଘରୋଇ ଜମିର ବିବରଣୀ

ଗ୍ରାମର ନାମ: ତୁମ୍ବେକେଲା, ଥାନାର ନାମ ଏବଂ ନଂ. ବଚରବଗା-୭, ତହସିଲ: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହୋଇଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| ୧ | ୧୦୦ | ୫୪୦ | ୦.୦୫୦ | ୦.୦୫୦ | ଆଟ ସାଧାରଣ | ନାରେନ ଧୁରୁଆ, ସୁଭଦ୍ରା ମାଝି, ପି.: ସନ୍ୟାସି ଧୁରୁଆ, ସରୋଜିନି ଧୁରୁଆ, ସ୍ୱା.: ସୁରେଶ ଧୁରୁଆ, ସଞ୍ଜୟ ଧୁରୁଆ, ପି.: ସୁରେଶ ଧୁରୁଆ, ଶକୁନ୍ତଳା ଧୁରୁଆ, ସ୍ୱା.: ସନ୍ୟାସି ଧୁରୁଆ, ଶ୍ରୀଚରଣ ଧୁଆ, ପି.: ଧୁବେଇ ଧୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | ୫୬୨ | ୦.୯୩୦ | ୦.୯୩୦ | ଆଟ ସାଧାରଣ | |
| | | ୭୨୭/୧୦୨୬ | ୦.୨୬୦ | ୦.୨୬୦ | ଆଟ ସାଧାରଣ | |
| | | ୭୨୯ | ୦.୫୬୦ | ୦.୫୬୦ | ଆଟ ସାଧାରଣ | |
| ୨ | ୧୬ | ୬୩୦ | ୦.୨୬୦ | ୦.୨୬୦ | ବାହାଲ ସାଧାରଣ | ମାଧବୀ ନାଥ, ସ୍ୱାମୀ: ଚକ୍ରଧର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ଶରତ ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ନାଥ, ପିତା: ଚକ୍ରଧର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ସରୋଜିନି ପାଣିଗ୍ରାହୀ, ସ୍ୱାମୀ: ପ୍ରଫୁଲ୍ଲ ପାଣିଗ୍ରାହୀ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| | | ୬୪୪ | ୧.୨୨୦ | ୧.୨୨୦ | ବାହାଲ ସାଧାରଣ | |
| | | ୬୪୮ | ୦.୧୮୦ | ୦.୧୮୦ | ମାଳ ସାଧାରଣ | |
| | | ୬୫୩ | ୦.୪୫୦ | ୦.୪୫୦ | ଆଟ ସାଧାରଣ | |
| | | ୭୪୪ | ୦.୩୧୦ | ୦.୩୧୦ | ଆଟ ସାଧାରଣ | |
| ୩ | ୧୭ | ୬୨୫ | ୦.୧୯୦ | ୦.୧୯୦ | ଆଟ ସାଧାରଣ | କାଶି ଚମାର, ପିତା: ତାରାଚାନ୍ଦ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୪ | ୨୧ | ୫୩୯ | ୦.୦୭୦ | ୦.୦୭୦ | ବାହାଲ ସାଧାରଣ | ଅକ୍ଷୟ ଭଇଁଷା, ପିତା: ରଘୁ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: କଣ୍ଟାଟିକିରା, ବୁଟୁ ଭଇଁଷା, ପିତା: ଖଟୁ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: କଣ୍ଟାଟିକିରା |
| | | ୫୫୬ | ୧.୦୭୦ | ୧.୦୭୦ | ଆଟ ସାଧାରଣ | |
| | | ୫୫୮ | ୦.୧୨୦ | ୦.୧୨୦ | ବାହାଲ ସାଧାରଣ | |
| | | ୫୬୧ | ୦.୪୯୦ | ୦.୪୯୦ | ଆଟ ସାଧାରଣ | |
| | | ୫୭୪ | ୦.୨୬୦ | ୦.୨୬୦ | ଆଟ ପାଣି ଏକ ଦୋଫସଲି | |
| ୫ | ୨୯ | ୬୧୯ | ୦.୮୬୦ | ୦.୮୬୦ | ବାହାଲ ସାଧାରଣ | ଚଇନୁ ସାହୁ, ପିତା: ଶ୍ୟାମ ସାହୁ, ଜାତି: ତେଲି, ବାସିନ୍ଦା: ନିଜଗାଁ, ମାଖୁନୁ ସାହୁ, ପିତା: ଶ୍ୟାମ ସାହୁ, ଜାତି: ତେଲି, ବାସିନ୍ଦା: ନିଜଗାଁ |
| ୬ | ୩୦ | ୬୭୩ | ୦.୧୫୦ | ୦.୧୫୦ | ଆଟ ସାଧାରଣ | ଜଗନ୍ନାଥ ଗଣ୍ଡା, ପିତା: ଅଇଁଠୁ ଗଣ୍ଡା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ |
| ୭ | ୩୧ | ୫୫୯ | ୦.୮୬୦ | ୦.୮୬୦ | ବାହାଲ ସାଧାରଣ | ଭିକାରୀ ଭଇଁଷା, ପିତା: ବିଡ଼େ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଭୁବନେଶ୍ୱର ଭଇଁଷା, ଜନ୍ମ ଭଇଁଷା, ଜେମାଦେଇ ଭଇଁଷା, ସ୍ୱାମୀ: ଜନ୍ମ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ବୁଟୁ ଭଇଁଷା, ଖଟୁ ଭଇଁଷା, ଅକ୍ଷୟ ଭଇଁଷା, କେଶନ୍ତି ଭଇଁଷା, ଗୌମତି କଉଡ଼ି, ଝର ଭଇଁଷ, ପିତା: ରଘୁ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଚିନ୍ତାମଣୀ ଭଇଁଷା, ଚନ୍ଦ୍ରମଣୀ ଭଇଁଷା, ପାକାଲା ଭଇଁଷା, ପିତା: ଯଦୁ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଦେବ ଭଇଁଷା, ଲୁରା ରବଣ, ମଧୁ ଭଇଁଷା, କେହେରୁ ଭଇଁଷା, ଶୈଳ କରଡ଼ି, ପିତା: ପୁରୁଷୋତ୍ତମ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଦିଲିପ କଉଡ଼ି, ସଦାନନ୍ଦ କଉଡ଼ି, ଦେବାନନ୍ଦ କଉଡ଼ି, ପିତା: ନାରାୟଣ କଉଡ଼ି, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, କୀର୍ତ୍ତନ ଭଇଁଷା, ପିତା: ପରନ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ମଞ୍ଜୁଲତା ଭଇଁଷା, ଦିନେଶ ଭଇଁଷା, ମନୋଜ ଭଇଁଷା, ଟିକେଶ୍ୱରୀ ଭଇଁଷା, ସ୍ୱାମୀ: ମନୋଜ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ମୁକ୍ତ ମକର, ପିତା: ପ୍ରହ୍ଲାଦ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ମୁଲଚାନ୍ଦ ଛଞାନ, ମନିଲାଲ ଛଞାନ, ଗୁଲୁଠୁ ଛଞାନ, ସୁରେଶ୍ୱରୀ ରାଉତ, ପିତା: ଶୁଭ୍ରମ ଛଞାନ, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଶଙ୍କର ଭଇଁଷା, ସ୍ୱରସ୍ୱତୀ ଷଣ୍ଢ, ଦ୍ରୌପଦୀ ପେରୁଆ, ଚମ୍ପାବତୀ ଭଇଁଷା, ପିତା: ବୈଷ୍ଣୋବ ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, ଶାନ୍ତି କଉଡ଼ି, ଦୁତିଆନନ୍ଦ କଉଡ଼ି, ରାକେଶ କଉଡ଼ି, ପିତା: ଦୁରିଆଚାନ୍ଦ କଉଡ଼ି, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ |
| | | ୫୫୯/୧୧୦୬ | ୦.୪୯୦ | ୦.୪୯୦ | ବାହାଲ ସାଧାରଣ | |
| | | ୫୭୦ | ୦.୪୭୦ | ୦.୪୭୦ | ଆଟ ସାଧାରଣ | |
| | | ୫୭୧ | ୦.୧୮୦ | ୦.୧୮୦ | ମାଳ ସାଧାରଣ | |
| | | ୫୭୨ | ୦.୩୨୦ | ୦.୩୨୦ | ବେର୍ଣ୍ଣା ସାଧାରଣ | |
| | | ୫୭୨/୧୧୦୭ | ୦.୧୨୦ | ୦.୧୨୦ | ବେର୍ଣ୍ଣା ସାଧାରଣ | |
| | | ୫୭୩ | ୦.୫୭୦ | ୦.୫୭୦ | ଆଟ ସାଧାରଣ | |
| ୮ | ୩୨ | ୬୮୮ | ୦.୨୪୦ | ୦.୧୬୦ | ଆଟ ସାଧାରଣ | ଦୁବରାଜ ଚମାର, ପିତା: ରତନୀ ଦୁବରାଜ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ଜମାକରମ ଚମାର, ପିତା: ଧୁବି ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ଜମ୍ମୁ ଚମାର, ସ୍ୱାମୀ: ଧୁବି ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ମହାଦେବ ଚମାର, ପିତା-ରତନା ଚମାର, ଜାତି-ଚମାର, ବାସିନ୍ଦା-ନିଜଗାଁ, ବସନ୍ତ ଚମାର, ପିତା: ଧୁବି ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ଦଶରଥି ଚମାର, ପିତା: ରତନା ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୯ | ୩୪ | ୬୮୭ | ୦.୧୩୦ | ୦.୧୩୦ | ଆଟ ସାଧାରଣ | ଲମ୍ବୋଦର ରୋହିଦାସ, ପାନବତୀ ରୋହିଦାସ, ପି.: ପୁରନ୍ଦର ରୋହିଦାସ, ଭଗ ରୋହିଦାସ, ସ୍ୱା.: ଉତ୍ତମ ରୋହିଦାସ, ଜା: ଚମାର, ବା: ନିଜଗାଁ |
| ୧୦ | ୩୭ | ୬୦୨ | ୦.୨୩୦ | ୦.୨୩୦ | ବାହାଲ ସାଧାରଣ | ଦଶରଥ ଚମାର, ପି.: ପିଛାଲୁ ଚମାର, ଛେଳିଆ ଚମାର, ପି.: ଯୁଗି ଚମାର, ରୂପଧର ଚମାର, ପି.: ଭୁନ୍ଦୁ ଚମାର, କେପା ଚମାର, ହରିହର ଚମାର, ମୁନୁ ଚମାର, ନୁପ ଚମାର, ପି.: ବଳଦେବ ଚମାର, ଗୌରୀ ଚମାର, ସ୍ୱା-ବଳଦେବ ଚମାର, ନିରଞ୍ଜନ ଚମାର, ପି-ବାମଦେବ ଚମାର, ଜନ୍ମ ରୋହିଦାସ, ପି.: ଯୁଯେଷ୍ଟି ରୋହିଦାସ, ମାଲା ଚମାର, ସ୍ୱା.: ମହାଦେବ ଚମାର, ଜା: ଚମାର, ବା: ହିରିମା |
| | | ୭୨୬ | ୦.୩୫୦ | ୦.୩୫୦ | ଆଟ ସାଧାରଣ | |
| ୧୧ | ୪ | ୬୮୬ | ୦.୩୩୦ | ୦.୩୩୦ | ଆଟ ସାଧାରଣ | ଅନାଦୀ ଚମାର, ପି.: ତାରାଚାନ୍ଦ ଚମାର, ରମ୍ଭା ଚମାର, ସ୍ୱା.: ତାରାଚାନ୍ଦ ଚମାର, ଜା: ଚମାର, ବା: ନିଜଗାଁ |
| | | ୭୪୧ | ୦.୩୫୦ | ୦.୩୫୦ | ଆଟ ସାଧାରଣ | |
| ୧୨ | ୪୦ | ୬୨୦ | ୧.୩୩୦ | ୧.୩୩୦ | ଆଟ ସାଧାରଣ | ବନମାଳି ଧୁରୁଆ, ପିତା: ମାଧ ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଦଶରଥ ଧୁରୁଆ, ପିତା: ଶଙ୍କ ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଦୁଃଖି ଧୁରୁଆ, ସ୍ୱାମୀ: ଖଡୁ ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଗୌତମ ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଖଡ଼ି ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ପୁରୁଷୋତ୍ତମ ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ରେବତି ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ସୁକମୁନୀ ଧୁରୁଆ, ସ୍ୱାମୀ: ଶଙ୍କର ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ |
| ୧୩ | ୪୧ | ୭୪୮ | ୦.୧୩୦ | ୦.୧୩୦ | ଆଟ ସାଧାରଣ | ଦୁଃଖି ଧୁରୁଆ, ସ୍ୱାମୀ: ଖଡୁ ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଗୌତମ ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ଖଡ଼ି ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ପୁରୁଷୋତ୍ତମ ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ରେବତି ଧୁରୁଆ, ପିତା: ଅଚ୍ୟୁତା ଧୁରୁଆ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ |
| ୧୪ | ୪୫ | ୫୬୬ | ୦.୩୧୦ | ୦.୩୧୦ | ଆଟ ସାଧାରଣ | ଦୁର୍ଗାପ୍ରସାଦ ସେଟ୍, ପିତା: ଗୁମାନୁ ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ, ପୂର୍ଣ୍ଣିମା ସେଟ୍, ପିତା: ଗୁର୍ମାନୁ ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ, ଉକିଆ ସେଟ୍, ପିତା: ଗୁମାନୁ ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ |
| ୧୫ | ୪୭ | ୬୪୬ | ୦.୧୭୦ | ୦.୧୭୦ | ଆଟ ସାଧାରଣ | ବଳରାମ ପଣ୍ଡା, ଜୟରାମ ପଣ୍ଡା, ପର୍ଶୁରାମ ପଣ୍ଡା, ପିତା: ହରିଶଙ୍କର ପଣ୍ଡା, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ଲିପସା ନାଥ, ସୌମ୍ୟ ରଞ୍ଜନ ଧର, ପିତା: ଚରଣୀ ଧର, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ସଞ୍ଜୁକ୍ତା ପାଣିଗ୍ରାହୀ, କମଳିନି ତ୍ରିପାଠୀ, ଆଶାବତି ନାୟକ, ପିତା: ଦୁବରାଜ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ସୌଦାମିନି ବିଶ୍ୱାଳ, ସୁବାସିନ ପଣ୍ଡା, ପ୍ରଭାସିନି ପଣ୍ଡା, ପିତା: କଲାଚାନ୍ଦ ଧର, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| ୧୬ | ୪୮ | ୫୮୪ | ୦.୩୦୦ | ୦.୩୦୦ | ଆଟ ସାଧାରଣ | ଲକ୍ଷ୍ମୀ ପାରେଖ, ନିତ୍ୟାନନ୍ଦ ପାରେଖ, ବୃଷବ ପାରେଖ, ମୋହନ ପାରେଖ, ଏସ୍ ପାଉଲେ, ପିତା: କାର୍ତ୍ତିକ ପାଉଲେ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ, ରାକେଶ ପାରେଖ, ନିତ୍ୟାନନ୍ଦ ପାରେଖ, ସୁଲୋଚନା ରାହଶ ନାୟକ ମରେଇ, ପିତା: ସାଗର ମରେଇ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ |
| | | ୫୯୫ | ୦.୦୮୦ | ୦.୦୮୦ | ଆଟ ସାଧାରଣ | |
| | | ୫୯୭ | ୦.୭୨୦ | ୦.୭୨୦ | ବାହାଲ ସାଧାରଣ | |
| | | ୫୯୯ | ୦.୦୭୦ | ୦.୦୭୦ | ବାହାଲ ସାଧାରଣ | |
| | | ୬୦୧ | ୦.୧୬୦ | ୦.୧୬୦ | ବାହାଲ ସାଧାରଣ | |
| | | ୬୧୧ | ୦.୦୬୦ | ୦.୦୬୦ | ବାହାଲ ସାଧାରଣ | |
| | | ୬୧୩ | ୦.୨୬୦ | ୦.୨୬୦ | ମାଳ ସାଧାରଣ | |
| | | ୬୧୫ | ୦.୪୭୦ | ୦.୪୭୦ | ମାଳ ସାଧାରଣ | |
| | | ୬୬୨/୧୦୧୫ | ୦.୨୨୦ | ୦.୨୨୦ | ଆଟ ସାଧାରଣ | |
| | | ୬୬୯ | ୦.୨୨୦ | ୦.୨୨୦ | ଆଟ ସାଧାରଣ | |
| ୧୭ | ୪୯ | ୫୯୬ | ୦.୨୪୦ | ୦.୨୪୦ | ଆଟ ସାଧାରଣ | ଦେବେନ ପଧାନ, ପିତା: ଶତ୍ରୁଘନ ପଧାନ, ଜାତି: ଗଣ୍ଡ, ବାସିନ୍ଦା: ନିଜଗାଁ |
| | | ୫୯୮ | ୦.୭୩୦ | ୦.୭୩୦ | ବାହାଲ ସାଧାରଣ | |
| | | ୬୦୦ | ୦.୧୮୦ | ୦.୧୮୦ | ବାହାଲ ସାଧାରଣ | |
| | | ୬୧୪ | ୦.୨୫୦ | ୦.୨୫୦ | ବେର୍ଣ୍ଣା ସାଧାରଣ | |
| | | ୬୨୧ | ୦.୨୫୦ | ୦.୨୫୦ | ମାଳ ସାଧାରଣ | |
| | | ୬୬୮ | ୦.୬୬୦ | ୦.୬୬୦ | ମାଳ ସାଧାରଣ | |
| | | ୭୪୦ | ୦.୭୨୦ | ୦.୭୨୦ | ଆଟ ସାଧାରଣ | |
| | | ୭୪୪/୧୦୨୯ | ୦.୩୪୦ | ୦.୩୪୦ | ଆଟ ସାଧାରଣ | |
| ୧୮ | ୫୦ | ୫୩୫ | ୦.୩୦୦ | ୦.୩୦୦ | ବାହାଲ ସାଧାରଣ | ଧନମାଳି ସେଟ୍, ପିତା: ଚମାର ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ |
| ୧୯ | ୫୧ | ୫୩୬ | ୦.୩୫୦ | ୦.୩୫୦ | ବାହାଲ ସାଧାରଣ | ଧନମାଳି ସେଟ୍, ପିତା: ଚମାର ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ, ଘସିଆନ୍ ସେଟ୍, ସ୍ୱାମୀ: ଚମାର ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ |
| | | ୫୮୧ | ୦.୦୮୦ | ୦.୦୮୦ | ବାହାଲ ସାଧାରଣ | |
| | | ୫୮୨ | ୦.୫୬୦ | ୦.୫୬୦ | ବାହାଲ ସାଧାରଣ | |
| | | ୫୮୫ | ୦.୭୦୦ | ୦.୭୦୦ | ଆଟ ସାଧାରଣ | |
| ୨୦ | ୫୪ | ୫୬୫ | ୦.୫୦୦ | ୦.୫୦୦ | ଆଟ ସାଧାରଣ | ଶକୁନ୍ତଳା ଧୁରୁଆ, ସ୍ୱା.: ସନ୍ୟାସୀ ଧୁରୁଆ, ନାରେନ ଧୁରୁଆ, ସୁରେଶ ଧୁରୁଆ, ଶୁଭଦ୍ରା ମାଝି, ପି.: ସନ୍ୟାସୀ ଧୁରୁଆ, ଶ୍ରୀଚରଣ ଧୁରୁଆ, ପି.: ଧୁବେଇ ଧୁରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | ୭୧୭ | ୦.୩୩୦ | ୦.୩୩୦ | ଆଟ ସାଧାରଣ | |
| | | ୭୨୭ | ୧.୦୦୦ | ୧.୦୦୦ | ଆଟ ସାଧାରଣ | |
| | | ୬୨୯/୧୦୨୫ | ୦.୩୦୦ | ୦.୩୦୦ | ଆଟ ସାଧାରଣ | |
| ୨୧ | ୬ | ୫୭୭ | ୦.୧୦୦ | ୦.୧୦୦ | ବାହାଲ ସାଧାରଣ | ଅଭିମନ୍ୟୁ ନାଥ, ପିତା: ତ୍ରିଲୋଚନ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ନିତ୍ୟାନନ୍ଦ ନାଥ, ପିତା: ପରମେଶ୍ୱର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ସଚ୍ଚିଦାନନ୍ଦ ନାଥ, ପିତା: ପରମେଶ୍ୱର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ସୋମନାଥ ନାଥ, ପିତା: ଲକ୍ଷ୍ମୀପତି ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ଟିକେଶ୍ୱର ନାଥ, ପିତା: ଲକ୍ଷ୍ମୀପତି ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ |
| | | ୫୭୭/୧୦୯୮ | ୦.୧୯୦ | ୦.୧୯୦ | ବାହାଲ ସାଧାରଣ | |
| | | ୬୧୮/୧୧୦୦ | ୦.୧୮୦ | ୦.୧୮୦ | ବାହାଲ ସାଧାରଣ | |
| ୨୨ | ୬୦ | ୬୭୪ | ୦.୧୭୦ | ୦.୧୭୦ | ଆଟ ସାଧାରଣ | ପରମାନନ୍ଦ ଗଣ୍ଡା, ରସାନନ୍ଦ ଗଣ୍ଡା, ପି.: ଦୁର୍ଯ୍ୟୋଧନ ଗଣ୍ଡା, ଅପୂର୍ବ ଗଣ୍ଡା, ସ୍ୱା.: ଦୁର୍ଯ୍ୟୋଧନ ଗଣ୍ଡା, ଦଳଗଞ୍ଜନ ଗଣ୍ଡା, ସନାତନ ଗଣ୍ଡା, ପି.: ବନ୍ଧୁ ଗଣ୍ଡା, ତାରା ଗଣ୍ଡା, ସ୍ୱା.: ବନ୍ଧୁ ଗଣ୍ଡା, କୁମ୍ଭକର୍ଣ୍ଣ ଗଣ୍ଡା, ପି.: ସିନ୍ଧୁ ଗଣ୍ଡା, ଫୁଲତୁଳି ଗଣ୍ଡା, ସ୍ୱା.: ସିନ୍ଧୁ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | | ୬୭୭ | ୦.୩୯୦ | ୦.୩୯୦ | ଆଟ ସାଧାରଣ | |
| | | ୬୭୯ | ୦.୫୨୦ | ୦.୫୨୦ | ଆଟ ସାଧାରଣ | |
| | | ୬୭୯/୧୦୩୨ | ୦.୦୬୦ | ୦.୦୬୦ | ନଦୀ | |
| ୨୩ | ୬୧ | ୫୮୯ | ୦.୫୪୦ | ୦.୫୪୦ | ଆଟ ସାଧାରଣ | ଭିକାରୀ ସେଟ୍, ପିତା: ଭକ୍ତ ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ |
| | | ୭୨୦/୧୦୩୬ | ୦.୦୬୦ | ୦.୦୬୦ | ବେର୍ଣ୍ଣା ସାଧାରଣ | |
| ୨୪ | ୬୨ | ୬୭୧ | ୦.୨୦୦ | ୦.୨୦୦ | ଆଟ ସାଧାରଣ | ପୁଇନ ଗଣ୍ଡା, ବୁଧୁ ଗଣ୍ଡା, ରତନା ଗଣ୍ଡା, ପି.: ଚିନ୍ତା ଗଣ୍ଡା, ମଙ୍ଗୁଲୁ ଗଣ୍ଡା, ବକ୍ସ ଗଣ୍ଡା, ସନ୍ତୋଷ ଗଣ୍ଡା, ପି.: ହୀରା ଗଣ୍ଡା, ସୁବର୍ଣ୍ଣା ଗଣ୍ଡା, ସ୍ୱା.: ହୀରା ଗଣ୍ଡା, ଜା: ଗଣ୍ଡା, ବା: ଘୁଙ୍ଗିପାଲି |
| ୨୫ | ୬୫ | ୬୬୭ | ୦.୦୭୦ | ୦.୦୭୦ | ଆଟ ସାଧାରଣ | ଫୁଲଟୁଲି ଘୁଙ୍ଗୁରା, ସ୍ୱାମୀ: ପିତାମ୍ବର ଘୁଙ୍ଗୁରା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ |
| | | ୬୭୮ | ୦.୩୧୦ | ୦.୩୧୦ | ଆଟ ସାଧାରଣ | |
| | | ୬୭୯/୧୦୩୧ | ୦.୧୮୦ | ୦.୧୮୦ | ଆଟ ସାଧାରଣ | |
| | | ୬୮୦ | ୦.୨୦୦ | ୦.୨୦୦ | ଆଟ ସାଧାରଣ | |
| | | ୬୮୧ | ୦.୨୧୦ | ୦.୨୧୦ | ଆଟ ସାଧାରଣ | |
| ୨୬ | ୬୭ | ୭୪୭ | ୦.୧୨୦ | ୦.୧୨୦ | ଆଟ ସାଧାରଣ | ବିଦ୍ୟା ଚମାର, ପିତା: ଛବି ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ଇନ୍ଦିରା ଚମାର, ପିତା: ଛବି ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ଖେଡ଼ି ଚମାର, ପିତା: କାଳିଆ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୨୭ | ୬୮ | ୬୩୧ | ୦.୨୫୦ | ୦.୨୫୦ | ବାହାଲ ସାଧାରଣ | ବିଦେଶୀ ନାଥ, ପିତା: ଗଙ୍ଗାଧର ନାଥ, ଜାତି: ବ୍ରହ୍ମଣ, ବାସିନ୍ଦା: ନିଜଗାଁ, ଜଗଦିଶ ନାଥ, ପିତା: ଗଙ୍ଗାଧର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| | | ୬୪୫ | ୦.୬୭୦ | ୦.୬୭୦ | ବାହାଲ ସାଧାରଣ | |
| | | ୬୪୯ | ୦.୧୨୦ | ୦.୧୨୦ | ମାଳ ସାଧାରଣ | |
| | | ୬୫୨ | ୦.୨୮୦ | ୦.୨୮୦ | ଆଟ ସାଧାରଣ | |
| | | ୭୩୯ | ୦.୪୫୦ | ୦.୪୫୦ | ଆଟ ସାଧାରଣ | |
| | | ୭୪୨ | ୦.୩୬୦ | ୦.୩୬୦ | ଆଟ ସାଧାରଣ | |
| ୨୮ | ୭୦ | ୫୩୮ | ୦.୭୦୦ | ୦.୭୦୦ | ବାହାଲ ସାଧାରଣ | ଭାଗିରଥି ନାଥ, ପିତା: ଚିନାମାଳି ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ବୃଷଭାନୁ ନାଥ, ପିତା: ଯୁଧିଷ୍ଠିର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ମୁରଲି ନାଥ, ପିତା: ଦୁର୍ଯ୍ୟୋଧନ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ନିତ୍ୟାନନ୍ଦ ନାଥ, ପିତା: ପରମେଶ୍ୱର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ସଚ୍ଚିଦାନନ୍ଦ ନାଥ, ପିତା: ପରମେଶ୍ୱର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ସୁରେଶ ନାଥ, ପିତା: ଦୁର୍ଯ୍ୟୋଧନ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ, ସୁରେଶ୍ୱରୀ ନାଥ, ସ୍ୱାମୀ: ଚିନାମାଳି ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ଠେଲକୋଲୋଇ |
| | | ୫୭୬ | ୦.୩୦୦ | ୦.୩୦୦ | ଆଟ ସାଧାରଣ | |
| ୨୯ | ୭୭ | ୫୩୭ | ୦.୨୫୦ | ୦.୨୫୦ | ବାହାଲ ସାଧାରଣ | ମହାଦେବ ଗଣ୍ଡା, ପିତା: ବୁନ୍ଦା ଗଣ୍ଡା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ, ଋଷି ଗଣ୍ଡା, ପିତା: ବାସୁଦେବ ଗଣ୍ଡା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ, ସଦାନନ୍ଦ ଗଣ୍ଡା, ପିତା: ବାସୁଦେବ ଗଣ୍ଡା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ, ସଦାଶିବ ଗଣ୍ଡା, ପିତା: ବାସୁଦେବ ଗଣ୍ଡା, ଜାତି: ଗଣ୍ଡା, ବାସିନ୍ଦା: ନିଜଗାଁ |
| | | ୬୭୨ | ୦.୧୬୦ | ୦.୧୬୦ | ଆଟ ସାଧାରଣ | |
| ୩୦ | ୮୦ | ୭୪୬ | ୦.୩୬୦ | ୦.୩୬୦ | ମାଳ ସାଧାରଣ | ବଚନ ଚମାର, ସ୍ୱାମୀ: ସତ୍ୟାନନ୍ଦ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ମୁଟୁରି ଚମାର, ପିତା: ସତ୍ୟାନନ୍ଦ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୩୧ | ୮୧ | ୭୪୫ | ୦.୩୪୦ | ୦.୩୪୦ | ଆଟ ସାଧାରଣ | କେତକି ରୋହିଦାସ, ସମାରୁ ରୋହିଦାସ, ମିଶ୍ର ରୋହିଦାସ, ଖସରା ରୋହିଦାସ, ପିତା: ସମାରୁ ରୋହିଦାସ, ଜାତି: ଚମାର, ବାସିନ୍ଦା: ନିଜଗାଁ, ମୁରଲି ରୋହିଦାସ, ଲୁଭ ରୋହିଦାସ, କୁଶ ରୋହିଦାସ, କାତି ରୋହିଦାସ, ପିତା: ମୁନୁ ଚମାର, ଜାତି: ଚମାର, ବାସିନ୍ଦା: ନିଜଗାଁ, ସୌଦାଗର ରୋହିଦାସ, ସୁନ୍ଦାର ରୋହିଦାସ, କୃଷ୍ଣଚନ୍ଦ୍ର ରୋହିଦାସ, ପିତା: ସନ୍ତୋଷ ରୋହିଦାସ, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୩୨ | ୮୩ | ୫୬୯ | ୦.୫୪୦ | ୦.୫୪୦ | ଆଟ ସାଧାରଣ | ଦୈମତୀ ସେଟ୍, ସ୍ୱାମୀ: ଦୁବରାଜ ସେଟ୍, ଜାତି: କେଉଁଟ, ବାସିନ୍ଦା: ନିଜଗାଁ, ରାମେଶ୍ୱର ସେଟ୍, ପିତା: ଦୁବରାଜ ସେଟ୍, ଜାତି: କେଉଟ, ବାସିନ୍ଦା: ନିଜଗାଁ |
| | | ୭୨୧ | ୦.୦୪୦ | ୦.୦୪୦ | ବେର୍ଣ୍ଣା ସାଧାରଣ | |
| | | ୭୨୨ | ୦.୦୯୦ | ୦.୦୯୦ | ଆଟ ସାଧାରଣ | |
| ୩୩ | ୮୬ | ୫୬୪ | ୦.୪୪୦ | ୦.୪୪୦ | ଆଟ ସାଧାରଣ | ଆଦିତ୍ୟ ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ମୋତିଲାଲ ଇନ୍ଦ୍ରାଣି ପାଢ଼ୀ, ମନପ୍ରଞ୍ଜନ ମିଶ୍ର, ପିତା: ଗଜରାଜ ମିଶ୍ର, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ଧନଞ୍ଜୟ ମୋହପାତ୍ର, ପିତା: ବୃନ୍ଦାବନ ମୋହାପାତ୍ର, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ, ଲୋକେଶ୍ୱର ମିଶ୍ର, ପିତା: ନିତ୍ୟାନନ୍ଦ ମିଶ୍ର, ଜାତି: ବ୍ରାହ୍ମଣ, ବାସିନ୍ଦା: ମଙ୍ଗସପୁର, ଜିଲ୍ଲା: ସୁନ୍ଦରଗଡ଼ |
| | | ୭୦୯ | ୦.୪୩୦ | ୦.୪୩୦ | ଆଟ ସାଧାରଣ | |
| | | ୭୧୪ | ୦.୨୫୦ | ୦.୨୫୦ | ବାହାଲ ସାଧାରଣ | |
| | | ୬୨୩ | ୦.୭୩୦ | ୦.୭୩୦ | ବାହାଲ ସାଧାରଣ | |
| | | ୭୨୮ | ୦.୧୧୦ | ୦.୧୧୦ | ଆଟ ସାଧାରଣ | |
| | | ୭୩୩ | ୧.୪୨୦ | ୧.୪୨୦ | ଆଟ ସାଧାରଣ | |
| | | ୭୩୫ | ୧.୦୮୦ | ୧.୦୮୦ | ଆଟ ସାଧାରଣ | |
| ୩୪ | ୯୦ | ୬୪୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ସନାତନ ନାଥ, ପିତା: ଦୁବରାଜ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| ୩୫ | ୯୯/୧୧୨ | ୬୨୨/୧୧୫୫ | ୦.୧୩୦ | ୦.୧୩୦ | ଆଟ ସାଧାରଣ | ଅନ୍ତର୍ଯ୍ୟାମୀ ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ଜିଲ୍ଲା: ଝାରସୁଗୁଡ଼ା, ଦାମୋଦର ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ଜିଲ୍ଲା: ଝାରସୁଗୁଡ଼ା |
| | | ୬୨୩/୧୧୫୬ | ୦.୧୮୦ | ୦.୧୮୦ | ମାଳ ସାଧାରଣ | |
| | | ୬୫୫/୧୧୫୭ | ୦.୪୦୦ | ୦.୪୦୦ | ଆଟ ସାଧାରଣ | |
| ୩୬ | ୯୯/୧୨୭ | ୬୨୫ | ୦.୮୯୦ | ୦.୮୯୦ | ଘରବାରି | ଅରୁଣା ସିଂହ, ସ୍ୱାମୀ: ଅର୍ଜୁନ ସିଂହ, ଜାତି: ରାଜପୁତ, ବାସିନ୍ଦା: ମ୍ୟାନ୍‌ରୋଡ଼, ଥାନା: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡ଼ା, ଓଶେନ୍ ସିଂହ, ପିତା: ଅର୍ଜୁନ ସିଂହ, ଜାତି: ରାଜପୁତ, ବାସିନ୍ଦା: ମ୍ୟାନ୍‌ରୋଡ଼, ଥାନା: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡ଼ା |
| ୩୭ | ୯୯/୧୩୮ | ୬୨୪/୧୩୪୬ | ୦.୨୬୦ | ୦.୨୬୦ | ବେର୍ଣ୍ଣା ସାଧାରଣ | ଅନ୍ତର୍ଯ୍ୟାମୀ ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ଜିଲ୍ଲା: ଝାରସୁଗୁଡ଼ା, ଦାମୋଦର ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ଜିଲ୍ଲା: ଝାରସୁଗୁଡ଼ା |
| ୩୮ | ୯୯/୧୫୦ | ୫୫୯/୧୩୫୩ | ୦.୫୪୦ | ୦.୫୪୦ | ବାହାଲ ସାଧାରଣ | ଜାମୋବତି ରକ୍ସା, ସ୍ୱାମୀ: ବିକ୍ରମ ରକ୍ସା, ଜାତି: ଗୌଡ଼, ବାସିନ୍ଦା: ଖେରୁଆଲ, କଲାଟିକିରା, ଜିଲ୍ଲା: ଝାରସୁଗୁଡ଼ା |
| | | ୫୭୦/୧୩୫୧ | ୦.୪୬୦ | ୦.୪୬୦ | ଆଟ ସାଧାରଣ | |
| ୩୯ | ୯୯/୧୬୯ | ୬୨୪ | ୦.୨୭୦ | ୦.୨୭୦ | ବେର୍ଣ୍ଣା ସାଧାରଣ | ଅନ୍ତର୍ଯ୍ୟାମୀ ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ଜିଲ୍ଲା: ଝାରସୁଗୁଡ଼ା, ଦାମୋଦର ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| ୪୦ | ୯୯/୧୭୬ | ୬୭୦ | ୦.୩୨୦ | ୦.୩୨୦ | ଆଟ ସାଧାରଣ | ମୋତିଲାଲ ମେହେର, ପିତା: କାଶି ମେହେର, ଜାତି: ଚମାର, ବାସିନ୍ଦା: ନିଜଗାଁ |
| | | ୬୮୨ | ୦.୬୪୦ | ୦.୬୪୦ | ଆଟ ସାଧାରଣ | |
| | | ୬୮୪ | ୦.୨୩୦ | ୦.୨୩୦ | ଆଟ ସାଧାରଣ | |
| | | ୬୮୫ | ୦.୨୧୦ | ୦.୨୧୦ | ଆଟ ସାଧାରଣ | |
| ୪୧ | ୯୯/୧୮ | ୬୦୬ | ୦.୮୦୦ | ୦.୮୦୦ | ବାହାଲ ସାଧାରଣ | ମନବୋଧ ପାଣିଗ୍ରାହୀ, ପିତା: ଉପେନ୍ଦ୍ର ପାଣିଗ୍ରାହୀ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| | | ୬୦୯ | ୦.୨୪୦ | ୦.୨୪୦ | ବାହାଲ ସାଧାରଣ | |
| | | ୬୧୦ | ୦.୫୪୦ | ୦.୫୪୦ | ବେର୍ଣ୍ଣା ସାଧାରଣ | |
| ୪୨ | ୯୯/୧୮୮ | ୫୬୬/୧୩୭୩ | ୦.୧୬୦ | ୦.୧୬୦ | ଆଟ ସାଧାରଣ | ଦନାର୍ଦ୍ଦନ ନାୟକ, ପିତା: ଅଇଁଠା ନାୟକ, ଜାତି: କେଉଁଟ, ବାସିନ୍ଦା: ଠେଲକୋଲୋଇ, ଜିଲ୍ଲା: ସମ୍ବଲପୁର, ସଂକୀର୍ତ୍ତନ ନାୟକ, ପିତା: ଅଇଁଠା ନାୟକ, ଜାତି: କେଉଁଟ, ବାସିନ୍ଦା: ଠେଲକୋଲୋଇ |
| ୪୩ | ୯୯/୧୯ | ୬୬୭/୧୧୭୯ | ୦.୦୮୦ | ୦.୦୮୦ | ଆଟ ସାଧାରଣ | କୁମ୍ଭକର୍ଣ୍ଣ ଘୁଗର, ପିତା: ସିନ୍ଧୁ ଘୁଗର, ଜାତି: ଗଣ୍ଡା, ବାସିନ୍ଦା: ଘୁଙ୍ଗିପାଲି |
| | | ୬୮୦/୧୧୮୦ | ୦.୧୦୦ | ୦.୧୦୦ | ଆଟ ସାଧାରଣ | |
| ୪୪ | ୯୯/୨ | ୫୫୫ | ୦.୫୯୦ | ୦.୫୯୦ | ଆଟ ସାଧାରଣ | ପଲାଉ କିସାନ, ପିତା: ଖଗେଶ୍ୱର କିସାନ, ଜାତି: କିସାନ, ବାସିନ୍ଦା: ନିଜଗାଁ |
| | | ୬୦୩ | ୦.୧୪୦ | ୦.୧୪୦ | ବାହାଲ ସାଧାରଣ | |
| | | ୬୦୪ | ୦.୧୭୦ | ୦.୧୭୦ | ବାହାଲ ସାଧାରଣ | |
| | | ୬୦୫ | ୦.୧୭୦ | ୦.୧୭୦ | ବାହାଲ ସାଧାରଣ | |
| ୪୫ | ୯୯/୨୦ | ୬୮୮/୧୧୮୨ | ୦.୦୭୦ | ୦.୦୭୦ | ଆଟ ସାଧାରଣ | ଶୁଭକେଶୀ ରୋହିଦାସ, ସ୍ୱାମୀ: ଅଭି ଲୋହିଦାସ, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୪୬ | ୯୯/୨୦୧ | ୫୭୯ | ୦.୨୭୦ | ୦.୦୭୦ | ଆଟ ସାଧାରଣ | ସରୋଜିନି ମୋହାନ୍ତି, ସ୍ୱାମୀ: ଗୋଲକ ଚନ୍ଦ୍ର ମୋହାନ୍ତି, ଜାତି: କରଣ, ବାସିନ୍ଦା: ମଙ୍ଗଳବଜାର, ଝାରସୁଗୁଡ଼ା |
| | | ୬୧୬ | ୦.୬୮୦ | ୦.୬୮୦ | ଆଟ ସାଧାରଣ | |
| ୪୭ | ୯୯/୨୪୫ | ୬୮୯ | ୦.୮୨୦ | ୦.୮୨୦ | ଘରବାରି | ରିତେଶ ସାହୁ, ପିତା: କିଶୋର ପ୍ରସାଦ ସାହୁ, ଜାତି: ଶୁଣ୍ଡି, ବାସିନ୍ଦା: ଲୋହରଦେଗା, ଥାନା/ଜିଲ୍ଲା: ରାଞ୍ଚି, ଝାରଖଣ୍ଡ, ବର୍ତ୍ତମାନ ଠିକଣା: ବଡ଼ ବଜାର, ଥାନା/ଜିଲ୍ଲା: ସମ୍ବଲପୁର |
| ୪୮ | ୯୯/୨୬୨ | ୭୧୮ | ୦.୧୫୦ | ୦.୧୫୦ | ଆଟ ସାଧାରଣ | ରୋହିତୋସ ରୋହିଦାସ, ପିତା: କୃପା ରୋହିଦାସ, ଜାତି: ଚମାର, ବାସିନ୍ଦା: ବୃନ୍ଦମାଲ, ଝାରସୁଗୁଡ଼ା |
| | | ୭୧୯ | ୦.୦୬୦ | ୦.୦୬୦ | ଆଟ ସାଧାରଣ | |
| | | ୭୨୦ | ୦.୦୬୦ | ୦.୦୬୦ | ବେର୍ଣ୍ଣା ସାଧାରଣ | |
| ୪୯ | ୯୯/୨୬୬ | ୬୯୦/୧୪୦୫ | ୦.୦୫୦ | ୦.୦୫୦ | ଆଟ ସାଧାରଣ | ସରୋଜ ଗୁପ୍ତା, ସ୍ୱାମୀ: ସଚ୍ଚିଦାନନ୍ଦ ପ୍ରସାଦ ଗୁପ୍ତା, ଜାତି: ଗୁପ୍ତା, ବାସିନ୍ଦା: ମହାରାଜପୁର, ଅଧରତଲା, ଜିଲ୍ଲା: ଜବଲପୁର, ମଧ୍ୟପ୍ରଦେଶ, ବର୍ତ୍ତମାନ ଠିକଣା: ଠେଲକୋଲୋଇ, ଜିଲ୍ଲା: ସମ୍ବଲପୁର |
| ୫୦ | ୯୯/୨୬୭ | ୬୯୦/୧୪୦୬ | ୦.୦୫୦ | ୦.୦୫୦ | ଆଟ ସାଧାରଣ | ସନ୍ତୋଷ କୁମାରୀ, ସ୍ୱାମୀ: ଜନାର୍ଦ୍ଦନ ଯାଦାବ, ଜାତି: ଯାଦବ, ବାସିନ୍ଦା: ରାୟପୁର, ଥାନା: ସାଲୋନେ, ଜିଲ୍ଲା: ରାଇବେରେଲି, ଉତ୍ତରପ୍ରଦେଶ, ବର୍ତ୍ତମାନ ଠିକଣା: ଠେଲକୋଲୋଇ, ଜିଲ୍ଲା: ସମ୍ବଲପୁର |
| ୫୧ | ୯୯/୨୬୮ | ୬୯୦/୧୩୨୧ | ୦.୦୫୦ | ୦.୦୫୦ | ଆଟ ସାଧାରଣ | ରାଗନି ଦେବୀ, ସ୍ୱାମୀ: ବୈଦ୍ୟନାଥ ରାୟ, ଜାତି: ଯାଦବ, ବାସିନ୍ଦା: ଚୌକିପଡ଼ା, ଝାରସୁଗୁଡ଼ା, ଠେଲକୋଲୋଇ, ସମ୍ବଲପୁର |
| ୫୨ | ୯୯/୨୬୯ | ୬୯୦/୧୩୨୦ | ୦.୦୫୦ | ୦.୦୫୦ | ଆଟ ସାଧାରଣ | ରାମ ସୁମର ଯାଦବ, ପିତା: ଶଙ୍କର ଯାଦବ, ଜାତି: ଯାଦବ, ବାସିନ୍ଦା: ଗଡ଼ିୟାନ, ଥାନା: ଉଡ଼ିଖାନ, ଜିଲ୍ଲା: ରାଇବେରେଲି, ଉତ୍ତରପ୍ରଦେଶ, ଠେଲକୋଲୋଇ, ଜିଲ୍ଲା: ସମ୍ବଲପୁର |
| ୫୩ | ୯୯/୨୭୯ | ୫୯୦/୧୪୧୨ | ୦.୩୦୦ | ୦.୩୦୦ | ଆଟ ସାଧାରଣ | ଦେବାନନ୍ଦା ମହାଲିଙ୍ଗା, ପିତା: ମୀନକେତନ ମହାଲିଙ୍ଗା, ଜାତି: କେଉଟ, ବାସିନ୍ଦା: ସୁନ୍ଦରଗଡ଼ |
| ୫୪ | ୯୯/୨୮୦ | ୫୯୦ | ୦.୨୪୦ | ୦.୨୪୦ | ଆଟ ସାଧାରଣ | ପ୍ରଶାନ୍ତ ସେଠୀ, ପିତା: ସାଧୁଚରଣ ସେଠୀ, ଜାତି: ଧୋବା, ବାସିନ୍ଦା: ସୁନ୍ଦରଗଡ଼ |
| ୫୫ | ୯୯/୨୯ | ୬୦୭ | ୦.୩୯୦ | ୦.୩୯୦ | ବାହାଲ ସାଧାରଣ | ପଲାଉ କିସାନ, ପିତା: ଖଗେଶ୍ୱର କିସାନ, ଜାତି: କିସାନ, ବାସିନ୍ଦା: ବରାକେଲା |
| | | ୬୦୮ | ୦.୦୯୦ | ୦.୦୯୦ | ବାହାଲ ସାଧାରଣ | |
| ୫୬ | ୯୯/୩୦ | ୫୬୦ | ୦.୬୭୦ | ୦.୬୭୦ | ଆଟ ସାଧାରଣ | ପଲାଉ କିସାନ, ପିତା: ଖଗେ କିସାନ, ଜାତି: କିସାନ, ବାସିନ୍ଦା: ତରେକେଲା |
| ୫୭ | ୯୯/୩୪ | ୫୬୮ | ୦.୧୫୦ | ୦.୧୫୦ | ଆଟ ସାଧାରଣ | ଗୋଲକ ଚନ୍ଦ୍ର ମୋହାନ୍ତି, ପିତା: ନିଲାଦ୍ରୀ ଚରଣ ମୋହାନ୍ତି, ଜାତି: କରଣ, ବାସିନ୍ଦା: ଝାରସୁଗୁଡ଼ା ମଙ୍ଗଳବଜାର |
| | | ୫୭୮ | ୦.୨୮୦ | ୦.୨୮୦ | ଆଟ ସାଧାରଣ | |
| | | ୫୮୦ | ୦.୧୪୦ | ୦.୧୪୦ | ଆଟ ସାଧାରଣ | |
| | | ୫୮୩ | ୦.୭୩୦ | ୦.୭୩୦ | ଆଟ ସାଧାରଣ | |
| | | ୫୮୬ | ୦.୧୩୦ | ୦.୧୩୦ | ଆଟ ସାଧାରଣ | |
| | | ୫୮୮ | ୦.୨୧୦ | ୦.୨୧୦ | ଆଟ ସାଧାରଣ | |
| | | ୫୯୨ | ୦.୨୩୦ | ୦.୨୩୦ | ଆଟ ସାଧାରଣ | |
| | | ୫୯୪ | ୦.୪୦୦ | ୦.୪୦୦ | ଆଟ ସାଧାରଣ | |
| | | ୬୧୨ | ୦.୨୮୦ | ୦.୨୮୦ | ଆଟ ସାଧାରଣ | |
| | | ୬୧୭ | ୦.୧୧୦ | ୦.୧୧୦ | ଆଟ ସାଧାରଣ | |
| | | ୬୧୮ | ୦.୧୬୦ | ୦.୧୬୦ | ବାହାଲ ସାଧାରଣ | |
| | | ୬୨୨ | ୦.୧୨୦ | ୦.୧୨୦ | ଆଟ ସାଧାରଣ | |
| | | ୬୨୩ | ୦.୧୮୦ | ୦.୧୮୦ | ମାଳ ସାଧାରଣ | |
| | | ୬୫୫ | ୦.୪୧୦ | ୦.୪୧୦ | ଆଟ ସାଧାରଣ | |
| | | ୬୫୬ | ୦.୭୧୦ | ୦.୭୧୦ | ଆଟ ସାଧାରଣ | |
| | | ୬୫୮ | ୦.୩୮୦ | ୦.୩୮୦ | ଆଟ ସାଧାରଣ | |
| | | ୬୫୯ | ୦.୪୫୦ | ୦.୪୫୦ | ଆଟ ସାଧାରଣ | |
| | | ୬୬୦ | ୦.୮୫୦ | ୦.୮୫୦ | ଆଟ ସାଧାରଣ | |
| | | ୬୬୨ | ୦.୮୮୦ | ୦.୮୮୦ | ଆଟ ସାଧାରଣ | |
| | | ୬୬୩ | ୦.୬୯୦ | ୦.୬୯୦ | ଆଟ ସାଧାରଣ | |
| | | ୬୬୫ | ୦.୩୧୦ | ୦.୩୧୦ | ଆଟ ସାଧାରଣ | |
| | | ୬୬୬ | ୦.୩୮୦ | ୦.୩୮୦ | ଆଟ ସାଧାରଣ | |
| | | ୬୭୫ | ୦.୩୯୦ | ୦.୩୯୦ | ଆଟ ସାଧାରଣ | |
| | | ୬୭୬ | ୦.୬୬୦ | ୦.୬୬୦ | ଆଟ ସାଧାରଣ | |
| | | ୬୮୩ | ୦.୫୦୦ | ୦.୫୦୦ | ଆଟ ସାଧାରଣ | |
| ୫୮ | ୯୯/୩୫ | ୫୭୫ | ୦.୬୬୦ | ୦.୬୬୦ | ଆଟ ସାଧାରଣ | ସରୋଜିନି ମୋହାନ୍ତି, ସ୍ୱାମୀ: ଗୋଲକ ଚନ୍ଦ୍ର ମୋହାନ୍ତି, ଜାତି: କରଣ, ବାସିନ୍ଦା: ମଙ୍ଗଳବଜାର, ଝାରସୁଗୁଡ଼ା |
| | | ୫୮୭ | ୦.୧୨୦ | ୦.୧୨୦ | ଆଟ ସାଧାରଣ | |
| | | ୫୯୧ | ୦.୨୫୦ | ୦.୨୫୦ | ଆଟ ସାଧାରଣ | |
| | | ୫୯୩ | ୦.୪୪୦ | ୦.୪୪୦ | ଆଟ ସାଧାରଣ | |
| | | ୬୫୪ | ୦.୮୪୦ | ୦.୮୪୦ | ଆଟ ସାଧାରଣ | |
| | | ୬୫୭ | ୦.୩୬୦ | ୦.୩୬୦ | ଆଟ ସାଧାରଣ | |
| | | ୬୬୧ | ୧.୨୬୦ | ୧.୨୬୦ | ଆଟ ସାଧାରଣ | |
| | | ୬୬୪ | ୦.୩୬୦ | ୦.୩୬୦ | ଆଟ ସାଧାରଣ | |
| ୫୯ | ୯୯/୩୬ | ୬୫୧ | ୦.୩୩୦ | ୦.୩୩୦ | ଆଟ ସାଧାରଣ | ସନାତନ ନାଥ, ପିତା: ଦୁବରାଜ ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| | | ୭୩୮ | ୦.୩୪୦ | ୦.୩୪୦ | ଆଟ ସାଧାରଣ | |
| ୬୦ | ୯୯/୫୨ | ୫୬୩ | ୦.୫୩୦ | ୦.୫୩୦ | ଆଟ ସାଧାରଣ | ବ୍ରଜେଶ୍ୱରୀ ମିଶ୍ର, ସ୍ୱାମୀ: ପ୍ରଫୁଲ୍ଲ କୁମାର ମିଶ୍ର, ଧନଞ୍ଜୟ ମୋହାପାତ୍ର, ଜାତି: ବ୍ରାହ୍ମଣ, ବାସିନ୍ଦା: ଘୁଙ୍ଗୁପାଲ, ଥାନା: ଝାରସୁଗୁଡ଼ା |
| | | ୭୧୦ | ୦.୨୪୦ | ୦.୨୪୦ | ଆଟ ସାଧାରଣ | |
| | | ୭୧୧ | ୦.୪୮୦ | ୦.୪୮୦ | ଆଟ ସାଧାରଣ | |
| | | ୭୧୨ | ୦୦୭୧୦ | ୦.୭୧୦ | ବାହାଲ ସାଧାରଣ | |
| | | ୭୧୩ | ୦.୨୪୦ | ୦.୨୪୦ | ବାହାଲ ସାଧାରଣ | |
| | | ୭୩୦ | ୦.୧୬୦ | ୦.୧୬୦ | ଆଟ ସାଧାରଣ | |
| | | ୭୩୨ | ୧.୩୮୦ | ୧.୩୮୦ | ଆଟ ସାଧାରଣ | |
| | | ୭୩୪ | ୦.୬୫୦ | ୦.୬୫୦ | ଆଟ ସାଧାରଣ | |
| ୬୧ | ୯୯/୬୪ | ୬୪୯/୧୨୮୨ | ୦.୧୧୦ | ୦.୧୧୦ | ମାଳ ସାଧାରଣ | ବଳରାମ ଭଇଁଷା, ପିତା: ଅବତାର ଭଇଁଷା, ଜାତି: ଗୌଡ଼, ବାସିନ୍ଦା: ଖେଲୁଆଲ |
| ୬୨ | ୯୯/୬୫ | ୬୩୧/୧୨୮୬ | ୦.୩୫୦ | ୦.୩୫୦ | ବାହାଲ ସାଧାରଣ | ନରେଶ କୁମାର ନାଥ, ପାରେଶ କୁମାର ନାଥ, ପିତା: ଗୋବିନ୍ଦ ଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ନିଜଗାଁ |
| | | ୬୪୫/୧୨୮୭ | ୦.୫୪୦ | ୦.୫୪୦ | ବାହାଲ ସାଧାରଣ | |
| ୬୩ | ୯୯/୬୬ | ୬୮୮/୧୨୮୯ | ୦.୦୮୦ | ୦.୦୮୦ | ଆଟ ସାଧାରଣ | ବିର ରୋହିଦାସ, ପିତା: ଅଭି ରୋହିଦାସ, ଜାତି: ଚମାର, ବାସିନ୍ଦା: ନିଜଗାଁ |
| ୬୪ | ୯୯/୭୬ | ୬୫୦ | ୦.୪୮୦ | ୦.୪୮୦ | ଆଟ ସାଧାରଣ | ଦାମୋଦର ନାଥ, ପିତା: ଶରତଚନ୍ଦ୍ର ନାଥ, ଜାତି: ବ୍ରାହ୍ମଣ, ବାସିନ୍ଦା: ତୁମ୍ବେକେଲା, ହିରମା, ଜିଲ୍ଲା: ଝାରସୁଗୁଡ଼ା |
| ୬୫ | ୯୯/୮୯ | ୫୬୭ | ୦.୪୪୦ | ୦.୪୪୦ | ଆଟ ସାଧାରଣ | ଲୋକେଶ୍ୱର ମିଶ୍ର, ପିତା: ନିତ୍ୟାନନ୍ଦ ମିଶ୍ର, ଜାତି: ବ୍ରାହ୍ମଣ, ବାସିନ୍ଦା: ମଙ୍ଗସପୁର, ଜିଲ୍ଲା: ସୁନ୍ଦରଗଡ଼ |
| | | ୭୦୬ | ୦.୮୪୦ | ୦.୮୪୦ | ଆଟ ସାଧାରଣ | |
| | | ୭୦୭ | ୦.୧୨୦ | ୦.୧୨୦ | ଆଟ ସାଧାରଣ | |
| | | ୭୦୮ | ୦.୩୦୦ | ୦.୩୦୦ | ବାହାଲ ସାଧାରଣ | |
| | | ୭୧୫ | ୦.୨୩୦ | ୦.୨୩୦ | ବାହାଲ ସାଧାରଣ | |
| | | ୭୧୬ | ୦.୮୧୦ | ୦.୮୧୦ | ବାହାଲ ସାଧାରଣ | |
| | | ୭୨୪ | ୦.୦୯୦ | ୦.୦୯୦ | ମାଳ ସାଧାରଣ | |
| | | ୭୩୬ | ୦.୪୫୦ | ୦.୪୫୦ | ଆଟ ସାଧାରଣ | |
| | | ୭୩୭ | ୧.୦୨୦ | ୧.୦୨୦ | ଆଟ ସାଧାରଣ | |

# ଉଗଉମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପିତଳ ଗୁଣାକୁ ନାକ ଟାଣି ଟାଣି**
**ସୁନା ଗୁଣା ହେଲେ ଝୁଲନ୍ତୁ କେତେ।**

ନାକରେ ସାମାନ୍ୟ ପିତଳ ଗୁଣା ଟିକେ ପିନ୍ଧି ଦେଖାଉଥିବାରେ ମୂଲ୍ୟ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବ ଭଙ୍ଗୀ ଶୋଭା ପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖାଉ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପେଟ ପୋଷେ**
**ନାହିଁ ଦୋଷ।**

ପେଟର କ୍ଷୁଧା ସହ୍ୟ କରିବା ଅତ୍ୟନ୍ତ କଷ୍ଟକର। ପେଟର ଭୋକ ଅନେକଙ୍କୁ ଭିନ୍ନ ଭିନ୍ନ ପନ୍ଥା ଆପଣେଇବାକୁ ବାଧ୍ୟ କରେ। ହାତ ଚଳୁଥିଲେ ଭାତ ମିଳିବାରେ ଅସୁବିଧା ରହି ନ ଥାଏ। ଅବାଟରେ ନ ଯାଇ ପେଟ ପୋଷିବା ପାଇଁ ଯେକୌଣସି ପ୍ରକାରର ବୃତ୍ତି ଗ୍ରହଣୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶେଖର ଘୋଷ ପାଇଲେ 'ସଙ୍ଗୀତ ସୁଧାକର ସ୍ମାରକୀ ସମ୍ମାନ'




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତଜ୍ଞ ଶେଖର ଘୋଷଙ୍କୁ 'ସଙ୍ଗୀତ ସୁଧାକର ସ୍ମାରକୀ ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୬।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୩ଦିନ ଧରି ଚାଲିଥିବା ଫାଉଣ୍ଡେଶନର ୩୨ତମ ସଂସ୍କରଣ ତଥା ସଙ୍ଗୀତ ସୁଧାକରଙ୍କ ୧୦୧ତମ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ନାଲକୋ ମହିଳା ସମିତି ସଭାପତି ସସ୍ମିତା ପାତ୍ର, ଆଇପିଏସ୍ ଅଧିକାରୀ ଲଳିତ ଦାସ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ରାଉତରାୟ, ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ 'ସଙ୍ଗୀତ ସୁଧାକର ସ୍ମାରକୀ ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା।

## ଅନ୍ୟ ୬ଜଣ ସମ୍ମାନିତ

ଏଥିସହ ଗୁରୁ ଏ. ମହେଶ୍ୱର ରାଓଙ୍କୁ 'ସଙ୍ଗୀତ ସରସ୍ୱତୀ ସମ୍ମାନ', ଅଜୟ କୁମାର ମହାନ୍ତିଙ୍କୁ 'ଗୀତି ସରସ୍ୱତୀ ସମ୍ମାନ' ଓ ଗୁରୁ କାଳନ୍ଦୀ ଚରଣ ପରିଡ଼ାଙ୍କୁ 'ବାଦ୍ୟ ସରସ୍ୱତୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଯୁବ ପ୍ରତିଭା ବସୁନ୍ଧରା ପରିଡ଼ାଙ୍କୁ 'ସଙ୍ଗୀତ ସୁଧାକର ସ୍ମୃତି ବୃତ୍ତି ସମ୍ମାନ', ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ ଓ ପ୍ରଶାନ୍ତ ପାଇକରାୟଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ ସଭାପତି ତଥା ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁ ରାମ ହରିଦାଶ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଉପସଭାପତି କ୍ଷୀରୋଦ ପଟ୍ଟନାୟକ ଉପସ୍ଥିତ ଥିଲେ। ପରେ ସୁଧାକର ବାଳକୃଷ୍ଣ ଦାଶ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଧର ପାତ୍ର, ମହାପ୍ରସାଦ କର, ଆଦ୍ୟାଶ୍ୟା ଦାଶ, ହରପ୍ରିୟା ସ୍ୱାଇଁ, ଅନୁଭା ତାରିଣୀମିଶ୍ର, ନାଜିୟା ସୟଦ, ଜଲଧର ପ୍ରଧାନ, ବିଶ୍ୱ ଦାସ, ଶୁଭଲକ୍ଷ୍ମୀ ଓଝା, ସୁଶାନ୍ତ ପଣ୍ଡା, ସୃଷ୍ଟି ସ୍ୱସ୍ତିକା ମିଶ୍ର, ଛନ୍ଦା ମିଶ୍ର, ଗାୟତ୍ରୀରଞ୍ଜନୀ ବେହେରା, ମିନତୀ ଭଞ୍ଜ, ମାତୃପ୍ରସାଦ ଦାସ, ସିଦ୍ଧାନ୍ତ ଶତପଥୀ, ଡ. ବିଜୟକୁମାର ଜେନା, ସୌରଭ ନାୟକ, ରୂପକ କୁମାର ପରିଡ଼ା, ଭାଗ୍ୟଶ୍ରୀ ମହାନ୍ତି, ଶୁଭଲକ୍ଷ୍ମୀ ରାଉତରାୟ ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଡ. ସଚ୍ଚିକାନ୍ତ ନାୟକ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ନିମାକାନ୍ତ ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ଓ କୋଷାଧ୍ୟକ୍ଷ ଅରକ୍ଷିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳାରେ ଅମାନତ ହରାଇଲେ ୯ ପ୍ରାର୍ଥୀ

ଧର୍ମଶାଳା,୬।୬(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲ୍ଲା ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର ୯ ବିଧାୟକ ପ୍ରାର୍ଥୀ ଚଳିତ ନିର୍ବାଚନରେ ଅମାନତ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଦଳୀୟ ଓ ୪ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୬ ଦଳୀୟ ଓ ୫ ସ୍ୱାଧୀନଙ୍କୁ ମିଶାଇ ମୋଟ୍ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ନିର୍ବାଚନମଣ୍ଡଳୀର ୨ ଲକ୍ଷ ୩୧ ହଜାର ୭୦୨ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୬ ହଜାର ୧୫ ଜଣ ମତଦାନ କରିଥିଲେ। ସେଥିମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ୭୯,୭୫୯ଖଣ୍ଡ ଭୋଟ ପାଇଥିବାବେଳେ ୪,୧୫୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ୭୫,୬୦୯ ଖଣ୍ଡ ଭୋଟ ପାଇ ହାରିଯାଇଛନ୍ତି। ଭାଜପା ପ୍ରାର୍ଥୀ ସ୍ମିତରେଖା ପହି ୧୫,୯୨୬, କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡା ୨,୯୪୭, ଏସୟୁସିଆଇ ପ୍ରାର୍ଥୀ କେଦାରନାଥ ସାହୁ ୮,୪୫୩, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ କାର୍ତ୍ତିକ ଚନ୍ଦ୍ର ମଲିକ ୩୧୬, ମାନସ ଲୋକଶକ୍ତି ଦଳ ପ୍ରାର୍ଥୀ ରଞ୍ଜନ କୁମାର ମଲିକ ୨୯୨ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ସତୀଶ ବିଶ୍ୱାଳ ୯୧୮, ହିମାଂଶୁ ଶେଖର ସାହୁ (ବି) ୬୦୮, ଲାଲୁ ପ୍ରସାଦ କଦମ ୨୭୬ ଓ ପୁରୁଷୋତ୍ତମ ବେହେରା ୧୭୩ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ନୋଟାକୁ ୬୬୬ ଖଣ୍ଡ ଭୋଟ ମିଳିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆଖୁ ଚାଷୀଙ୍କୁ ଦେୟ ପ୍ରଦାନ

ଢେଙ୍କାନାଳ,୬।୬ (ରତନ ନାୟାର)

ଢେଙ୍କାନାଳ ହରିପୁରସ୍ଥିତ ଇଣ୍ଡିଆନ ପଟାସ ଲିମିଟେଡ୍(ଆପିଏଲ୍)ରେ ଚଳିତବର୍ଷ ମୋଟ ୨ଲକ୍ଷ ୬୨ହଜାର ମେଟ୍ରିକ୍ ଟନ ଆଖୁ ପେଡା ଯାଇଥିଲା। ଇତିମଧ୍ୟରେ ସମସ୍ତ ଆଖୁ ଚାଷୀଙ୍କୁ ସେମାନଙ୍କ ଦେୟ ପ୍ରଦାନ କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସମସ୍ତ ଟଙ୍କା ପ୍ରଦାନ କରିଛନ୍ତି। କମ୍ପାନୀର ଜେନେରାଲ ମ୍ୟାନେଜର ଦୁର୍ଗା ପ୍ରସାଦ ଦ୍ୱିବେଦୀ ଓ ଜେନେରାଲ ମ୍ୟାନେଜର ତଥା ୟୁନିଟ୍ ହେଡ୍ ସନ୍ତୋଷ କୁମାର ଦାସ ଚାଷୀମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଆଖୁଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଆଗାମୀ ୨୦୨୪-୨୫ ଆଖୁପେଡା ଋତୁରେ କମ୍ପାନୀ ପକ୍ଷରୁ ୩ଲକ୍ଷ ୬୦ହଜାର ମେଟ୍ରିକ୍ ଟନ୍ ଆଖୁପେଡା ହେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ବିଧାୟକଙ୍କ ସମେତ ୨୪ ପ୍ରାର୍ଥୀ ଅମାନତ ହରାଇଲେ

ରାଇରଙ୍ଗପୁର,୬।୬ (ମାନସ ମହାନ୍ତି)

ଚଳିତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଏବଂ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀଭାବେ ୨୮ ଜଣ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ଲକ୍ଷ୍ମଣ ମାଝିଙ୍କ ସମେତ ମୋଟ ୨୪ ପ୍ରାର୍ଥୀ ଅମାନତ ହରାଇଥିବା ଜଣାପଡ଼ିଛି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଭାଜପା, ବିଜେଡି, କଂଗ୍ରେସ, ଜେଏମ୍ଏମ୍ ଏବଂ ୧୦ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାଜପା ପ୍ରାର୍ଥୀ ଜଲେନ ନାଏକ ୬୨ ହଜାର ୭୪୨ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ପରାସ୍ତ କରିଥିଲେ। ରାଇସେନ ୫୩ ହଜାର ୦୩୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଯୋଗେନ୍ଦ୍ର ବାନରାଙ୍କ ସପକ୍ଷରେ ୨୪ ହଜାର ୨୨୪ ଖଣ୍ଡ ଭୋଟ ଏବଂ ଜେଏମ୍ଏମ୍ ପ୍ରାର୍ଥୀ ସୁନାରାମ ଟୁଡୁଙ୍କ ସପକ୍ଷରେ ୧୭ ହଜାର ୮୬୮ ଖଣ୍ଡ ଭୋଟ ମିଳିଥିଲା। ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ପୂର୍ବତନ ବିଧାୟକଙ୍କ ସମେତ ୧୨ ଜଣ ପ୍ରାର୍ଥୀ ନିର୍ବାଚନୀ ଅମାନତ ହରାଇଛନ୍ତି। ଏହି ନିର୍ବାଚନରେ ନୋଟାରେ ୧୮୨୪ ଖଣ୍ଡ ଭୋଟ ମିଳିଛି। ସାରସକଣା ନିର୍ବାଚନମଣ୍ଡଳୀରେ ଭାଜପା, ବିଜୁ ଜନତା ଦଳ, କଂଗ୍ରେସ, ଜେଏମ୍ଏମ୍ ଏବଂ ୧୦ ସ୍ୱାଧୀନ ସମେତ ୧୪ ଜଣ ବିଧାୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାଜପା ଦଳୀୟ ପ୍ରାର୍ଥୀ ଭାଦବ ହାଁସଦା ୫୯ ହଜାର ୩୮୭ ଖଣ୍ଡ ଭୋଟ ପାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଡ. ଦେବାଶିଷ ମାରାଣ୍ଡିଙ୍କୁ ପରାସ୍ତ କରିଥିଲେ। ଦେବାଶିଷଙ୍କ ସପକ୍ଷରେ ୪୫ ହଜାର ୭୩୫ ଖଣ୍ଡ ଭୋଟ ମିଳିଥିଲା। ଜେଏମ୍ଏମ୍ ପ୍ରାର୍ଥୀ ଅଞ୍ଜଳି ସୋରେନ ୨୦ ହଜାର ୭୨୫ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ରାମ ସୋରେନଙ୍କୁ ୧୯ ହଜାର ୬୩୪ ଖଣ୍ଡ ଭୋଟ ମିଳିଛି। ନୋଟାରେ ୨୦୦୯ ଭୋଟ ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ୧୨ ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି।

# ସ୍କୁଟି ଡିକି ଭାଙ୍ଗି ୭ ଲକ୍ଷ ଲୁଟ୍

ଜୟପୁର ୬।୬ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଟାଉନ ଥାନା ଅଧୀନ ରଜାନହର କଣ୍ଡରାସାହି ନିକଟରେ ଗୁରୁବାର ଏକ ସ୍କୁଟି ଡିକି ଭାଙ୍ଗି ୭ ଲକ୍ଷ ଟଙ୍କା ଲୁଟ୍ ହୋଇଯାଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ମାଦଳାସାହିର ରାହୁଲ ଦେବ ସାମନ୍ତରାୟ ଜୟପୁର ଏସ୍‌ବିଆଇ ଜୟପୁର ଶାଖାରୁ ୭ଲକ୍ଷ ଟଙ୍କା ଉଠାଇଥିଲେ। ସେ ବ୍ୟାଙ୍କରୁ ଟଙ୍କା ଆଣି ସ୍କୁଟି ଡିକିରେ ରଖି ଘର ଆଡ଼କୁ ଆସୁଥିଲେ। ଏହି ସମୟରେ ୪ ଜଣ ଯୁବକ ୨ଟି ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ସେ କଣ୍ଡରାସାହି ନିକଟରେ ସ୍କୁଟି ରଖି ଏକ ମୋବାଇଲ ଦୋକାନରୁ ସିମ୍ ଆଣିବାକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ଲୁଟ୍‌କରି ଚମ୍ପଟ ମାରିଥିଲେ। ଏନେଇ ରାହୁଲ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମେସ୍ ନଂ୧୭୬/୨୪ରେ ମାମଲା ରୁଜୁକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗିଲା

ଭୁବନେଶ୍ୱର,୬।୬ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ତମାଣ୍ଡୋ ଓଭରବ୍ରିଜ୍ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଚଳନ୍ତା ଟ୍ରେନ୍‌ରେ ନିଆଁ ଲାଗି ବହୁ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। କର୍ନାଟକ ନମ୍ବର (କେଏ୨୫ସି୮୮୧୪ ) ଥିବା ଉକ୍ତ ଟ୍ରକଟି 'ୟୁଆର୍‌ଏଲ୍ ଟ୍ରାନ୍ସପୋର୍ଟ ଲିମିଟେଡ୍' କମ୍ପାନୀର ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଜୟୱାଡାରୁ କୋଲକାତା ଅଭିମୁଖେ ଟ୍ରକଟି ଯାଉଥିଲା। ତେବେ ତମାଣ୍ଡୋ ନିକଟରେ ହଠାତ୍ ଟ୍ରକର ପଛ ଚକ ଫାଟିଯିବାରୁ ସେଥିରେ ହଠାତ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ଟ୍ରକ ପଛର ୪ଟି ଟାୟାର ଜଳିବାକୁ ଲାଗିଥିଲା। ପରେ ନିଆଁ ବ୍ୟାପିଯିବାରୁ ଟ୍ରକ୍‌ରେ ଥିବା ପେପର, ବିଭିନ୍ନ ଖାଦ୍ୟ ସାମଗ୍ରୀ, କପଡା ଆଦି ବହୁ ସାମଗ୍ରୀ ଜଳିବାକୁ ଲାଗିଥିଲା। ଡ୍ରାଇଭର ଏହା ଦେଖି ଟ୍ରକକୁ ଅଟକାଇ ଦେଇଥିଲେ। ଖବର ପାଇ ତମାଣ୍ଡୋ ଫାୟାର ଷ୍ଟେଶନର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଟ୍ରକରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଟ୍ରକଟି ତମାଣ୍ଡୋ ଥାନାରେ ରଖାଯାଇଥିବା ବେଳେ ଘଟଣା ସଂକ୍ରାନ୍ତରେ କମ୍ପାନୀ ଅଧିକାରୀଙ୍କୁ ସୂଚନା ଦିଆଯାଇଛି।



# ଶପଥଗ୍ରହଣ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି

ଭୁବନେଶ୍ୱର,୬।୬ (ଅନିଲ ଦାସ)

ଆସନ୍ତା ୧୦ ତାରିଖରେ ରାଜ୍ୟରେ ନୂଆ ସରକାର ଶପଥଗ୍ରହଣ କରିବା ସମ୍ଭାବନା ରହିଛି। ଏନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଶପଥଗ୍ରହଣ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ୫୦ ଜଣ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ୯ ଜଣ ଆଇଏଏସ୍ ଅଫିସର, ଜଣେ ଓଏଫ୍‌ଏସ୍ ଓ ୪୦ ଜଣ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ଅଧିକାରୀମାନେ ଆସନ୍ତା ୮ ତାରିଖ ୧୧ଟା ସୁଦ୍ଧା ଇଡ୍‌କୋ ଏମ୍‌ଡିଙ୍କ ନିକଟରେ ରିପୋର୍ଟ କରିବାକୁ କୁହାଯାଇଛି। ଏହା ପରେ ସେମାନେ କେଉଁ ଦାୟିତ୍ୱ ତୁଲାଇବେ ସେ ନେଇ ସମସ୍ତ ଅଧିକାରୀଙ୍କୁ ଅବଗତ କରାଯିବ।

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | କିସମ | ରୟତର ନାମ |
| --- | --- | --- | --- | --- | --- | --- |
| ୬୬ | ୯୯/୯ | ୧୦୯୮/୧୧୫୯ | ୦.୦୮୦ | ୦.୦୮୦ | ବାହାଲ ସାଧାରଣ | କୈଳାସ ଚନ୍ଦ୍ର ସାରା, ଶିବ ଶଙ୍କର ସାରା, ପିତା: ଗଜାପତି ସାରା, ଜାତି: ବ୍ରାହ୍ମଣ, ବାସିନ୍ଦା: ତରେକେଲା |
| | | ୧୧୦୦/୧୧୫୮ | ୦.୨୦୦ | ୦.୨୦୦ | ବାହାଲ ସାଧାରଣ | |
| | | ୫୭୭/୧୧୪୯ | ୦.୧୪୦ | ୦.୧୪୦ | ବାହାଲ ସାଧାରଣ | |
| | | ୫୬୮/୧୧୫୦ | ୦.୨୨୦ | ୦.୨୨୦ | ଆଟ ସାଧାରଣ | |
| | | ୫୮୦/୧୧୫୧ | ୦.୧୫୦ | ୦.୧୫୦ | ଆଟ ସାଧାରଣ | |
| | | ୬୧୨/୧୧୫୨ | ୦.୨୮୦ | ୦.୨୮୦ | ଆଟ ସାଧାରଣ | |
| | | ୬୧୭/୧୧୫୩ | ୦.୧୧୦ | ୦.୧୧୦ | ଆଟ ସାଧାରଣ | |
| | | ୬୧୮/୧୧୫୪ | ୦.୨୧୦ | ୦.୨୧୦ | ବାହାଲ ସାଧାରଣ | |
| ୬୭ | ୯୯/୯୨ | ୭୪୬/୧୩୧୮ | ୦.୦୭୦ | ୦.୦୭୦ | ଆଟ ସାଧାରଣ | ଘଷିଆ ମେହେର, ପିତା: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗିପାଲି, ହିରମା, ଜିଲ୍ଲା: ସୁନ୍ଦରଗଡ଼, ସୁମିତ୍ରା ମେହେର, ସ୍ୱାମୀ: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗୁପାଲି, ହିରମା, ଥାନା/ଜିଲ୍ଲା: ଝାରସୁଗୁଡ଼ା, ଚାରି ମେହେର, ପିତା: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗିପାଲି, ହିରମା, ଜିଲ୍ଲା: ଝାରସୁଗୁଡ଼ା |
| ୬୮ | ୯୯/୯୬ | ୬୯୦/୧୩୨୨ | ୦.୧୦୦ | ୦.୧୦୦ | ଆଟ ସାଧାରଣ | ଲକ୍ଷ୍ମଣ ଅଗ୍ରୱାଲ, ପିତା: କିରୋଡିମାଲ ଅଗ୍ରୱାଲ, ଜାତି: ବଣିଆଁ, ବାସିନ୍ଦା: ଘୁମାଡେରା, ଥାନା: ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| ୬୯ | ୯୯/୯୭ | ୬୯୦/୧୩୨୩ | ୦.୨୦୦ | ୦.୨୦୦ | ଆଟ ସାଧାରଣ | ଅକ୍ଷୟ କୁମାର ଯାଦବ, ପିତା: ହରଦେବ ପ୍ରସାଦ ଯାଦବ, ଜାତି: ଗୁଆଲା, ବାସିନ୍ଦା: ଗୁମାଡେରା, ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| ୭୦ | ୯୯/୯୮ | ୬୯୦ | ୦.୩୦୦ | ୦.୩୦୦ | ଆଟ ସାଧାରଣ | ଅରୁଣ କୁମାର ଡାଲମିଆ, ପିତା: ସହଦେବ ଡାଲମିଆ, ଜାତି: ବଣିଆଁ, ବାସିନ୍ଦା: ଗୁମାଡେରା, ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| | | ସର୍ବ ମୋଟ | ୭୫.୬୫୦ | ୭୫.୫୭୦ | | |

OIPR-24022/14/0003/2425

# କୁସୁମୀ ନଦୀରେ ବୁଡ଼ି ଭଉଣୀଭାଇ ମୃତ

ନୟାଗଡ଼,୬।୬(ଲୋକନାଥ ମିଶ୍ର)

ଗୁରୁବାର ସାବିତ୍ରୀ ଅମାବାସ୍ୟାରେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ବାଉଁଶିଆପଡ଼ା ଏକାନ୍ତବାସୀ ମନ୍ଦିର ନିକଟ କୁସୁମୀ ନଦୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ବାଉଁଶିଆପଡ଼ା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସାବିତ୍ରୀ ଅମାବାସ୍ୟା ପାଇଁ ଗୁରୁବାର ଭୋରରୁ ବାଉଁଶିଆପଡ଼ା ଗ୍ରାମ ଚଳଚଞ୍ଚଳ ହୋଇଉଠିଥିଲା। ମହିଳାମାନେ ଘର କାମ ସାରି ନଦୀକୁ ଗାଧୋଇବାକୁ ବାହାରିଥିଲେ। ସକାଳ ପ୍ରାୟ ୮ଟା ସମୟରେ ଗ୍ରାମର ଦ୍ୱିତୀକୃଷ୍ଣ ସେଠୀଙ୍କ ସ୍ତ୍ରୀ ଝିଅ କାଜଲ(୧୨) ଓ ପୁଅ ସାଇ(୭)ଙ୍କ ସହ ନଦୀକୁ ଗାଧୋଇବାକୁ ଯାଉଥିଲେ। ହେଲେ ନଦୀ ପାଖରେ ସେ ପହଞ୍ଚିବା ପୂର୍ବରୁ କାଜଲ ଓ ସାଇ ଗାଁର ଜଣେ ନାବାଳକଙ୍କ ସହ ମିଶି ସେଠାରେ ଗାଧୋଉଥିଲେ। କୌଣସି କାରଣରୁ କାଜଲ ଓ ସାଇ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କ ସହ ଥିବା ନାବାଳକ ଚିତ୍କାର କରିଥିଲେ। ସେତିକି ବେଳେ କାଜଲ ଓ ସାଇଙ୍କ ମା' ବି ନଦୀରେ ପହଞ୍ଚି ଯାଇଥିଲେ। ପୁଅ ଝିଅଙ୍କ ଏପରି ଅବସ୍ଥା ଦେଖି ସେ ଉଦ୍ଧାର କରିବା ପାଇଁ ପାଟି କରିଥିଲେ। ତାଙ୍କ ପାଟିଶୁଣି ଗାଁ ଲୋକମାନେ ନଦୀରେ ପହଞ୍ଚି ପାଣିରୁ ୩ଜଣଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳକ ଜଣଙ୍କ ସୁସ୍ଥ ଥିଲେ। ହେଲେ କାଜଲ ଓ ସାଇଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଇଟାମାଟି ଥାନା ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ୨ଟି ଅପମୃତ୍ୟୁ ମାମଲା(ନଂ.୬/୨୪ ଓ ୭/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗ୍ରୀଷ୍ମ ପ୍ରବାହ ଯୋଗୁ କୁସୁମୀ ନଦୀ ଏବେ ଶୁଖିଲା ପଡିଛି। ହେଲେ କୌଣସି କାରଣରୁ ଜେସିବିରେ ନଦୀର ବାଲି ଖୋଳି ଏକ ବଡ ଗର୍ତ୍ତ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ଗର୍ତ୍ତ ଚୁଆର ରୂପ ନେଇଥିଲା। ସେହି ଚୁଆରେ ଥିବା ପାଣିରେ ବାଉଁଶିଆପଡ଼ା ଗ୍ରାମବାସୀ ପ୍ରତିଦିନ ଗାଧୋଉଥିଲେ। ତେବେ ଚୁଆଟି ଗଭୀର ହୋଇଥିବାରୁ ଏପରି ଅଘଟଣ ଘଟିଥିବା ଗ୍ରାମବାସୀ କହିଛନ୍ତି।

## ସାବିତ୍ରୀ ଅମାବାସ୍ୟାରେ ଅଘଟଣ

- ଜଣେ ନାବାଳକଙ୍କୁ ଉଦ୍ଧାର କଲେ ଗ୍ରାମବାସୀ
- ବାଉଁଶିଆପଡା ଗ୍ରାମରେ ଶୋକାକୁଳ ପରିବେଶ



ମୃତ କାଜଲ ଓ ସାଇ

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ ନବ ନିର୍ବାଚିତ ୪ ବିଧାୟକ



ତାଳଚେର,୬।୬ (ମନୋଜ ନନ୍ଦ)

ଅନୁଗୋଳ ଓ ଢେଙ୍କାନାଳ ଜିଲାର ନବ ନିର୍ବାଚିତ ୪ ଭାଜପା ବିଧାୟକ ଗୁରୁବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା' ହିଙ୍ଗୁଳାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କ ଗୋପାଳ ପ୍ରସାଦ ପୀଠରେ ପାଲଲହଡା ଭାଜପା ବିଧାୟକ ଅଶୋକ ମହାନ୍ତି, ପରଜଙ୍ଗ ଭାଜପା ବିଧାୟକ ବିଭୂତି ପ୍ରଧାନ, ଅନୁଗୋଳ ଭାଜପା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ଭାଜପା ବିଧାୟକ ଅଗସ୍ତି ବେହେରା ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ହିଙ୍ଗୁଳା ମଣ୍ଡଳ ଭାଜପା ସଭାପତି ରଜେନ୍ଦ୍ର ସିଂହଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଗାଣ୍ଡାର ଐତିହାସିକ ବିଜୟ

**ଗୁଏନା,୬।୬(ପି.ଟି.)**

ପପୁଆ ନ୍ୟୁ ଗିନି (ପିଏନ୍‌ଜି)କୁ ୩ ଉଇକେଟରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି ଉଗାଣ୍ଡା। ପିଏନ୍‌ଜି ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ୭୭ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୧୮.୨ ଓଭରରେ ୭ ଉଇକେଟ ହରାଇ ଉଗାଣ୍ଡା ୭୮ ରନ୍ କରିଥିଲା। ବିଶ୍ୱକପ୍‌ରେ ଏହା ଉଗାଣ୍ଡାର ପ୍ରଥମ ବିଜୟ। ଉଗାଣ୍ଡା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବୋଲରଙ୍କ ସଫଳତା ବଳରେ ପିଏନ୍‌ଜି ମାତ୍ର ୭୭ ରନ୍ କରିଥିଲା। ଦଳର ମାତ୍ର ୩ ଜଣ ଖେଳାଳି ୨ ଅଙ୍କ ସ୍କୋର କରିଥିବା ବେଳେ ହିରି ହିରି ସର୍ବାଧିକ ୧୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଗା ସିଆକା ଓ କିପଲିନ୍ ଡୋରିଗା ୧୨ ରନ୍ ଲେଖାଏ ସ୍କୋର କରିଥିଲେ। ଉଗାଣ୍ଡା ପକ୍ଷରୁ ଅଲ୍ଲେଶ ରାମଜାନି, କସମାସ କ୍ୟେଉଟା, ଜୁମା ମିୟାଗି ଓ ଏନ୍‌ସୁବୁଗା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଧିନାୟକ ବ୍ରାୟାନ ମସାବା ଗୋଟିଏ ଉଇକେଟ ନେଇଥିଲେ।

୭୮ ରନ୍ ଲକ୍ଷ୍ୟର ପିଛା କରୁଥିବା ଉଗାଣ୍ଡା ୨୫ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ପ୍ଲେୟର ଅଫ ଦ ମ୍ୟାଚ୍ ରିଆଜତ୍ ଅଲୀ ଶାହ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ବିଜୟୀ କରିଥିଲେ। ୫୬ ବଲ୍ ଖେଳି ସେ ଗୋଟିଏ ଚୌକା ସହିତ ୩୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁମା ମିୟାଗୀ ୧୩ ରନ୍ କରିଥିଲେ। ଷଷ୍ଠ ଉଇକେଟରେ ରିଆଜତ୍ ଓ ମିୟାଗୀ ୩୬ ରନ୍ ଯୋଡିଥିଲେ। ବିଜୟ ପାଇଁ ୩ ରନ୍ ଆବଶ୍ୟକ ଥିବା ବେଳେ ରିଆଜତ୍ ଆଉଟ ହୋଇଥିଲେ। ପିଏନ୍‌ଜି ପକ୍ଷରୁ ଆଲେଇ ନିଓ ଓ ନର୍ମାନ୍ ଭନୁଆ ଦୁଇଟି ଲେଖାଏ, ଚାଦ ସୋପର ଓ ଅସଦ ଭାଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପପୁଆ ନ୍ୟୁ ଗିନି ୧୯.୧ ଓଭରରେ ୭୭/୧୦( ହିରି ହିରି-୧୫, ଲେଗା ସାଇକିଆ-୧୨, କିପଲିନ୍ ଡୋରିଗା-୧୨, ଅଲ୍ଲେଶ ରାମଜାନି-୨/୧୭, କସମାସ କ୍ୟେଉଟା-୨/୧୭, ଜୁମା ମିୟାଗ-୨/୧୦, ଏନ୍‌ସୁବୁଗା-୨/୪)।

ଉଗାଣ୍ଡା ୧୮.୨ ଓଭରରେ ୭୮/୭(ରିଆଜତ ଅଲୀ ଶାହ-୩୩, ଜୁମା ମିୟାଗୀ-୧୩, ଆଲେଇ ନିଓ-୨/୧୬, ନର୍ମାନ୍ ଭନୁଆ-୨/୧୯, ଚାଦ ସୋପର-୧/୧୩, ଅସଦ ଭାଲା-୧/୧୦)।



ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ବିଜୟ ପରେ ଉଲ୍ଲସିତ ଉଗାଣ୍ଡା ଖେଳାଳି।

**ଟି୨୦ ବିଶ୍ୱକପ**
**(ଆଜିର ମ୍ୟାଚ)**
**କାନାଡା**
**ବନାମ ଆୟର୍ଲାଣ୍ଡ**
**ସ୍ଥାନ: ନ୍ୟୁୟର୍କ**
**ସମୟ: ପ୍ରାତଃ ୫ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଅଷ୍ଟ୍ରେଲିଆ ବିଜୟୀ

**ବାର୍ବାଡୋସ୍,୬।୬:** ଟି୨୦ ବିଶ୍ୱକପ୍‌ରେ ଗୁରୁବାର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଓମାନକୁ ୩୯ ରନ୍‌ରେ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି ଅଷ୍ଟ୍ରେଲିଆ। ମାର୍କସ୍ ଷ୍ଟୋଇନିସ୍‌ଙ୍କ ଅଲରାଉଣ୍ଡ ସଫଳତା(୬୭*ରନ୍ ଓ ୩ ଉଇକେଟ) ବଳରେ ଗ୍ରୁପ୍ ବି'ରେ ପ୍ରଥମ ବିଜୟ ହାସଲ କରିଛି। ଓମାନ୍ ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଅଷ୍ଟ୍ରେଲିଆ ୨୦ ଓଭରରେ ୫ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ଜବାବରେ ଓମାନ ୯ ଉଇକେଟରେ ୧୨୫ ରନ୍ କରିପାରିଥିଲା। ଡେଭିଡ୍ ୱାର୍ନର ୫୬ ରନ୍ କରିଥିବାବେଳେ ଅଷ୍ଟ୍ରେଲିଆ ୫୦ ରନ୍‌ରେ ୩ ଉଇକେଟ ହରାଇଥିଲା। ତେବେ ମାର୍କସ୍ ଷ୍ଟୋଇନିସ୍ ଚମତ୍କାର ବ୍ୟାଟିଂ କରିଥିଲେ। ଅପରାଜିତ ୬୭ ରନ୍ କରିଥିବା ଷ୍ଟୋଇନିସ୍ ଚତୁର୍ଥ ଉଇକେଟରେ ଡେଭିଡ୍ ୱାର୍ନରଙ୍କ ସହିତ ୧୦୨ ରନ୍ ଯୋଡିଥିଲେ। ମାତ୍ର ୩୬ ବଲ୍ ଖେଳି ସେ ୨ ଚୌକା ଓ ୬ ଛକା ମାରିଥିଲେ। ଓମାନ ପକ୍ଷରୁ ମେହରାନ ଖାନ୍ ୨, ବିଲାଲ ଖାନ୍ ଓ କଲିମୁଲ୍ଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓମାନ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ଦୁଇ ଓପନର କଶ୍ୟପ ପ୍ରଜାପତି(୭) ଓ ପ୍ରତୀକ ଅଠାୱଲେ(୦) ବିଫଳ ହୋଇଥିଲେ। ଅଧିନାୟକ ଆକିବ୍ ଇଲିଆସ(୧୮) ରନ୍ କରିଥିବା ବେଳେ ଓମାନ୍ ୩୪ ରନ୍‌ରେ ୪ ଉଇକେଟ ହରାଇଥିଲା। ୭ ଜଣ ଖେଳାଳି ୨ ଅଙ୍କ ଛୁଇଁପାରି ନ ଥିବା ବେଳେ ଆୟନ୍ ଖାନ୍ ୩୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେହରାନ୍ ଖାନ୍ ୨୭ ଓ ଶକିଲ୍ ଅହମଦ ୧୧ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମାର୍କସ୍ ଷ୍ଟୋଇନିସ୍ ୩, ମିଚେଲ୍ ଷ୍ଟାର୍କ, ନାଥାନ ଏଲିସ୍ ଓ ଆଡାମ ଜାମ୍ପା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ମାର୍କସ୍ ଷ୍ଟୋଇନିସ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଟାଏକୋଣ୍ଡୋରେ ଓଡ଼ିଶାକୁ ୨୯ ପଦକ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୬।୬ (ବିଜୟ ରଣା)**

ଦିଲ୍ଲୀସ୍ଥିତ ତ୍ୟାଗରାଜ ଇନ୍‌ଡୋର ଷ୍ଟାଡିୟମରେ ଇଣ୍ଟରନ୍ୟାଶନାଲ ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୩୩ ତମ ଉତ୍ତର-ପୂର୍ବ ଜୋନାଲ ଆଇ.ଟି.ଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶିକ୍ଷକ କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀର ୧୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ୨୯ଟି ପଦକ (୩ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୧ ବ୍ରୋଞ୍ଜ) ଜିତିପାରିଛନ୍ତି। ବାଳକ ବ୍ୟକ୍ତିଗତ ସ୍ପାଇରିଂରେ କୁଳଦୀପ ନାୟକ, କ୍ଷୀରୋଦ ଚନ୍ଦ୍ର ସୁବୁଦ୍ଧି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସୁରଜ କୁମାର ଜେନା, ଲକ୍ଷ୍ମୀ ନାରାୟଣ ପଣ୍ଡା ଓ ଆକାଶ କୁମାର ରୌପ୍ୟ ପଦକ ପାଇଛନ୍ତି। ବାଳିକା ବିଭାଗରେ ଜାଗୃତୀ ପ୍ରିୟଦର୍ଶିନୀ ନାୟକ, ଅମ୍ରିତା ଆଚାର୍ଯ୍ୟ ଲିପ୍‌ସିତା ନାୟକ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଛନ୍ତି। ବ୍ୟକ୍ତିଗତ ତୁଲ୍ସ ବିଭାଗରେ କୁଳଦୀପ ନାୟକ ସ୍ୱର୍ଣ୍ଣ ଜିତିଥିବା ବେଳେ ଲକ୍ଷ୍ମୀ ନାରାୟଣ ପଣ୍ଡା, ସୁରଜ କୁମାର ଜେନା ଓ କ୍ଷୀରୋଦ ଚନ୍ଦ୍ର ସୁବୁଦ୍ଧି ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ରୋହନ ନାୟକ ଓ ଅଦ୍ୱିକ ସମର୍ପିତ ସାହୁ ଗୋଟିଏ ଲେଖାଏଁ ବ୍ରୋଞ୍ଜ ହାସଲ କରିଛନ୍ତି। ବାଳକ ତୁଲ୍ସ ବିଭାଗରେ ଅଦ୍ୱିକ ସମର୍ପିତ ସାହୁ, ଓମ୍ ପ୍ରିୟାଂଶୁ, ଆକାଶ କୁମାର, ଜିନେସ ମିରାନୀ, ଆକାଶ ସ୍ୱାଇଆୟୁଷ କୁମାର ବେହେରା ପ୍ରମୁଖ ରୌପ୍ୟ ଜିତିଛନ୍ତି। ସେଲ୍‌ଫ ଡିଫେନ୍ସରେ ଜାଗୃତି ପ୍ରିୟଦର୍ଶିନୀ ନାୟକ, ଆକାଶ ନାୟକ ଏବଂ ଓମ୍ ପ୍ରିୟାଂଶୁ ରୌପ୍ୟ ଜିତିଛନ୍ତି।

# ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍‌ରେ ଭାଗନେବ ଭାରତ

**ଭୁବନେଶ୍ୱର, ୬।୬ (ତପନ ସ୍ୱାଇଁ)**

ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭିନ୍ସରେ ଏଫ୍‌ଆଇଏସ୍‌ୟୁ (ଫିସୁ) ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଚଳିତମାସ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ମହିଳା ଓ ପୁରୁଷ ଶୁକ୍ରବାର ଫ୍ରାନ୍ସ ଯିବ। ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ କରିବା ଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) କିଟ୍ ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ ଦେଇଥିଲା। ଚୟନ ଟ୍ରାଏଲ ଏପ୍ରିଲ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ମେ' ୩୦ରୁ କିଟ୍ କ୍ୟାମ୍ପସରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଭାରତୀୟ ମହିଳା ଦଳରେ ଓଡ଼ିଶାରୁ ୩ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟର ନିର୍ମାଲ୍ୟ ରାଉତ, ତରୁଲତା ନାୟକ ଓ କିସ୍ ବିଶ୍ୱବିଦ୍ୟାଳୟର ଡୁମୁଣୀ ମାରାଣ୍ଡି ଏବଂ ପୁରୁଷ ଦଳରେ ୪ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟର ବିନୋଦ ମାରାଣ୍ଡି, ଆଶିଷ ଶବର, ଗଣେଶ ମାଝି ଓ କିସ୍ ବିଶ୍ୱବିଦ୍ୟାଳୟର ମକରନ୍ଦ ପ୍ରଧାନ ସାମିଲ ହୋଇଛନ୍ତି। ଉଭୟ ଦଳରେ କିଟ୍ ଓ କିସ୍‌ରୁ ମୋଟ ୬ ଅଫିସିଆଲ୍ ଯୋଗ ଦେଇଛନ୍ତି। ଅଫିସିଆଲ୍‌ଙ୍କ ମଧ୍ୟରେ ଏଆଇୟୁର ଯୁଗ୍ମ ସଚିବ ବଲଜିତ ସିଂ ଶେଖୋଁଙ୍କ ନେତୃତ୍ୱରେ ମନିପାଲ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ରିନା ପୁନିଆ, କିସ୍ ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା, କିଟ୍ ଉପକ୍ରୀଡ଼ା ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି ଓ ଶଶିକାନ୍ତ କୁମାର ଫ୍ରାନ୍ସ ଗସ୍ତ କରୁଛନ୍ତି। ଯାତ୍ରା ପୂର୍ବରୁ ଗୁରୁବାର ଭୁବନେଶ୍ୱର କିସ୍ କ୍ୟାମ୍ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଖେଳାଳିମାନେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅଚ୍ୟୁତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା କାମନା କରିଥିଲେ।



ଫ୍ରାନ୍ସ ଯାତ୍ରା ପୂର୍ବରୁ ଗୁରୁବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଭାରତୀୟ ରଗ୍‌ବୀ ଦଳ।

# ଫାଇନାଲରେ ସ୍ୱିଟେକ୍-ଜସ୍‌ମିନ

**ପ୍ୟାରିସ୍,୬।୬**

**ଫ୍ରେଞ୍ଚ ଓପନ**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍ ଓ ଇଟାଲୀର ଜସମିନ୍ ପାଓଲିନି। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ସ୍ୱିଟେକ୍ ଲଗାତାର ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରି ସେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ୪ ଥରର ଗ୍ରାଣ୍ଡସ୍ଲାମ ତଥା ୩ ଥର ଫ୍ରେଞ୍ଚ ଓପନ ବିଜେତାକ ସ୍ୱିଟେକ୍ ଗୁରୁବାର ୬-୨, ୬-୪ର ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ୧୭ ବର୍ଷୀୟା ମୀରା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଥିଲେ ବିଶ୍ୱ ମାନ୍ୟତାର ୧୨ ନମ୍ବର ସ୍ଥାନରେ ଥିବା ଜସମିନ୍ ପାଓଲିନି। ୬-୩, ୬-୧ ବ୍ୟବଧାନରେ ସେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ଇଗା ସ୍ୱିଟେକ୍ ଓ ଜସମିନ୍ ପାଓଲିନି ପରସ୍ପରକୁ ଭେଟିବେ।

## ସିଜମଣ୍ଡ-ଭେସ୍‌ଲିନ୍‌ଙ୍କୁ ମିକ୍ସଡ୍ ଡବଲ୍ସ ଟାଇଟଲ



ମିକ୍ସଡ୍ ଡବଲ୍ସ ଟ୍ରଫି ସହ ଲାଉରା ସିଜମଣ୍ଡ ଓ ଏଡୁୱାର୍ଡ ରୋଜର-ଭେସ୍‌ଲିନ।

ଲାଉରା ସିଜମଣ୍ଡ ଓ ଏଡୁୱାର୍ଡ ରୋଜର-ଭେସ୍‌ଲିନ ଫ୍ରେଞ୍ଚ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେମାନେ ଡେସିରେ କ୍ରାଜିକ୍ ଓ ନିଲ୍ କୁପସ୍କିଙ୍କୁ ୬-୪, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ସିଜମଣ୍ଡ ଓ ରୋଜର-ଭେସ୍‌ଲିନ ଯୋଡ଼ିଙ୍କର ଏହା ହେଉଛି ପ୍ରଥମ ଟୁର୍ନାମେଣ୍ଟ। ଜର୍ମାନୀର ୩୬ ବର୍ଷୀୟା ସିଜମଣ୍ଡ ପୂର୍ବରୁ ୨୦୧୬ରେ ଜଣେ ଅଲଗା ପାର୍ଟନର ସହ ୟୁଏସ୍ ଓପନ ମିକ୍ସଡ ଡବଲ୍ସ ଏବଂ ୨୦୨୦ରେ ମହିଳା ଡବଲ୍ସ ଜିତିଛନ୍ତି। ଫ୍ରାନ୍ସର ୪୦ ବର୍ଷୀୟ ରୋଜର-ଭେସ୍‌ଲିନଙ୍କର ଏହା ହେଉଛି ପ୍ରଥମ ମିକ୍ସଡ ଡବଲ୍ସ ଟ୍ରଫି। ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସରେ ସେ ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ୨୦୧୪ରେ ହାସଲ କରିଥିଲେ। ଆମେରିକାର କ୍ରାଜିକ୍ ଏବଂ ବ୍ରିଟେନର ସ୍କୁପସ୍କି ଏକତ୍ର ଦୁଇଥର ୨୦୨୧ ଓ ୨୦୨୨ରେ ୱିମ୍ବେଲଡନ ଟାଇଟଲ ଜିତିପାରିଛନ୍ତି। ଚଳିତ ବର୍ଷର ଫ୍ରେଞ୍ଚ ଓପନରେ ପୁରୁଷ ଡବଲ୍ସ ଫାଇନାଲ ଶନିବାର ଏବଂ ମହିଳା ଡବଲ୍ସ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ସେମିରେ ହାରିଲେ ବୋପାନ୍ନା-ଇବ୍‌ଡେନ

**ପ୍ୟାରିସ, ୬।୬ (ପି.ଟି.):** ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ୍ ଫ୍ରେଞ୍ଚ ଓପନ ଟେନିସ ପୁରୁଷ ଡବଲ୍ସରୁ ବିଦାୟ ନେଇଛନ୍ତି। ସେମାନେ ଗୁରୁବାର ୭ମ ସିଡ୍ ଇଟାଲିଆ ଯୋଡ଼ି ସିମନ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରିଙ୍କଠାରୁ ୫-୭, ୬-୨, ୨-୬ରେ ହାରିଯାଇଛନ୍ତି। ଅଷ୍ଟ୍ରେଲିଆନ ଓପନ ବିଜୟୀ ଯୋଡ଼ି ଓପନିଂ ରାଉଣ୍ଡରେ ବ୍ରାଜିଲିଆନ ମାର୍ସିଲୋ ଜୋର୍ମାନ ଓର୍ଲାଣ୍ଡୋ ଲୁଜଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥବଲେ ମଧ୍ୟ ୭-୫, ୪-୬, ୬-୪ରେ ବିଜୟ ଲାଭ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେମାନେ ଇଣ୍ଡୋ-ଇଟାଲିଆନ ଯୋଡ଼ି ଏନ୍. ଶ୍ରୀରାମ ବାଲାଜୀ ଓ ମୁରୁଏଲ ଆଞ୍ଜେଲ ରିୟେସ ଭାରେଲାଙ୍କୁ ୬-୭ (୨-୭), ୬-୩, ୭-୬ (୧୦-୮)ରେ ହରାଇ ଦେଇଥିଲେ। କ୍ୱାର୍ଟରଫାଇନାଲରେ ବୋପାନ୍ନା ଓ ତାଙ୍କ ପାର୍ଟନର ବେଲ୍‌ଜିଆନ ଯୋଡ଼ି ସାଣ୍ଡର ଗିଲେ ଓ ଜୋରାନ ଭ୍ଲିଜେନଙ୍କୁ ୭-୬ (୭-୩), ୫-୭, ୬-୧ରେ ପରାସ୍ତ କରିଥିଲେ।

# ପାକିସ୍ତାନ ଦଳର ହୋଟେଲ ବଦଳିଲା

**ଇସଲାମାବାଦ, ୬।୬(ପି.ଟି.):** ଚଳିତ ଟି୨୦ ବିଶ୍ୱକପ୍‌ରେ ଟିମ୍ ହୋଟେଲକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ଅଭିଯୋଗ ପରେ ପାକିସ୍ତାନ ଦଳର ହୋଟେଲ ବଦଳାଇଛି ଆଇସିସି। ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ପାକିସ୍ତାନ କ୍ରିକେଟ ଦଳକୁ ୯୦ ମିନିଟର ଟ୍ରାଭେଲ କରିବାକୁ ପଡୁଥିବା ନେଇ ପିସିବି ଅଭିଯୋଗ କରିଥିଲା। ପିସିବି ଚେୟାରମ୍ୟାନ୍ ମୋହସିନ୍ ନକ୍‌ଭୀଙ୍କ ହସ୍ତକ୍ଷେପ ପରେ ଆଇସିସି ଭେନ୍ୟୁ ନିକଟସ୍ଥ ହୋଟେଲକୁ ପାକିସ୍ତାନ ଦଳକୁ ସ୍ଥାନାନ୍ତର କରିଛି। ବର୍ତ୍ତମାନ ପାକିସ୍ତାନ ଦଳ ଷ୍ଟାଡିୟମରୁ ୫ ମିନିଟ ଦୂରରେ ରହିଥିବା ହୋଟେଲରେ ଅବସ୍ଥାନ କରୁଛି। ଭାରତୀୟ କ୍ରିକେଟ ଦଳ ଯେଉଁ ହୋଟେଲରେ ଅବସ୍ଥାନ କରୁଛି ତାହା ଷ୍ଟାଡିୟମରୁ ମାତ୍ର ୧୦ ମିନିଟ ଲାଗିଥାଏ। ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ ଦଳ ମଧ୍ୟ ସମାନ ଅଭିଯୋଗ କରିଥିଲା। ଷ୍ଟାଡିୟମରୁ ହୋଟେଲରେ ପହଞ୍ଚିବା ପାଇଁ ୧ ଘଣ୍ଟାରୁ ଅଧିକ ସମୟ ଲାଗୁଥିବା ନେଇ ଶ୍ରୀଲଙ୍କା ଦଳ ଅଭିଯୋଗ କରିଥିଲା।


# Classified Everyday
**0674-2580101, 2549949**



**REAL ESTATE**
**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-454

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75749




Monalisa massage Club:All types Body massage with hiprofile smart lady rooms service available. 9708545108. D-444

Fully relaxed body massage trained therapist. Central SPA. 9556483961. D-75747

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

**Relax, Refresh your body, mind at Saikrupa Spa with best therapies. 8984068077.** D-416

Relax, refresh your body, mind by expert therapist. Contact- 9938843929. D-76124

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit before the Executive Magistrate, Jagatpur, Cuttack, I, Sibanarayan Sahoo had two LIC Policy. In this Policy my wife Rajashree Sahoo as nominee. She had changed her name Rajashree Sahoo to Rukmani Sahoo. Rajashree Sahoo and Rukmani Sahoo both are same person. D-455

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ଡା. ସୁନିଆଁ ପ୍ରଧାନ**
ବିଲେଇନାଳୀ, କେନ୍ଦୁଝର କଲୋନୀ କନିକା ଛକ, କଟକ
ଆବିର୍ଭାବ- ୨୩।୦୧।୧୯୩୨ (ପୌଷ ପୂର୍ଣ୍ଣିମା)
ତିରୋଧାନ- ୨୮।୦୫।୨୦୨୪ (ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ)
ଆପଣଙ୍କ ବିୟୋଗରେ ପରିବାରରେ ସୃଷ୍ଟ ଶୂନ୍ୟସ୍ଥାନ ଅପୂରଣୀୟ ହୋଇ ରହିଛି ଓ ରହିବ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରିତା ଓ ଆଶୀର୍ବାଦ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ ଶ୍ରୀ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପ୍ରଧାନ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୪୫୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶୁକଦେବ ରଥ**
ଲୋକନାଥ ଘାଟ, ପୁରୀ
ଚାହୁଁ ଚାହୁଁ ବର୍ଷେ ବିତିଗଲା, ଆଜି ଭଳି ମନେ ହେଉଛି। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା, ପ୍ରେରଣା ସବୁବେଳେ ମନେ ପଡୁଛି। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ସ୍ମୃତିଚାରଣ କରି ମହାପ୍ରଭୁଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଆର୍ଶୀବାଦ ଭିକ୍ଷାରେ ବାବୁ-ମାମା, ଟିମ୍ପା-ଡେଜି, କୁନୁ-ଲିପି, ପାପାଲି-ନିକି, ଶିଳ୍ପୀ, ବବୁଲ, ଲିଟିଲ ଓ ସମସ୍ତ ପରିବାରବର୍ଗ ଏବଂ ଛାତ୍ରଛାତ୍ରୀ।
ଧ-୭୩୫୫୫

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରହଲ୍ଲାଦ ନାୟକ**
(UCO Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୯।୦୬।୨୦୧୩
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ସମୟ ସ୍ରୋତରେ ଏଗାର ବର୍ଷ ବିତିଗଲାଣି। କିନ୍ତୁ ଏବେବି ଆମେ ତୁମ ଉପସ୍ଥିତି ସେମିତି ଅନୁଭବ କରୁଛୁ ବାପା। କାଳିଆ ଠାକୁର ତୁମ ଆତ୍ମାକୁ ଶାନ୍ତି ଦିଅନ୍ତୁ। ତୁମେ ଆମମାନଙ୍କ ସହ ଏମିତି ରହିଥାଅ ସବୁବେଳେ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୬୨

# ଟି୨୦ ବିଶ୍ୱକପରେ ଭାରତ-ପାକିସ୍ତାନ

**ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୫ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ ଏବଂ ଗୋଟିଏ ମ୍ୟାଚ ଟାଇ ରହିଛି...**

ଟି୨୦ କ୍ରିକେଟ ବିଶ୍ୱକପର ୭ମ ସଂସ୍କରଣ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଗତ ୨ ତାରିଖରୁ ଆରମ୍ଭ ହୋଇଛି। ଏଥର ରେକର୍ଡ ସଂଖ୍ୟକ ୨୦ଟି ଦଳ ଏଥିରେ ଅଂଶଗ୍ରହଣ କରିଥିବାବେଳେ ପିଚ୍‌କୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଭାରତ ଏହାର ପ୍ରଥମ ମ୍ୟାଚ ଖେଳିସାରିଥିବାବେଳେ ଆୟର୍ଲାଣ୍ଡ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ଆଇସିସିର ପ୍ରତି ଟୁର୍ନାମେଣ୍ଟ ଭଳି ଏଥର ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ଏହି ହାଇଭୋଲ୍ଟେଜ ମ୍ୟାଚ ଆସନ୍ତା ୯ ତାରିଖରେ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଥାଏ। ତେବେ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବହୁତ ଭଲ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୫ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ ଏବଂ ଗୋଟିଏ ମ୍ୟାଚ ଟାଇରେ ଶେଷ ହୋଇଛି।

**୨୦୦୭: ମ୍ୟାଚ ଟାଇ**

୨୦୦୭ରେ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ଭାରତ ଓ ପାକିସ୍ତାନ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିଲେ। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ମ୍ୟାଚଟି ରୋମାଞ୍ଚକଭାବେ ଟାଇରେ ଶେଷ ହୋଇଥିଲା। ରବିନ ଉଥପ୍ପାଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରିଥିଲା। ଜବାବରେ ପାକିସ୍ତାନ ମଧ୍ୟ ମିସବା-ଉଲ-ହକ୍‌ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ ହରାଇ ୧୪୧ ରନରେ ସୀମିତ ରହିଥିଲା। ଟୁର୍ନାମେଣ୍ଟ ନିୟମ ଅନୁସାରେ ଫଳାଫଳ ପାଇଁ ବୋଲ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଭାରତ ୩-୦ରେ ପାକିସ୍ତାନକୁ ପରାସ୍ତ କରି ସୁପର-୮ରେ ପ୍ରବେଶ କରିଥିଲା। ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହି ପାକିସ୍ତାନ ମଧ୍ୟ ସୁପର-୮ ଯୋଗ୍ୟତା ପାଇଥିଲା। ୪ ଓଭରରେ ୧୮ ରନ ଦେଇ ୪ ଉଇକେଟ ନେଇଥିବା ପାକିସ୍ତାନର ମହମ୍ମଦ ଅସିଫ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।


ବାବର ଆଜମ


ରୋହିତ ଶର୍ମା

**୨୦୦୭: ଭାରତ ୫ ଉଇକେଟରେ ବିଜୟୀ**

ଘଟଣାକ୍ରମରେ ଉଭୟ ଭାରତ ଓ ପାକିସ୍ତାନ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେପ୍ଟେମ୍ବର ୨୪ରେ ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ହୋଇଥିଲା ମେଗା ଫାଇନାଲ। ଶ୍ୱାସରୁଦ୍ଧକାରୀ ଫାଇନାଲରେ ପାକିସ୍ତାନକୁ ୫ ଉଇକେଟରେ ହରାଇ ଭାରତ ହୋଇଥିଲା ଚାମ୍ପିୟନ। ୨୦ତମ ଓଭର ବୋଲିଂ କରିଥିବା ଯୋଗୀନ୍ଦର ଶର୍ମାଙ୍କ ଦ୍ୱିତୀୟ ବଲ୍‌କୁ ମିସ୍‌ବା ଛକାରେ ପରିଣତ କରିବାରୁ ପାକିସ୍ତାନକୁ ଅବଶିଷ୍ଟ ୪ ବଲ୍‌ରୁ ୬ ରନ ଆବଶ୍ୟକ ହେଉଥିଲା। ମାତ୍ର ତୃତୀୟ ବଲ୍‌କୁ ସ୍କୁପ ଶଟ୍ ଖେଳିବାକୁ ଯାଇ ଫାଇନ୍ ଲେଗ୍‌ରେ ଏସ. ଶ୍ରୀସନ୍ଥଙ୍କୁ କ୍ୟାଚ ଦେବାରୁ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୧୫୮ ରନ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ୧୫୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଇରଫାନ ପଠାନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪ ଓଭରରେ ମାତ୍ର ୧୬ ରନଦେଇ ୩ଟି ଉଇକେଟ ନେଇଥିଲେ।



ନ୍ୟୁୟର୍କରେ ଭାରତୀୟ କ୍ରିକେଟ ଦଳର ପ୍ରଶଂସକ

**୨୦୧୨: ଭାରତ ୮ ଉଇକେଟରେ ଜିତିଲା**

୨୦୦୯ ଓ ୨୦୧୦ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲା ହୋଇ ନ ଥିଲା। ଶ୍ରୀଲଙ୍କାରେ ଅନୁଷ୍ଠିତ ୨୦୧୨ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ପାକିସ୍ତାନକୁ ଭେଟିଥିଲା ଭାରତ। ଏଥିରେ ଟିମ୍ ଇଣ୍ଡିଆ ୮ ଉଇକେଟରେ ବିଜୟୀ ହୋଇଥିବାବେଳେ ବିରାଟ କୋହଲି ହୋଇଥିଲେ ପ୍ଲେୟର ଅଫ୍ ଦି ମ୍ୟାଚ। କଲମ୍ବୋରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୧୨୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଭାରତର ଲକ୍ଷ୍ମୀପତି ବାଲାଜୀ ୩ଟି ଏବଂ ଯୁବରାଜ ସିଂ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ଉଇକେଟ ନେଇ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବିରାଟ କୋହଲିଙ୍କ ଅପରାଜିତ ୭୮ ରନ ବଳରେ ଭାରତ ୧୭ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**୨୦୧୪: ଭାରତ ୭ ଉଇକେଟରେ ବିଜୟୀ**

ବାଂଲାଦେଶରେ ହୋଇଥିବା ୨୦୧୪ ବିଶ୍ୱକପ। ଢାକାଠାରେ ସୁପର-୧୦ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ ଭାରତ-ପାକିସ୍ତାନ। ପାକିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଉମର ଆକମଲ ସର୍ବାଧିକ ୩୩ ରନ କରିଥିଲେ। ଭାରତର ଅମିତ ମିଶ୍ର ଚମତ୍କାର ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ ନେଇ ୨୨ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ୧୩୧ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୮.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ବିରାଟ କୋହଲି ୩୬ ଓ ସୁରେଶ ରାଇନା ୩୫ ରନକରି ଅପରାଜିତ ରହିଥିଲେ। ଅମିତ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

**୨୦୧୬: ଭାରତ ୬ ଉଇକେଟରେ ବିଜୟୀ**

ଭାରତରେ ଅନୁଷ୍ଠିତ ୨୦୧୬ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲା ସୁପର-୧୦ ପର୍ଯ୍ୟାୟରେ ହୋଇଥିଲା। ମାର୍ଚ୍ଚ ୧୯ରେ କୋଲକାତାରେ ଅନୁଷ୍ଠିତ ମ୍ୟାଚରେ ଭାରତ ୬ ଉଇକେଟରେ ବିଜୟୀ ହୋଇଥିଲା। ପାକିସ୍ତାନ ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ହରାଇ ୧୧୮ ରନ କରିଥିଲା। ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ପାକିସ୍ତାନର କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ। ଶୋଏବ ମଲିକ ସର୍ବାଧିକ ୨୬ ରନ କରିଥିଲେ। ଏଭଳି ଏକ କଷ୍ଟସାଧ୍ୟ ପିଚ୍‌ରେ ବିରାଟ କୋହଲି ୫୫ରନରେ ଅପରାଜିତ ରହିବା ସହ ୧୫.୫ ଓଭରରେ ଭାରତକୁ ବିଜୟୀ କରିଥିଲେ। ଭାରତ ୪ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିନେଇଥିଲା। ଫଳରେ ସ୍ୱାଭାବିକଭାବେ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**୨୦୨୧: ପାକିସ୍ତାନକୁ ବିଜୟ ସ୍ୱାଦ**



ଓମାନ ଓ ୟୁନାଇଟେଡ ଆରବ ଏମିରେଟ୍ସରେ ହୋଇଥିଲା ୨୦୨୧ ଟି୨୦ କ୍ରିକେଟ ବିଶ୍ୱକପ। ଦୁବାଇରେ ଅକ୍ଟୋବର ୨୪ରେ ଅନୁଷ୍ଠିତ ମ୍ୟାଚରେ ଭାରତ ବିପକ୍ଷରେ ପାକିସ୍ତାନ ବିଶ୍ୱକପରେ ସର୍ବପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଦିନିକିଆ ହେଉ କି ଟି୨୦ ବିଶ୍ୱକପ ଏହା ପୂର୍ବରୁ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ୧୨ ମୁକାବିଲାରେ ଭାରତ ବିଜୟୀ ହୋଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଏହାଥିଲା ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୧ ରନ କରିଥିଲା। ବିରାଟ କୋହଲି ସର୍ବାଧିକ ୫୭ ଓ ରିଷଭ ପନ୍ତ ୩୯ ରନ କରିଥିଲେ। ପାକିସ୍ତାନର ଶାହିନ ଶାହା ଆଫ୍ରିଦୀ ୩ଟି ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ମହମ୍ମଦ ରିଜ୍ୱାନ (୭୯) ଓ ବାବର ଆଜମ (୬୮)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୭.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଟି୨୦ ବିଶ୍ୱକପରେ ଭାରତର ଏହାଥିଲା ସର୍ବପ୍ରଥମ ୧୦ ଉଇକେଟ ପରାଜୟ। ଶାହିନ ଶାହା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

**୨୦୨୨: ଭାରତ ୪ ଉଇକେଟରେ ବିଜୟୀ**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୨ ବିଶ୍ୱକପରେ ପାକିସ୍ତାନକୁ ହରାଇ ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ସୁପର-୧୨ ପର୍ଯ୍ୟାୟରେ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୪ ଉଇକେଟରେ ବିଜୟ ହାସଲ କରିଥିଲା। ଶାନ ମାସୁଦ ଓ ଇଫତିକାର ଅହମଦଙ୍କ ଅର୍ଦ୍ଧଶତକ ସହାୟତାରେ ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ଭାରତ ୩୧ ରନ ମଧ୍ୟରେ ୪ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପାକିସ୍ତାନର ବିଜୟ ଆଶାରେ ପ୍ରାଚୀର ସଦୃଶ ଦୃଢ଼ ପ୍ରତିବନ୍ଧକ ସାଜିଥିଲେ ବିରାଟ କୋହଲି। ତାଙ୍କ ଦମ୍‌ଦାର ବ୍ୟାଟିଂ ସହାୟତାରେ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନରେ ପହଞ୍ଚିଥିଲା। ୫୩ ବଲ୍‌ରୁ ୬ ଚୌକା, ୪ ଛକା ସହାୟତାରେ ୮୩ ରନରେ ଅପରାଜିତ ରହି କୋହଲି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୪୦ ରନର ଯୋଗଦାନ ଦେଇଥିଲେ।

# ଭାରତୀୟ ଫୁଟ୍‌ବଲର ପୋଷ୍ଟର ବୟ

**ଫୁଟବଲରେ ସାଧାରଣତଃ ଜର୍ସି ନମ୍ବର ୧୦କୁ ଗୁରୁତ୍ୱ ମିଳିଥାଏ। ମାତ୍ର ଭାରତରେ ୧୧ ନମ୍ବର ଜର୍ସିକୁ ଲୋକପ୍ରିୟ କରିବାରେ ସୁନୀଲ ଛେତ୍ରୀଙ୍କର ବଡ଼ ଭୂମିକା ରହିଛି। ଭାରତୀୟ ଫୁଟବଲ୍‌ର ପୋଷ୍ଟର ବୟ ତଥା କ୍ୟାପଟେନ୍ ଫାଣ୍ଟାଷ୍ଟିକ ଛେତ୍ରୀ ଫୁଟବଲରୁ ଅବସର ନେବାସହ ଏକ ଯୁଗର ଅବସାନ ଘଟିଛି...**


ସୁନୀଲ ଛେତ୍ରୀ

କ୍ରିକେଟ ପ୍ରିୟ ଭାରତରେ ଫୁଟବଲକୁ ଏକ ନୂତନ ଶିଖରରେ ପହଞ୍ଚାଇଥିଲେ ସୁନୀଲ ଛେତ୍ରୀ। ସଚିନ ତେନ୍ଦୁଲକର ଯେଉଁ ଭଳି କ୍ରିକେଟକୁ ଭାରତର କୋଣ ଅନୁକୋଣରେ ପହଞ୍ଚାଇଥିଲେ ସେଭଳି ଛେତ୍ରୀ ଫୁଟବଲକୁ ସମାନ ସ୍ତରକୁ ନେଇଥିଲେ। ଫୁଟବଲରେ ସାଧାରଣତଃ ଜର୍ସି ନମ୍ବର ୧୦କୁ ଅଧିକ ଗୁରୁତ୍ୱ ମିଳିଥାଏ। ତେବେ ଭାରତରେ ୧୧ ନମ୍ବର ଜର୍ସିକୁ ଲୋକପ୍ରିୟ କରିବାରେ ଛେତ୍ରୀଙ୍କର ଥିଲା ବଡ଼ ଭୂମିକା। ଭାରତୀୟ ଫୁଟବଲର ପୋଷ୍ଟର ବୟ ତଥା କ୍ୟାପଟେନ୍ ଫାଣ୍ଟାଷ୍ଟିକ ସୁନୀଲ ଛେତ୍ରୀ ଫୁଟବଲରୁ ଅବସର ନେଇଛନ୍ତି। ଭାରତ ପାଇଁ ଦୀର୍ଘ ୧୯ ବର୍ଷ ଧରି ଫୁଟବଲ ଖେଳିବା ସହ ସେ ସ୍କୋର କରିଛନ୍ତି ୯୪ ଅନ୍ତର୍ଜାତୀୟ ଗୋଲ୍। ଅନ୍ତର୍ଜାତୀୟ ସର୍କିଟରେ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ଛେତ୍ରୀ ଗୋଲ ସ୍କୋର କରିବାରେ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୧୧ରେ ପ୍ରଥମ ଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଇଥିବା ଛେତ୍ରୀ ଦୀର୍ଘ ସମୟ ଧରି ଭାରତୀୟ ଦଳର ନେତୃତ୍ୱ ନେବାର ରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି।

ମାତ୍ର ୫ ଫୁଟ ୭ ଇଞ୍ଚର ଉଚ୍ଚତା ଥିଲେ ମଧ୍ୟ ନିଜ ଅସାଧାରଣ ଦକ୍ଷତା ବଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସମର୍ଥ ହୋଇଥିଲେ। ଭାରତ ପାଇଁ ୧୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ସହ ସ୍କୋର କରିଥିଲେ ୯୪ ଗୋଲ୍। ୨୦୦୫ରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ ଛେତ୍ରୀ। ସିକନ୍ଦରାବାଦରେ ଜନ୍ମିତ ଛେତ୍ରୀ ଭାରତ ପାଇଁ ଅସୀମିତ ସଫଳତା ଅର୍ଜନ କରିଛନ୍ତି। ୨୦୦୭, ୨୦୦୯ ଓ ୨୦୧୨ରେ ସେ ଭାରତକୁ ନେହେରୁ କପ୍ ଓ ୨୦୧୧, ୨୦୧୫ ଓ ୨୦୨୧ରେ ସାଫ୍ ଚାମ୍ପିୟନଶିପ୍‌ରେ ବିଜୟୀ କରିଥିଲେ। ୨୦୦୮ରେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ ବିଜୟୀ ହୋଇ ୨୭ ବର୍ଷ ପରେ ଏଏଫ୍‌ସି ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ୨୦୦୨ରେ ମୋହନବାଗାନ ପକ୍ଷରୁ ନିଜ କ୍ଲବ କ୍ୟାରିୟର ଆରମ୍ଭ କରିଥିଲେ ଛେତ୍ରୀ। ଏହା ସହ ସେ ଇଷ୍ଟବେଙ୍ଗଲ, ଡେମ୍ପୋ, ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଖେଳିଥିଲେ। ୨୦୧୦ରେ ମେଜର ଲିଗ୍ ସକ୍କରରେ କାନ୍‌ସାସ ସିଟି ୱିଜାର୍ଡସ ପକ୍ଷରୁ ୨୦୧୦ରେ ଖେଳିଥିଲେ। ସେହିପରି ପର୍ତ୍ତୁଗୀଜ ଫୁଟବଲ ଲିଗ୍‌ରେ ସେ ସ୍ପୋର୍ଟିଂ ସିପି ପାଇଁ ଖେଳିଥିଲେ। ନିଜ କ୍ୟାରିୟରରେ ୭ ଥର ଏଆଇଏଫ୍‌ଏଫ୍ ପକ୍ଷରୁ ଶ୍ରେଷ୍ଠ ଫୁଟବଲର ହୋଇଥିଲେ ଛେତ୍ରୀ। କ୍ଲବ୍ ଫୁଟବଲରେ ବେଙ୍ଗାଲୁରୁ ଏଫ୍‌ସି ସହ ଛେତ୍ରୀଙ୍କୁ ମିଳିଥିଲା ସବୁଠୁ ଅଧିକ ସଫଳତା। ୨୦୧୪ ଓ ୨୦୧୬ରେ ସେ ବେଙ୍ଗାଲୁରୁ ଏଫ୍‌ସି ସହ ଆଇ ଲିଗ୍ ଚାମ୍ପିୟନ ହୋଇଥିଲେ। ୨୦୧୮ରେ ସୁପର୍ କପ୍, ୨୦୧୯ରେ ଆଇଏସ୍‌ଏଲ୍ ଜିତିବା ସହ ୨୦୧୬ରେ ଏଏଫ୍‌ସି କପ୍ ଫାଇନାଲ ଖେଳିଥିଲା ବେଙ୍ଗାଲୁରୁ ଏଫ୍‌ସି।

## ସଂକ୍ଷେପରେ ଛେତ୍ରୀଙ୍କ କ୍ୟାରିୟର

ଜନ୍ମ: ୩ ଅଗଷ୍ଟ ୧୯୮୪(ସିକନ୍ଦରାବାଦ)।
ପୋଜିସନ୍: ଫରୱାର୍ଡ
ୟୁଥ୍ କ୍ୟାରିୟର: ସିଟି କ୍ଲବ୍ ଦିଲ୍ଲୀ
ସିନିୟର କ୍ୟାରିୟର:
ମୋହନ ବାଗାନ- (୨୦୦୨-୦୫), ମ୍ୟାଚ୍-୧୮, ଗୋଲ-୮
ଜେସିଟି- (୨୦୦୫-୦୮), ମ୍ୟାଚ୍-୪୮, ଗୋଲ-୨୨
ଇଷ୍ଟ ବେଙ୍ଗଲ- (୨୦୦୮-୦୯), ମ୍ୟାଚ୍-୧୭, ଗୋଲ-୯
ଡେମ୍ପୋ- (୨୦୦୯-୧୦), ମ୍ୟାଚ୍-୧୩, ଗୋଲ-୮
କାନସାସ୍ ସିଟି ୱିଜାର୍ଡସ-(୨୦୧୦),ମ୍ୟାଚ-୦, ଗୋଲ-୦
ଚିରାଗ ୟୁନାଇଟେଡ୍-(୨୦୧୧), ମ୍ୟାଚ୍-୭, ଗୋଲ-୭)
ମୋହନ ବାଗାନ- (୨୦୧୧-୧୨), ମ୍ୟାଚ୍-୧୪, ଗୋଲ-୮
ସ୍ପୋର୍ଟିଂ ସିପିବି- (୨୦୧୨-୧୩), ମ୍ୟାଚ୍-୩, ଗୋଲ-୦
ଚର୍ଚ୍ଚିଲ ବ୍ରଦର୍ସ-(୨୦୧୩), ମ୍ୟାଚ୍-୮, ଗୋଲ୍-୪
ବେଙ୍ଗାଲୁରୁ- (୨୦୧୩-୧୫), ମ୍ୟାଚ୍-୪୩, ଗୋଲ-୧୬
ମୁମ୍ବାଇ ସିଟି ଏଫ୍‌ସି- (୨୦୧୫-୧୬), ମ୍ୟାଚ୍-୧୭, ଗୋଲ-୭
ବେଙ୍ଗାଲୁରୁ- (୨୦୧୬), ମ୍ୟାଚ୍-୧୪, ଗୋଲ-୫
ବେଙ୍ଗାଲୁରୁ- (୨୦୧୧-୧୨), ମ୍ୟାଚ୍-୧୫୪, ଗୋଲ-୬୧
୨୦ ବର୍ଷରୁ କମ୍ ଭାରତୀୟ ଦଳ- (୨୦୦୪), ମ୍ୟାଚ୍-୩, ଗୋଲ-୨
୨୩ ବର୍ଷରୁ କମ୍ ଭାରତୀୟ ଦଳ- (୨୦୦୪-୦୫), ମ୍ୟାଚ୍-୬, ଗୋଲ-୨
ସିନିୟର ଭାରତୀୟ ଦଳ- (୨୦୦୫-୨୪), ମ୍ୟାଚ୍-୧୫୧, ଗୋଲ-୯୪

## ପ୍ରମୋଶନ

ଫାଇନ୍ ଲେଗ୍, ଡିପ୍ ମିଡ୍ ଉଇକେଟ
ଥାର୍ଡ ମ୍ୟାନ ଟର୍ମ ଭଳି
ଟେଷ୍ଟ ମ୍ୟାଚ ପୁଣି ଡ୍ର'ରେ ଶେଷ ହୁଏ
ପାଞ୍ଚ ଦିନ କାଳ ଖେଳି
ଅଜଥା ସମୟ ଢାଳି
ଆମେରିକା ବାସୀଙ୍କୁ ପସନ୍ଦ ନୁହଁଇ
ବସି ମାରିବାକୁ ତାଳି।
ଏନ୍‌ଏଫ୍‌ଏଲ୍, ଏନ୍‌ବିଏ ବେସ୍‌ବଲ୍
ICC MEN'S T20 WORLD CUP WEST INDIES & USA 2024
ପାଇଁ ଲୋକେ ଉତ୍ସାହିତ
ତୃଣମୂଳ ସ୍ତରରେ ପ୍ରମୋଶନ ଲୋଡ଼ା
ଲାରା ଦେଇଅଛି ମତ
ଚାଲୁ ଟି ଟ୍ୱେଣ୍ଟି ଯାତ
ମେଜର ଲିଗ୍ ବିନା ଆମେରିକାରେ ନାହିଁ
କ୍ରିକେଟରେ ଭବିଷ୍ୟତ।
କ୍ରିକେଟ ମୁହାଁ ଆଜି ମୋ ଦେଶ ଦର୍ଶକ
ଭୁଲି ଯାଉଛନ୍ତି ହକି
ଭାରତର ନ୍ୟାଶନାଲ କ୍ରୀଡ଼ା ଜ୍ଞାନ
ନିଲ୍ କ୍ରିକେଟରେ ଆଖି
ଚାଲୁଥା ଆଗକୁ ଦେଖି
ପ୍ରମୋଶନ ବିନା ହକି ଫୁଟବଲ
କ୍ରୀଡ଼ା ବଢ଼ିବନି ବିକି।
-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI · 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୭/୨୦୨୪ Bhubaneswar, Friday, June 7/ 2024

# ଶେଷ ମ୍ୟାଚ୍ ଖେଳିଲେ କ୍ୟାପ୍ଟେନ ଫାଣ୍ଟାଷ୍ଟିକ୍

## କୁଏଟ୍ ସହ ପଏଣ୍ଟ ବାଣ୍ଟିଲା ଭାରତ

କୋଲକାତା,୬।୬

ଭାରତୀୟ ଫୁଟବଲର ପୋଷ୍ଟର ବୟ ତଥା କ୍ୟାପଟେନ୍ ଫାଣ୍ଟାଷ୍ଟିକ୍ ସୁନୀଲ ଛେତ୍ରୀ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିଛନ୍ତି। କୁଏଟ୍ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର ରାଉଣ୍ଡ-୨ ମ୍ୟାଚ୍ ଖେଳି ସେ ଅନ୍ତର୍ଜାତୀୟ ଫୁଟବଲକୁ ଅଲବିଦା ଜଣାଇଛନ୍ତି। ଏହି ମ୍ୟାଚ୍‌ଟି ଗୋଲଶୂନ୍ୟ ରହି ଶେଷ ହୋଇଥିଲେ ମଧ୍ୟ ୧୪୦ କୋଟି ଭାରତୀୟଙ୍କ ପାଇଁ ଏହା ସ୍ୱତନ୍ତ୍ର ରହିଥିଲା। ସଲ୍ଟ ଲେକ୍ ଷ୍ଟାଡିୟମରେ ୫୮୯୨୧ ଜଣ ଦର୍ଶକ ଉପସ୍ଥିତ ରହି ଛେତ୍ରୀ ଓ ଭାରତକୁ ଉତ୍ସାହିତ କରିଥିଲେ। ଭାରତ ପାଇଁ ଦୀର୍ଘ ୧୯ ବର୍ଷ ଧରି ଖେଳିଥିବା ଛେତ୍ରୀ ୧୫୧ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ସ୍କୋର କରିଛନ୍ତି ୯୪ ଗୋଲ୍। ଅନ୍ତର୍ଜାତୀୟ ସର୍କିଟରେ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ଛେତ୍ରୀ ସର୍ବାଧିକ ଗୋଲ ସ୍କୋରରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହି ଅବସର ନେଇଛନ୍ତି। ମ୍ୟାଚ୍ ପରେ ସୁନୀଲ ଛେତ୍ରୀଙ୍କୁ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ ଗାର୍ଡ ଅଫ ଅନର ପ୍ରଦାନ କରିଥିବା ବେଳେ ସେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଏହି ଡ୍ର ସହିତ ଭାରତ ୫ ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ଅର୍ଜନ କରିଛି। ଭାରତ ଏହାର ଅନ୍ତିମ ମ୍ୟାଚ୍‌ରେ ଏସିଆନ୍ ଚାମ୍ପିୟନ କାତାର ବିପକ୍ଷରେ ଖେଳିବ।


କୁଏଟ୍ ବିପକ୍ଷ ମ୍ୟାଚ୍ ପରେ ସୁନୀଲ ଛେତ୍ରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରୁଛନ୍ତି ଭାରତୀୟ ଖେଳାଳି ଓ ଅଫିସିଆଲ୍।

# ଓଡ଼ିଶାର ଦୁଇ ସଫଳ ଆଇରନମ୍ୟାନ


ଡକ୍ଟର ରଞ୍ଜନ କୁମାର ସାହୁ ଓ ରଣଜିତ କୁମାର।

ଭୁବନେଶ୍ୱର, ୬।୬ (ବିଜୟ ରଣା)

## ୟୁରୋପିଆନ ଚାମ୍ପିୟନଶିପ୍

ଜର୍ମାନୀର ହାମବର୍ଗଠାରେ ଅନୁଷ୍ଠିତ ଆଇରନମ୍ୟାନ ୟୁରୋପିଆନ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରି ଫେରିଛନ୍ତି ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ (ବିସିଏସି)ର ଦୁଇ ସଦସ୍ୟ ଡକ୍ଟର ରଞ୍ଜନ କୁମାର ସାହୁ ଓ ରଣଜିତ କୁମାର। ରଞ୍ଜନ କୁମାର ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୧୪ଘଣ୍ଟା ୧୮ମିନିଟ ୧୯ସେକେଣ୍ଡ ସହ ତାଙ୍କର ଦ୍ୱିତୀୟ ଆଇରନମ୍ୟାନ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ରଣଜିତ କୁମାର ଚମତ୍କାର ଟାଇମିଂ ୧୫ଘଣ୍ଟା ୩ମିନିଟ ୩୨ସେକେଣ୍ଡ ଟାଇମିଂରେ ପ୍ରଥମ ଥର ଆଇରନମ୍ୟାନ ଟାଇଟଲ ହାସଲ କରିଛନ୍ତି। ରାଜ୍ୟ ପାଇଁ ଏହା ଏକ ଗୌରବର ବିଷୟ। ଏହି ଇଭେଣ୍ଟ ପ୍ରତି ଆକର୍ଷଣ କ୍ରମେ ବଢ଼ିବାରେ ଲାଗିଛି। ଏଥିରେ ସମଗ୍ର ବିଶ୍ୱରୁ ପ୍ରତିଯୋଗୀମାନେ ଭାଗ ନେଇଥାନ୍ତି। ସେମାନଙ୍କୁ ୩ଟି ଖେଳ ପ୍ରତିଯୋଗିତାରେ ଭାଗ ନେବାକୁ ହୋଇଥାଏ। ହମବର୍ଗଠାରେ ଅନୁଷ୍ଠିତ ଏହି ଇଭେଣ୍ଟରେ ପ୍ରତିଯୋଗୀମାନଙ୍କୁ ୩.୮ କି.ମି. ପହଁରିବା ସହ ବାଇକ୍‌ରେ ୧୮୦ କି.ମି. ଏବଂ ମାରାଥନ ଦୌଡ଼ରେ ୪୨.୨ କି.ମି. ଅତିକ୍ରମ କରିବାକୁ ପଡ଼ିଥିଲା। ଅନ୍ତର୍ଜାତୀୟ ସ୍ତରରେ ଏହାକୁ ଏକ ଟ୍ରାଇଥଲନ କ୍ରୀଡ଼ା ଭାବେ ବିବେଚନା କରାଯାଉଛି। ଏହି ଅବସରରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବର ସଭାପତି ତଥା ଭୁବନେଶ୍ୱର-କଟକ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଟ୍ରାଇଥଲନ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା। ଏଥିରେ ଭାଗ ନେବାକୁ ହେଲେ ଜଣେ ଆଥ୍‌ଲେଟଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ ହେବାକୁ ହେବାକୁ ପଡ଼ିଥାଏ। କିଛି ବର୍ଷ ହେଲା ଏହି ଖେଳର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଡକ୍ଟର ରଞ୍ଜନ ଓ ରଣଜିତ ଅନ୍ତର୍ଜାତୀୟ ସ୍ତରରେ ପୁଣିଥରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗିକୃତ ମନୋଭାବ ଯୋଗୁ ଏହା ସମ୍ଭବପର ହୋଇପାରିଛି। ବିଦେଶରେ ସଫଳତା ଅର୍ଜନ କରି ଆସିଥିବା ଏହି ଦୁଇ ଆଥଲେଟଙ୍କୁ ବୁଧବାର ଭୁବନେଶ୍ୱର ବିମାନବନ୍ଦରରେ କ୍ଲବ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ତରଫରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।







**ORBIT MOTORS**
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290. BONAIGARH: 6372903336.

**APARNAA MOTORS**
SAMBALPUR (PARDHIAPALI): 9237395001.

**LEGEND CARS**
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

**ODYSSEY MOTORS**
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only. ^Not available in LXI, VXI MT.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ